# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଜୁଲାଇ ୨୬/୨୦୨୦ (୧୩ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, July 26/2020 | ★★★★★★

୪୬ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**‘ପର୍ସନାଲ କଥା ଶେୟାର କରେନି’**

ଅଭିନେତ୍ରୀ ନୀତି ଟେଲର ସୋସିଆଲ ମିଡିଆରେ ପର୍ସନାଲ ଲାଇଫ୍ କଥା ଶେୟାର କରିବାକୁ ପସନ୍ଦ କରନ୍ତି ନାହିଁ। ଏଥିଲାଗି ବାରମ୍ବାର ଟ୍ରୋଲ ହେବାକୁ ପଡ଼ିଥାଏ ବୋଲି ସେ କହିଛନ୍ତି। ୧୦

୧୩ **କରୋନା ସଂକ୍ରମିତ ହୋଇଛନ୍ତି ଜାଭି**

ପୂର୍ବତନ ସ୍ପେନ୍ ଓ ବାର୍ସିଲୋନା ମିଡ୍‌ଫିଲ୍ଡର ତଥା ଅଲ-ସାଦ୍ କୋଚ୍ ଜାଭି ହର୍ନାଣ୍ଡିଜ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି।



## ୧୫ ପଇସା ବଢ଼ିଲା ଡିଜେଲ

**ଭୁବନେଶ୍ୱର,୨୫।୭**

ଚଳିତ ମାସ ଡିଜେଲ ଦର ଲଗାତର ଭାବେ ବୃଦ୍ଧି ପାଇଚାଲିଛି। ଶନିବାର ତୈଳ ବିପଣନ କମ୍ପାନୀଗୁଡ଼ିକ ଦର ପରିବର୍ତ୍ତନ କରିବା ଫଳରେ ଡିଜେଲ ଲିଟର ପିଛା ୧୫ ପଇସା ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ଡିଜେଲ ଦର ୭୯.୭୩ ଟଙ୍କାରୁ ବୃଦ୍ଧି ପାଇ ୭୯.୮୮ ଟଙ୍କା ଛୁଇଁଛି। ଏହି ସମୟରେ ଘରୋଇ ବଜାରରେ ପେଟ୍ରୋଲ ଦର ଅପରିବର୍ତ୍ତିତ ରହିଛି। ଏଠାରେ ଗୋଟିଏ ଲିଟର ପେଟ୍ରୋଲ ଦର ୮୧.୦୧ ଟଙ୍କା ରହିଥିବା ରାଷ୍ଟ୍ରାୟତ୍ତ କମ୍ପାନୀ ଇଣ୍ଡିଆନ ଅଏଲ ପକ୍ଷରୁ ସୂଚନା ରହିଛି। ଚଳିତ ମାସରେ ତୈଳ ବିପଣନ କମ୍ପାନୀଗୁଡ଼ିକ ୯ଥର ଡିଜେଲ ଦର ବୃଦ୍ଧି କରିଥିବା ଜଣାପଡ଼ିଛି। ଏହା ପୂର୍ବରୁ ସୋମବାର ଡିଜେଲ ୨୦ ପଇସା ବଢ଼ିଥିଲା। ଏହି ସମୟରେ ନୂଆଦିଲ୍ଲୀରେ ଡିଜେଲ ଦର ରେକର୍ଡ ସ୍ତର ଛୁଇଁଛି। ଏଠାରେ ଗୋଟିଏ ମାସରେ ଡିଜେଲ ୧.୪୫ ଟଙ୍କା ବଢ଼ିବା ଯୋଗୁ ଦର ୮୧.୭୯ ଟଙ୍କା ରହିଛି। ସେହିଭଳି ଦେଶର ଅନ୍ୟ ମେଟ୍ରୋ ସହରଗୁଡ଼ିକରେ ଡିଜେଲ ଦର ୧୩ରୁ ୧୫ ପଇସା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଭାଷଣସର୍ବସ୍ୱ ସରକାର**

# ବ୍ୟବସାୟିକ କ୍ଷତି ୩ ହଜାର କୋଟି

**ଖୁଚୁରା ବଜାରରେ କରୋନା ପ୍ରହାର**

- ୩୦ହଜାର କୋଟିର ବେପାର ମାନ୍ଦା
- ୫୦% ବ୍ୟବସାୟ କମିଛି
- ଘୋଷଣା ସତ୍ତ୍ୱେ ମିଳି ନାହିଁ ଆର୍ଥିକ ସହାୟତା



**ଭୁବନେଶ୍ୱର,୨୫।୭(ବ୍ୟୁରୋ)**

କୋଭିଡ୍-୧୯ ଏବଂ ଲକ୍‌ଡାଉନ୍ ଯୋଗୁ ଓଡ଼ିଶାର ରିଟେଲ ବିଜ୍‌ନେସ୍ ବା ଖୁଚୁରା ବ୍ୟବସାୟ ବିଶେଷମାତ୍ରାରେ ପ୍ରଭାବିତ ହୋଇଛି। ଏହି ସମୟ ମଧ୍ୟରେ ପ୍ରାୟ ୩ହଜାର କୋଟି ଟଙ୍କାର କ୍ଷତି ଖୁଚୁରା ବ୍ୟବସାୟକୁ ସହିବାକୁ ପଡ଼ିଛି। କେବଳ ଏତିକି ନୁହେଁ, ରାଜ୍ୟର ବ୍ୟବସାୟୀଙ୍କ ୩୦ହଜାର କୋଟିର ବ୍ୟବସାୟ ମାନ୍ଦା ହୋଇଛି। କରୋନା ମହାମାରୀ ସମୟରେ ରାଜ୍ୟର ରିଟେଲ୍ ବ୍ୟବସାୟ ମାସିକ ମାତ୍ର ୬,୫୦୦ କୋଟି ଟଙ୍କାରେ ସୀମିତ ରହୁଥିବା ଓଡ଼ିଶା ବ୍ୟବସାୟୀ ମହାସଂଘ ତଥ୍ୟରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଓଡ଼ିଶାରେ ୨୦ଲକ୍ଷ ରିଟେଲର୍ ଥିବାବେଳେ ସେମାନଙ୍କ ମଧ୍ୟରେ ୧୬ଲକ୍ଷ କ୍ଷୁଦ୍ର ବ୍ୟବସାୟୀ ଅଛନ୍ତି। ସେହିପରି ୩ ଲକ୍ଷ ୫୦ ହଜାର ମଧ୍ୟମ ବର୍ଗର ବ୍ୟବସାୟୀ ରହିଥିବା ବେଳେ ୫୦ହଜାର ହୋଲ୍‌ସେଲର ଅଛନ୍ତି। ରାଜ୍ୟର ରିଟେଲ୍ ମାର୍କେଟ ଭାଲ୍ୟୁ ଏହି ବ୍ୟବସାୟୀଙ୍କ ଉପରେ ନିର୍ଭର କରିଥାଏ। ହେଲେ କରୋନାଜନିତ ଲକ୍‌ଡାଉନ୍ ପାଇଁ ଏହି ବ୍ୟବସାୟୀମାନେ ବିପୁଳ କ୍ଷତି ସହିଥିବା ଜଣାପଡ଼ିଛି।

କରୋନା ସଂକ୍ରମଣକୁ ରୋକିବାକୁ ସରକାର ମାର୍ଚ୍ଚ ମାସରୁ ୩ମାସ ଲଗାତର ଲକ୍‌ଡାଉନ୍ ଘୋଷଣା କରିଥିଲେ। ଏହାପରେ ଉଜୁଡ଼ି ଯାଇଥିବା ଅର୍ଥନୀତିକୁ ଟ୍ରାକ୍‌କୁ ଆଣିବା ଲାଗି ଅନ୍‌ଲକ୍ ବା ତାଲା ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅନ୍‌ଲକ୍ ପରେ ସବୁକିଛି ସ୍ୱାଭାବିକ ହୋଇଯିବ ବୋଲି ରାଜ୍ୟ ବ୍ୟବସାୟୀମାନେ ଆଶା କରିଥିଲେ। ହେଲେ କରୋନା ସ୍ଥିତି ଆହୁରି ଖରାପ ହେବାରୁ ରାଜ୍ୟ ସରକାର ପୁଣିଥରେ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ରାଜଧାନୀ ଭୁବନେଶ୍ୱର ଓ କଟକକୁ ମିଶାଇ ୪ଟି ପ୍ରମୁଖ ଜିଲା ଏବଂ ରାଉରକେଲାକୁ ୧୪ଦିନ ପାଇଁ ଅର୍ଥାତ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ପୁଣିଥରେ ଖୁଚୁରା ବ୍ୟବସାୟୀଙ୍କ ପେଟଉପରେ ପ୍ରହାର ପଡ଼ିଛି। ସାଧାରଣ ସମୟରେ ରାଜ୍ୟର ରିଟେଲ୍ ମାର୍କେଟ ଭାଲ୍ୟୁ ବାର୍ଷିକ ୧.୫୦ଲକ୍ଷ କୋଟି ଟଙ୍କା ରହିଥାଏ। ୧୨,୫୦୦ କୋଟି ଟଙ୍କାର ମାସିକ ବ୍ୟବସାୟ ହେଉଥିବା ବେଳେ ଦିନକୁ ୪୧୫ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। ☞ପୃଷ୍ଠା-୪

# ୧୦ ଜୀବନ ଗଲା

**ଉଗ୍ରରୂପ ନେଉଛି ମହାମାରୀ**

- ୧୭ଜିଲ୍ଲାରୁ ପ୍ରାଣ ହରାଇଲେଣି ୧୩୦
- ଗଞ୍ଜାମରୁ ସର୍ବାଧିକ ୭୩ ମୃତ
- ଆଉ ୧,୩୨୦ ନୂଆ ପଜିଟିଭ୍ ଚିହ୍ନଟ, ୭୨୮ ସୁସ୍ଥ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ରାଜ୍ୟର ସବୁ ଜିଲାକୁ ପଶିବା ପରେ ମହାମାରୀ କରୋନା ଏବେ ଉଗ୍ରରୂପ ନେବାରେ ଲାଗିଛି। ଜୁଲାଇ ଆରମ୍ଭରୁ ହୁହୁ ହୋଇ ମାଡ଼ି ଚାଲିଥିବା ଏହି ମହାମାରୀ ପ୍ରଥମଥର ଗୋଟିଏ ଦିନରେ ୧୦ଜଣଙ୍କ ଜୀବନ ନେଇଛି। ମାର୍ଚ୍ଚ ୧୫ରେ ଓଡ଼ିଶାରେ ପାଦଥାପିଥିବା କରୋନା ଏପ୍ରିଲ ୮ରେ ପ୍ରଥମ ମୁଣ୍ଡ ନେଇଥିଲା। ଏହାର ୬୫ ଦିନ ପରେ ଅର୍ଥାତ୍ ଜୁନ୍ ୧୨ରେ କରୋନାଜନିତ ମୃତ୍ୟୁସଂଖ୍ୟା ୧୦ରେ ପହଞ୍ଚିଥିଲା। ହେଲେ ଏବେ ଗୋଟିଏ ଦିନରେ ୬ ଜିଲାରୁ ୧୦ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିବା ପରେ ରାଜ୍ୟରେ ସ୍ଥିତି କେତେ ଭୟଙ୍କର ହୋଇଛି ତାହା ଜଣାପଡୁଛି। ଏହି ମୃତକଙ୍କ ମଧ୍ୟରେ ଗଞ୍ଜାମର ୩ଜଣ ଥିବାବେଳେ ସୁନ୍ଦରଗଡ଼ ଓ ବାଲେଶ୍ୱରର ୨ଜଣ ଲେଖାଏ ଏବଂ ଗଜପତି, ଝାରସୁଗୁଡ଼ା ଓ ରାୟଗଡ଼ାର ଜଣେ ଲେଖାଏ ରହିଛନ୍ତି। ୯ଜଣ ପୁରୁଷ ଓ ବାଲେଶ୍ୱରର ଜଣେ ୬୦ ବର୍ଷୀୟ ମହିଳା ରହିଛନ୍ତି। ☞ପୃଷ୍ଠା-୪

## ଆସନ୍ତା ସପ୍ତାହରେ ମାଟ୍ରିକ ଫଳ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ଚଳିତ ମାସ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ଶନିବାର ମାଧ୍ୟମିକ ଶିକ୍ଷା ବୋର୍ଡ ସଭାପତି ରାମାଶିଷ ହାଜରା ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଆସନ୍ତା ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବ। ଆଉ ଦିନେ ଦୁଇଦିନ ଭିତରେ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯିବ ବୋଲି ରାମାଶିଷ କହିଛନ୍ତି। ଚଳିତବର୍ଷ ଫେବୃୟାରୀ ୧୯ରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ସରିଥିଲା। ୫ଲକ୍ଷ ୬୦ ହଜାର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ୬୦ଟି ମୂଲ୍ୟାୟନ କେନ୍ଦ୍ରରେ ମାର୍ଚ୍ଚ ୧୮ରୁ ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କିନ୍ତୁ କରୋନା ଯୋଗୁ ଆରମ୍ଭରୁ ଖାତା ଦେଖାକୁ ସ୍ଥଗିତ ରଖାଯାଇଥିଲା।






ରାଷ୍ଟ୍ରପତି ଭାବେ ରାମନାଥ କୋବିନ୍ଦ ଶନିବାର ୩ ବର୍ଷ ପୂରଣ କରିଛନ୍ତି। କରୋନା ମୁକାବିଲାରେ ସେ ଦେଶକୁ ମାର୍ଗଦର୍ଶନ ଦେବା ସହ ପିଏମ୍-କେୟାର୍ସ ପାଣ୍ଠିକୁ ଗୋଟିଏ ମାସର ବେତନ ଦାନ କରିଛନ୍ତି ଓ ବର୍ଷେ ପର୍ଯ୍ୟନ୍ତ ନିଜ ବେତନର ୩୦ ପ୍ରତିଶତ କାଟ୍ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ରାଷ୍ଟ୍ରପତି ଭବନରେ ରାଜ୍ୟପାଳ ଓ ଉପରାଜ୍ୟପାଳମାନଙ୍କ ସମ୍ମିଳନୀର ଆୟୋଜନ କରିଥିଲେ।



ବେଙ୍ଗାଲୁରୁର ବନ୍ନେରଘାଟ ଜୈବ ଉଦ୍ୟାନରେ ନବଜାତ ଶାବକ ସହ ଜଳହସ୍ତୀ 'ଦୁଶ୍ୟା'।

## ୬ ସହରରେ କୋଭିଡ୍ ଟିକାର ମାନବ ପରୀକ୍ଷା ଆରମ୍ଭ

**ନୂଆଦିଲ୍ଲୀ,୨୫।୭:** ଭାରତ ବାୟୋଟେକ୍ ଏବଂ ଜାଇଡସ କାଡିଲା ଦ୍ୱାରା ପ୍ରସ୍ତୁତ ଦୁଇଟି ଟିକାର ମାନବ ଶରୀରରେ ପରୀକ୍ଷା ୬ଟି ସହରରେ ଆରମ୍ଭ ହୋଇଛି। ଏଥିପାଇଁ ଉକ୍ତ ସହରର ୫୦୦ ସ୍ୱେଚ୍ଛାସେବୀଙ୍କୁ ଚୟନ କରାଯାଇଛି। ଶୁକ୍ରବାର ଦିଲ୍ଲୀ ଏମ୍ସରେ ପ୍ରଥମେ ଜଣେ ବ୍ୟକ୍ତିକୁ କୋଭାକ୍ସିନ୍ର ୦.୫ ଏମ୍ଏଲ୍ ଇଞ୍ଜେକ୍ସନ ଦିଆଯାଇଥିଲା। ଉଭୟ କମ୍ପାନୀର ଟିକା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା ପାଇଁ ଅନୁମତି ପାଇବା ପରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ କରିଦେଇଛନ୍ତି। ଏଥିସହିତ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପ୍ରସ୍ତୁତ କରିଥିବା ଟିକା ଖୁବ୍ଶୀଘ୍ର ଭାରତରେ ପରୀକ୍ଷା ହେବାକୁ ଯାଉଛି। ଉକ୍ତ ଟିକା ପ୍ରସ୍ତୁତିରେ ଭାରତର ସେରମ୍ ଇନ୍ଷ୍ଟିଚ୍ୟୁଟ ଅଂଶୀଦାର ରହିଛି।

# ସଂକ୍ରମଣ ସତ୍ତ୍ୱେ ସ୍କୁଲ ଖୋଲୁ

### ହ୍ୱାଇଟ୍ ହାଉସ୍ର ମତ

**ୱାଶିଂଟନ,୨୫।୭**

ଆମେରିକାରେ କରୋନା ଭୟଙ୍କର ରୂପ ନେଇଥିବାବେଳେ ସ୍କୁଲ୍ ଖୋଲିବା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଚାହୁଁଛନ୍ତି। ମାର୍ଚ୍ଚ ମାସରୁ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ଥିବାରୁ ପିଲାଙ୍କ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଛି। ସଂକ୍ରମଣ ସତ୍ତ୍ୱେ ପିଲାମାନେ ସ୍କୁଲ ଯିବା ଆବଶ୍ୟକ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି। କରୋନା ମହାମାରୀରେ ଆମେରିକାରେ ୧,୪୦,୦୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ସ୍କୁଲ ଗଲେ ପିଲାମାନଙ୍କୁ କରୋନା ସଂକ୍ରମଣ ହୋଇପାରେ ବୋଲି ଶିକ୍ଷକ ଓ ଅଭିଭାବକମାନେ ଆଶଙ୍କା ପ୍ରକଟ କରୁଥିବାବେଳେ ଅଧିକ ଦିନ ସ୍କୁଲ ବନ୍ଦ କରାଯିବା ଉଚିତ ନୁହେଁ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କେଲିଗ୍ ମାକେନାନି



କହିଛନ୍ତି। ବୟସ୍କଙ୍କ ଭଳି ପିଲାମାନଙ୍କୁ କରୋନା ଭୂତାଣୁ ସଂକ୍ରମିତ ହୋଇ ନ ଥାଏ। ୧୦ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ସଂକ୍ରମଣ କମ୍ ହୋଇଥାଏ ବୋଲି ହ୍ୱାଇଟ୍ ହାଉସ୍ର କରୋନା ଟାସ୍କଫୋର୍ସ ସଦସ୍ୟ ଡ. ଡେବୋରାହ୍ ବିର୍କ୍ସ କହିଛନ୍ତି।

# ରାଜସ୍ଥାନରେ କଂଗ୍ରେସ-ଭାଜପା ଛକାପଞ୍ଝା

**ଜୟପୁର,୨୫।୭(ପି.ଟି.)**

- ଆବଶ୍ୟକ ହେଲେ ରାଷ୍ଟ୍ରପତିଙ୍କ ପାଖକୁ ଯିବୁ: ଗେହଲଟ
- ସରକାର ଭାଙ୍ଗିବାକୁ ଷଡ଼ଯନ୍ତ୍ର କରୁଛି ଭାଜପା: କଂଗ୍ରେସ
- ରାଜ୍ୟପାଳଙ୍କୁ ଭେଟିଲେ ଭାଜପା ପ୍ରତିନିଧି

ରାଜସ୍ଥାନରେ ଅଶୋକ ଗେହଲଟ ସରକାରକୁ ଭାଙ୍ଗିଦେବା ପାଇଁ ଭାଜପା ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ କରି କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜୟପୁର ସମେତ ସମସ୍ତ ଜିଲା ସଦର ମହକୁମାରେ କଂଗ୍ରେସ କର୍ମୀମାନେ ଏକାଠି ହୋଇ ଭାଜପା ବିରୋଧରେ ସ୍ଲୋଗାନ ଦେବା ସହ ରାଜ୍ୟପାଳ ତୁରନ୍ତ ବିଧାନସଭା ଅଧିବେଶନ ଡାକିବାକୁ ଦାବି କରିଥିଲେ। ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ଲାଗି ସୁଯୋଗ ଦିଆଯାଉନି। ଭାଜପାର ଏହି ଷଡ଼ଯନ୍ତ୍ର କଦାପି ସଫଳ ହେବନାହିଁ। ଆବଶ୍ୟକ ପଡ଼ିଲେ ଭାରତର ରାଷ୍ଟ୍ରପତିଙ୍କ ପାଖକୁ ଯିବା ପାଇଁ ପ୍ରସ୍ତୁତ ଥିବା ମୁଖ୍ୟମନ୍ତ୍ରୀ ଗେହଲଟ କଂଗ୍ରେସ ବିଧାୟକମାନଙ୍କୁ କହିଛନ୍ତି। ରାଷ୍ଟ୍ରପତି ଭବନ ଏବଂ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଗରେ ପିକେଟିଂ କରିବାକୁ ପଡ଼ିଲେ ମଧ୍ୟ ସେଥିପାଇଁ ପ୍ରସ୍ତୁତ ରହିବାକୁ ଗେହଲଟ ତାଙ୍କ ବିଧାୟକମାନଙ୍କୁ କହିଛନ୍ତି।

ସଚିନ ପାଇଲଟଙ୍କ ନେତୃତ୍ୱରେ ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବାରୁ ରାଜସ୍ଥାନ ହାଇକୋର୍ଟ ସାମୟିକ



ଅଶୋକ ଗେହଲଟ୍

ସୁରକ୍ଷା ଦେବା ପରେ ସୋମବାର ବିଧାନସଭା ଅଧିବେଶନ ଡାକିବା ଦାବିରେ ଶୁକ୍ରବାର ଗେହଲଟ ଓ କଂଗ୍ରେସ ବିଧାୟକମାନେ ରାଜ୍ୟପାଳ



ରାଜ୍ୟପାଳ କଲରାଜ ମିଶ୍ରଙ୍କୁ ଭେଟିବା ପରେ ଭାଜପା ନେତାମାନେ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

କଲରାଜ ମିଶ୍ରଙ୍କ ବାସଭବନରେ ଦୀର୍ଘସମୟ ଧାରଣାରେ ବସିଥିଲେ। ସେ ୧୦୨ ବିଧାୟକଙ୍କ ସମର୍ଥନ ଥିବା ଏକ ପତ୍ର ରାଜ୍ୟପାଳଙ୍କୁ ଦେଇଥିଲେ। ବିଧାନସଭା ଅଧିବେଶନ ଡାକିବା ପାଇଁ ସାଧାରଣତଃ ୨୧ଦିନିଆ ନୋଟିସ ଆବଶ୍ୟକ ହୋଇଥାଏ। କ୍ୟାବିନେଟ ନୋଟ୍ରେ ଅଧିବେଶନ ଡାକିବା ଲାଗି ତାରିଖ ଉଲ୍ଲେଖ ନ ଥିବା ରାଜ୍ୟପାଳ କହିବା ସହ କରୋନା ସ୍ଥିତିକୁ ଧ୍ୟାନରେ ରଖିବା ପାଇଁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହା ପରେ ଗେହଲଟ କଂଗ୍ରେସ ବିଧାୟକମାନଙ୍କ ସହ ବୈଠକ କରିବା ସହ କ୍ୟାବିନେଟ ବୈଠକରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଚାପର ବଶବର୍ତ୍ତୀ ହୋଇ ରାଜ୍ୟପାଳ ଅଧିବେଶନକୁ ବିଳମ୍ବ କରାଉଥିବା ସେ ଅଭିଯୋଗ କରିଥିଲେ। ପୁନର୍ବାର ସେ ରାଜ୍ୟପାଳଙ୍କୁ ଭେଟି ସାନି ଅନୁରୋଧ ପତ୍ର ଦେବେ ବୋଲି ଜଣାପଡ଼ିଛି। ଏନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଥିଲା।

ସେପଟେ ରାଜସ୍ଥାନ ଭାଜପା ସଭାପତି ସତୀଶ ପୁନିଆ ଏବଂ ବିରୋଧୀ ଦଳ ନେତା ଗୁଲାବ ଚନ୍ଦ୍ର କଟାରିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଶନିବାର ଭେଟି କୋଭିଡ୍-୧୯ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି। ରାଜସ୍ଥାନରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଥିବା ପୁନିଆ ରାଜଭବନରୁ ଫେରିବା ପରେ ଖବରଦାତାମାନଙ୍କୁ କହିଛନ୍ତି। ମୁଖ୍ୟମନ୍ତ୍ରୀ ନାଟକବାଜି ଚଳାଇବା ସହ ରାଜ୍ୟପାଳଙ୍କୁ ସାମ୍ବିଧାନିକ ଦାୟିତ୍ୱ ନିର୍ବାହ କରିବାରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଭାଜପା ନେତା ସମାଲୋଚନା କରିଛନ୍ତି। ରାଜଭବନରେ ଧାରଣାରେ ବସିବା ଏକ ନାଟକବାଜି। ରାଜସ୍ଥାନରେ କରୋନା ମହାମାରୀ ନିୟନ୍ତ୍ରଣ ବାହାରକୁ ଯାଇଥିବାବେଳେ ଏହାକୁ ଗୁରୁତର ସହ ନିଆଯିବା ଆବଶ୍ୟକ ବୋଲି ପୁନିଆ କହିଛନ୍ତି।

## ଶିବରାଜ କରୋନା ସଂକ୍ରମିତ

**ଭୋପାଳ,୨୫।୭**

ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ କରୋନା ଆକ୍ରାନ୍ତ ହୋଇଛନ୍ତି। ଶନିବାର ତାଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୋପାଳର ଚିରାୟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚୌହାନ ଏ ସମ୍ପର୍କରେ ଟୁଇଟ କରି ଜଣାଇଛନ୍ତି। ସଂସ୍ପର୍ଶରେ ଆସିଥିବା ସମସ୍ତ ସହଯୋଗୀ ନିଜ ନିଜ କରୋନା ପରୀକ୍ଷା କରାଇ ନିଅନ୍ତୁ ବୋଲି ସେ ଅପିଲ କରିଛନ୍ତି। ଚିକିତ୍ସା ସମୟରେ ମଧ୍ୟ କରୋନା ମୁକାବିଲା ଦିଗରେ ପଦକ୍ଷେପ ନେବା ଲାଗି ସେ ମନ ବଳାଇଛନ୍ତି। ଭାରତରେ ଶିବରାଜ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ, ଯିଏ କରୋନା ଭୂତାଣୁରେ ସଂକ୍ରମିତ ହୋଇଛନ୍ତି। ମଧ୍ୟପ୍ରଦେଶ ରାଜ୍ୟପାଳ ଲାଲ୍ଜୀ ଟଣ୍ଡନ ହସ୍ପିଟାଲରେ ଥିବାବେଳେ ତାଙ୍କୁ ଦେଖିବା ଲାଗି ଜୁଲାଇ ୨୧ରେ



ଶିବରାଜ ସିଂ ଚୌହାନ

ମୁଖ୍ୟମନ୍ତ୍ରୀ ଚୌହାନଙ୍କ ସହ ପ୍ରଦେଶ ଭାଜପା ଅଧ୍ୟକ୍ଷ ଭି.ଡି. ଶର୍ମା, ସଙ୍ଗଠନର ସାଧାରଣ ସମ୍ପାଦକ ସୁହାସ୍ ଭଗତ ଏକ ସରକାରୀ ବିମାନରେ ଲକ୍ଷ୍ନୌ ଯାଇଥିଲେ। ସେଠାରୁ ଫେରିବା ପରେ ଶିବରାଜ ଅସୁସ୍ଥ ହୋଇଥିଲେ। ପ୍ରକାଶଥାଉ କି, ଜୁଲାଇ ୨୨ରେ ଚୌହାନଙ୍କ ଜଣେ ସହଯୋଗୀ ମନ୍ତ୍ରୀ କରୋନା ଆକ୍ରାନ୍ତ ହୋଇଥିଲେ।

## ରାମମନ୍ଦିର ଭୂମିପୂଜା ପ୍ରସ୍ତୁତିର ସମୀକ୍ଷା କଲେ ଆଦିତ୍ୟନାଥ

**ଲକ୍ଷ୍ନୌ,୨୫।୭:** ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ଅଯୋଧ୍ୟା ଗସ୍ତ କରି ରାମମନ୍ଦିର ଭୂମିପୂଜା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅପରାହ୍ଣରେ ସେ ପହଞ୍ଚିବା ପରେ ସେଠାରେ ଏକ ପୂଜାପାଠରେ ଭାଗ ନେଇଥିଲେ। ପରେ ହନୁମାନଗଡ଼ି ମନ୍ଦିରରେ ପ୍ରାର୍ଥନା କରିଥିଲେ। ମନ୍ଦିର ନିର୍ମାଣ କାର୍ଯ୍ୟଶାଳା ରାମମନ୍ଦିର ନିର୍ମାଣ ଲାଗି ଥିବା ପଥରରେ ତିଆରି କଳାକୃତିଗୁଡ଼ିକୁ ଅନୁଧ୍ୟାନ କରିଥିଲେ। କରସେବକପୁରମ୍ଠାରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ମୁଖ୍ୟାଳୟଠାରେ ସେ ସାଧୁସନ୍ଥ ଓ ରାମମନ୍ଦିର ଟ୍ରଷ୍ଟ ସଦସ୍ୟଙ୍କ ସହ ଏକ ବୈଠକ କରିଥିଲେ।

## ଶ୍ୱାସରୁଦ୍ଧ ହୋଇ ୪୩ ଗାଈ ମୃତ

**ବିଳାସପୁର,୨୫।୭(ପି.ଟି.)**

ଛତିଶଗଡ଼ର ବିଳାସପୁର ଜିଲା ଅନ୍ତର୍ଗତ ଏକ ପଞ୍ଚାୟତ ବିଲ୍ଡିଂର ଛୋଟ କୋଠରିରେ ୬୦ଟି ଗାଈଙ୍କୁ ବନ୍ଦ କରି ରଖାଯାଇଥିଲା। ସେଥିରୁ ୪୩ ଗାଈ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ଶନିବାର ସକାଳେ ଉକ୍ତ ବିଲ୍ଡିଂରୁ ଦୁର୍ଗନ୍ଧ ଆସିବାରୁ ଗ୍ରାମବାସୀ ସେଠାକୁ ଯାଇ ଗାଈଗୁଡ଼ିକ ମରିଯାଇଥିବା ଦେଖିବାକୁ ପାଇଥିଲେ। କେବେଠାରୁ ଓ କ'ଣ ପାଇଁ ଉକ୍ତ ପୁରୁଣା ପଞ୍ଚାୟତ ବିଲ୍ଡିଂରେ ଏତେସଂଖ୍ୟାରେ ଗାଈଙ୍କୁ ରଖାଯାଇଥିଲା ତାହାର ତଦନ୍ତ କରାଯାଉଥିବା ବିଳାସପୁର ଜିଲାପାଳ ସାରାଂଶ ମିତ୍ତର କହିଛନ୍ତି। ଜୀବ ନିଷ୍ଠୁରତା ନିରାକରଣ ଆଇନ ଏବଂ ଆଇପିସିର ଧାରା ୪୨୯ରେ ପୋଲିସ ମାମଲା ରୁଜୁ କରିଛି।

## ଆଉ ୬ ପୋସେଇଡନ୍ ବିମାନ କିଣିବ ଭାରତ

**ନୂଆଦିଲ୍ଲୀ,୨୫।୭**

ଚାଇନା ସହ ସାମରିକ ବିବାଦ ଲାଗି ରହିଥିବାବେଳେ ଭାରତ ଆଉ ୬ଟି ପୋସେଇଡନ୍-୮ଆଇ ବିମାନ ଆମେରିକାରୁ କିଣିବାକୁ ଯାଉଛି। ଏଥିସହିତ ୬ଟି ପ୍ରେଡାଟର-ବି ସଶସ୍ତ୍ର ଡ୍ରୋନ୍ କିଣିବା ଲାଗି ଯୋଜନା କରାଯାଉଛି। ୨୦୦୯ ଜାନୁୟାରୀରେ ନୌସେନାରେ ୮ଟି ପୋସେଇଡନ୍-୮ଆଇ ସାମିଲ ହୋଇଥିଲା। ୨୦୧୬ ଜୁଲାଇରେ ହୋଇଥିବା ଚୁକ୍ତି ଅନୁଯାୟୀ ଆଉ ୪ଟି ବିମାନ ଡିସେମ୍ବରରେ ଆମେରିକା ଯୋଗାଇଦେବ। ନାଭାଲ ପୋସେଇଡନ୍-୮ଆଇ ବିମାନରେ ରାଡାର, ଇଲେକ୍ଟ୍ରୋ ଅପ୍ଟିକ୍ ସେନ୍ସର, ହାର୍ପୁନ୍ ବ୍ଲକ୍୨ କ୍ଷେପଣାସ୍ତ୍ର ଏବଂ ଏମ୍କେ-୫୪ ହାଲୁକା ଟରପେଡୋ



ରହିଛି। ଭାରତ ମହାସାଗର ସମେତ ପୂର୍ବ ଲଦାଖ ଉପରେ ନଜର ରଖିବାରେ ଏହି ବିମାନକୁ ବ୍ୟବହାର କରାଯାଉଛି। ୧.୮ ବିଲିୟନ ଡଲାରରେ ପୁଣି ୬ଟି ପୋସେଇଡନ୍-୮ଆଇ କିଣିବା ଲାଗି ଆମେରିକାକୁ ଅନୁରୋଧ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି। ଆମେରିକା କଂଗ୍ରେସର ଅନୁମୋଦନ ମିଳିବା ପରେ ଆସନ୍ତା ବର୍ଷ ଚୁକ୍ତି ସ୍ୱାକ୍ଷର ହେବ। ସେହିପରି ଜରୁରୀ ଆବଶ୍ୟକତା ଭିତ୍ତିରେ ୬ଟି ପ୍ରେଡାଟର-ବି ଡ୍ରୋନ୍ କିଣିବା ପାଇଁ ସଶସ୍ତ୍ର ବଳ ବିଚାର କରୁଛି।

## 'କରୋନା ସାଧାରଣ ଥଣ୍ଡା ରୋଗ ଭଳି'

**ବେଙ୍ଗାଲୁରୁ,୨୫।୭:** କର୍ଣ୍ଣାଟକ ବେଲ୍ଲାରୀ ଜିଲାରେ କରୋନା ବିଜୟୀ ହୋଇ ଘରକୁ ଫେରିଥିବା ଶତାୟୁ ମହିଳା ହାଲ୍ଲାମା ଏହା ସାଧାରଣ ଥଣ୍ଡା ରୋଗ ଭଳି ବୋଲି କହିଛନ୍ତି। ଏହାକୁ ଏତେ ଭୟ କରିବାର କିଛି ନାହିଁ। ଚିକିତ୍ସା ହେଲେ ଏହା ଭଲ ହୋଇଯିବ ବୋଲି ସେ ମତ ଦେଇଛନ୍ତି।



ହାଲ୍ଲାମା

## ଗଭର୍ନରଙ୍କ ଗିରଫ ପ୍ରତିବାଦରେ ରୁଷିଆରେ ବିକ୍ଷୋଭ

**ଖବରୋଭସ୍କ,୨୫।୭**

ଏକ ହତ୍ୟା ଅଭିଯୋଗରେ ରୁଷିଆର ଆଞ୍ଚଳିକ ଗଭର୍ନର ସେର୍‌ଗେଇ ଫୁର୍‌ଗାଲଙ୍କୁ ଗିରଫ କରାଯିବା ପ୍ରତିବାଦରେ ଶନିବାର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରାଜରାସ୍ତାକୁ ଓହ୍ଲାଇଥିଲେ। ଚାଇନା ସୀମାକୁ ଲାଗିଥିବା ରୁଷିଆର ଖବରୋଭସ୍କ ସହରରେ ସେମାନେ ବିଶାଳ ପ୍ରତିବାଦ ଶୋଭାଯାତ୍ରା କରିଥିଲେ। ଗଭର୍ନର ଗିରଫ ଘଟଣାର ପ୍ରତିବାଦରେ ଦୁଇ ସପ୍ତାହ ହେଲା ବିକ୍ଷୋଭ ଜାରି ରହିଥିବାବେଳେ କ୍ରେମଲିନ୍ ପାଇଁ ବଡ଼ ଚ୍ୟାଲେଞ୍ଜ ହୋଇଛି। ସର୍ଗେଇ ୯ ତାରିଖରୁ ଗିରଫ ହୋଇ ମସ୍କୋ ଜେଲ୍ରେ ରହିଥିବାବେଳେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ଉତ୍ତରାଧିକାରୀଙ୍କ ନାଁ ଘୋଷଣା କରିସାରିଛନ୍ତି। ସର୍ଗେଇଙ୍କ




ବିରୋଧରେ ଅଭିଯୋଗର କୌଣସି ପ୍ରମାଣ ନ ଥିବାରୁ ନିଜ ସହରରେ ତାଙ୍କର ବିଚାର କରିବାକୁ ବିକ୍ଷୋଭକାରୀ ଦାବି କରିଛନ୍ତି। ଦୁଇ ସପ୍ତାହ ଧରି ଆନ୍ଦୋଳନ ଜାରି ରହିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ୨୦୦୪-୦୫ରେ ସର୍ଗେଇ କେତେଜଣ ବ୍ୟବସାୟୀଙ୍କ ହତ୍ୟା ସହ ସମ୍ପୃକ୍ତ ଥିବା ରୁଷିଆ କର୍ତ୍ତୃପକ୍ଷ ସନ୍ଦେହ କରୁଛନ୍ତି। ସର୍ଗେଇ ଅଭିଯୋଗକୁ ଖଣ୍ଡନ କରିବା ସହ ଉକ୍ତ ସମୟରେ ସେ ବ୍ୟବସାୟ ସହ ସମ୍ପୃକ୍ତ ନ ଥିଲେ ବୋଲି କହିଛନ୍ତି।

## କେରଳ, କର୍ଣ୍ଣାଟକରେ ଆଇଏସ୍ ସକ୍ରିୟ

**ଜାତିସଂଘ,୨୫।୭(ପି.ଟି.)**

ଭାରତର କେରଳ ଓ କର୍ଣ୍ଣାଟକରେ ଆଇଏସ୍ ଆତଙ୍କବାଦୀମାନେ ବହୁସଂଖ୍ୟାରେ ସକ୍ରିୟ ରହିଥିବା ଜାତିସଂଘ ପକ୍ଷରୁ ସତର୍କ କରିଦିଆଯାଇଛି। ଭାରତ, ପାକିସ୍ତାନ, ବାଂଲାଦେଶ ଓ ମ୍ୟାନ୍ମାରରୁ ୧୫୦ରୁ ୨୦୦ ଅଲ୍-କାଏଦା ଆତଙ୍କବାଦୀ ଉକ୍ତ ଅଞ୍ଚଳରେ ଆକ୍ରମଣ

**ଜାତିସଂଘ ରିପୋର୍ଟ**
**ଭାରତରେ ୨୦୦ ଆଇଏସ୍ ଆତଙ୍କବାଦୀ**

ପାଇଁ ଯୋଜନା ଚଳାଇଥିବା ଏଥିରେ ସୂଚନା ଦିଆଯାଇଛି। ଆଫଗାନିସ୍ତାନର ନିମ୍ରୁଜ୍, ହେଲମଣ୍ଡ ଏବଂ କାନ୍ଦାହାର ପ୍ରଦେଶର ତାଲିବାନ ସଂଗଠନ ଅଧୀନରେ ଏହି ଆତଙ୍କବାଦୀମାନେ କାମ କରୁଛନ୍ତି। ଭାରତ ଉପମହାଦେଶରେ ଅଲ୍‌କାଏଦା ସଂଗଠନର ନେତା ଅଛନ୍ତି ଅସାମା ମହମ୍ମଦ। ଅସିମ୍ ଉମରଙ୍କ ପରେ ସେ ସଂଗଠନର ନେତୃତ୍ୱ ନେଉଛନ୍ତି। ଏହି ସଂଗଠନ ଏହାର ପୂର୍ବତନ ନେତାଙ୍କ ହତ୍ୟାର ପ୍ରତିଶୋଧ ନେବାକୁ ଚାହୁଁଛି।

ସେହିପରି ଭାରତରେ ଆଇଏସ୍ର ୧୮୦ରୁ ୨୦୦ ସଦସ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କେରଳ ଓ କର୍ଣ୍ଣାଟକରେ ସକ୍ରିୟ ଥିବା ଜଣାପଡିଛି। କଶ୍ମୀରରେ ଆତଙ୍କବାଦୀ ଓ ସୁରକ୍ଷା ବଳ ମଧ୍ୟରେ ସଂଘର୍ଷ ପରେ ଆଇଏସ୍ ସଂଗଠନ ଏଠାରେ ଏକ ନୂଆ ପ୍ରଦେଶ ଗଠନ ଲାଗି ଗତବର୍ଷ ମେ'ରେ ଘୋଷଣା କରିଥିଲା, ଯାହାର ନାଁ ୱିଲାୟାହ ଅଫ୍ ହିନ୍ଦ୍ ରଖାଯିବ ବୋଲି କୁହାଯାଇଥିଲା। ପୂର୍ବରୁ ଖୋରାସନ ପ୍ରୋଭିନ୍ସ ଶାଖାର ଆଇଏସ୍ ଆତଙ୍କବାଦୀ କଶ୍ମୀରରେ ଆକ୍ରମଣ କରିଥିଲେ।



# ୨ ଦିନରେ ଲକ୍ଷେ ସଂକ୍ରମିତ

**ନୂଆଦିଲ୍ଲୀ,୨୫।୭**

- ୩୧,୬୫୦ ଜୀବନ ଗଲାଣି
- ଦେଶରେ ୧୩.୬୦ ଲକ୍ଷ ଆକ୍ରାନ୍ତ
- ତାମିଲନାଡୁରେ ୨ ଲକ୍ଷ ଟପିଲା

ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଗତ ୨ ଦିନ ମଧ୍ୟରେ ପ୍ରାୟ ଲକ୍ଷେ ବ୍ୟକ୍ତି ମହାମାରୀ କରୋନା ଭୂତାଣୁ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ୪୯,୩୧୦ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ଶନିବାର ୪୮,୯୧୬ ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି। ଏଭଳି ଉଗ୍ର ସଂକ୍ରମଣ ସ୍ଥିତି ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୭୮୭ ଜଣ କରୋନାରେ ପ୍ରାଣ ହରାଇଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟ ଅନୁଯାୟୀ ଏପର୍ଯ୍ୟନ୍ତ ଭାରତରେ ୩୧,୬୫୦ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୧୩.୬୦ ଲକ୍ଷ ଆକ୍ରାନ୍ତ ଥିବା ଜଣାପଡ଼ିଛି। ମୋଟ ୮.୬୬ ଲକ୍ଷରୁ ଅଧିକ ଲୋକ ସୁସ୍ଥହୋଇ ଘରକୁ ଫେରିଥିବାବେଳେ ଆକ୍ଟିଭ୍ ମାମଲା ୪.୬୦ ଲକ୍ଷ ରହିଛି। ଏଥିସହ ସୁସ୍ଥହାର ୬୩.୫୩ ପ୍ରତିଶତକୁ ବଢ଼ିଛି। ତେବେ ଉଗ୍ର



ସଂକ୍ରମଣ ଯୋଗୁ ସ୍ଥିତି ଅଣାୟତ୍ତ ହେବାରେ ଲାଗିଛି। ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶରେ ସର୍ବାଧିକ ମାମଲା ଦେଖିବାକୁ ମିଳିଛି।

ମହାରାଷ୍ଟ୍ରରେ କରୋନା ରୋଗୀଙ୍କ ସଂଖ୍ୟା ୩.୫୭ ଲକ୍ଷ ରହିଥିବାବେଳେ ପ୍ରାଣ ହରାଇଲେଣି ୧୩,୧୩୨ ଲୋକ। ତାମିଲନାଡୁରେ ସଂକ୍ରମିତଙ୍କ ସଂଖ୍ୟା ଶନିବାର ୨ ଲକ୍ଷ ଟପିଛି। ଏଠାରେ ୩,୪୦୯ ଲୋକଙ୍କ ଜୀବନ ଯାଇଛି। କର୍ଣ୍ଣାଟକରେ ୮୬ ହଜାର, ଦିଲ୍ଲୀରେ ୧.୩୦ ଲକ୍ଷ, ଆନ୍ଧ୍ରପ୍ରଦେଶରେ ୮୮ ହଜାର, ଉତ୍ତରପ୍ରଦେଶରେ ୬୪ ହଜାର, ପଶ୍ଚିମବଙ୍ଗ ଓ ଗୁଜରାଟ ପ୍ରତ୍ୟେକ ରାଜ୍ୟରେ ୫୩ ହଜାରରୁ ଅଧିକ ଭୂତାଣୁ ଆକ୍ରାନ୍ତ ରହିଛନ୍ତି। ଦିନକୁ ଦିନ ରୋଗୀସଂଖ୍ୟା ବଢୁଥିବାରୁ ଚିକିତ୍ସା ଭିତ୍ତିଭୂମି ବୃଦ୍ଧି କରାଯାଉଛି। ଏଥିସହ ସଂଜୀବନୀ ସାଜିଥିବା ପ୍ଲାଜ୍ମା ଥେରାପିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଗୋଟେ ପଟେ ସଫଳ ଔଷଧ ଲାଗି ଜୋର୍‌ଦାର କସରତ ଚାଲିଥିବାବେଳେ ଅନ୍ୟ ପଟେ କରୋନା ଭୂତାଣୁର ଉଗ୍ର ସଂକ୍ରମଣ ସବୁକିଛି ବିଗାଡ଼ିଦେଉଛି।

# ବଜାରକୁ ଆସିଛି ନୂଆ ନୂଆ ଇମ୍ୟୁନିଟି ବର୍ଦ୍ଧକ ଉତ୍ପାଦର ବନ୍ୟା

## କେବଳ ସେହି ଉତ୍ପାଦ ଚୟନ କରନ୍ତୁ ଯାହାର ପରିଣାମ ବିଶ୍ୱସନୀୟ ଓ ପ୍ରମାଣିତ

**ନୂଆଦିଲ୍ଲୀ:** ବର୍ତ୍ତମାନ ସମୟରେ ସୁଦୃଢ଼ ଇମ୍ୟୁନିଟି ରହିବା ସବୁଠାରୁ ବଡ଼ ଆବଶ୍ୟକତାରେ ପରିଣତ ହୋଇଯାଇଛି। ଏହାର ଫାଇଦା ଉଠାଇବା ପାଇଁ ଇମ୍ୟୁନିଟି ବୃଦ୍ଧି କରିବାର ଦାବି କରୁଥିବା ଅନେକ ନୂଆ ନୂଆ ଉତ୍ପାଦ ବଜାରକୁ ଆସିଯାଇଛି। ବଜାରରେ ଏପରି ଉତ୍ପାଦଗୁଡ଼ିକର ଯେମିତି ବନ୍ୟା ଆସିଯାଇଛି। କେଉଁ ଇମ୍ୟୁନିଟି ବୁଷ୍ଟର୍ କିଣିବେ ତାହାକୁ ନେଇ ଲୋକେ ଭ୍ରମରେ ପଡ଼ିଯାଆନ୍ତି। କିନ୍ତୁ ପ୍ରଶ୍ନ ଯେବେ ଆପଣଙ୍କ ପରିବାରର ସ୍ୱାସ୍ଥ୍ୟର ଥିବ ତେବେ ଅତି ସତର୍କ ରହିବାର ଆବଶ୍ୟକତା ରହିଛି। ନୂଆ ନୂଆ ପ୍ରୟୋଗ ନ କରି କେବଳ ସେଇ ଉତ୍ପାଦ ବାଛନ୍ତୁ ଯାହାର ପରିଣାମ ପ୍ରମାଣିତ ହୋଇଥିବ।

ଭାରତର ସୁପରିଚିତ ଆୟୁର୍ବେଦିକ ଉତ୍ପାଦ ନିର୍ମାତା କମ୍ପାନୀ **Jolly Pharma India** ଦ୍ୱାରା ନିର୍ମିତ ଜୋଲି ତୁଳସୀ 51 ଡ୍ରପ୍ସ, ଅନେକ ବର୍ଷ ଧରି ଇମ୍ୟୁନିଟି ବଢ଼ାଇବା ପାଇଁ ପରିଚିତ। ଜୋଲି ତୁଳସୀ 51 ଡ୍ରପ୍ସ ଉପରେ ସମ୍ପାଦିତ ଗବେଷଣା ଦ୍ୱାରା ଏହା ପ୍ରମାଣିତ ମଧ୍ୟ ହୋଇଛି। ଏହାର ଗୁଣବତ୍ତାକୁ ଜାଣିବା ପାଇଁ ଏହା ଉପରେ **(Clinical Trial)** କରାଯାଇଥିଲା ଯେଉଁଥିରେ ଏହା ପ୍ରମାଣିତ ହୋଇଛି ଯେ ଯେଉଁମାନେ ଜୋଲି ତୁଳସୀ 51 ଡ୍ରପ୍ସ ସେବନ କରିଛନ୍ତି ସେମାନଙ୍କ ଇମ୍ୟୁନିଟି ଅପେକ୍ଷାକୃତ ବଢ଼ିଯାଇଛି ଓ ଏହା ସହିତ ସେମାନଙ୍କ ଶରୀରରୁ ବିଷାକ୍ତ ପଦାର୍ଥ (Toxins) ସଫା (Detox) ହୋଇଯାଇଛି।

ଜୋଲି ଫାର୍ମା ଇଣ୍ଡିଆର ଅନ୍ୟ ଆୟୁର୍ବେଦିକ ଉତ୍ପାଦଗୁଡ଼ିକ ଭଳି **Jolly Tulsi 51 Drops** ମଧ୍ୟ ବହୁତ ଶସ୍ତା ଔଷଧ ଅଟେ । ଏହାର 5–10 ବୁନ୍ଦା ଯେକୌଣସି ବୟସର ପୁରୁଷ ମହିଳା ଏବଂ ଶିଶୁ ସେବନ କରିପାରିବେ। ଏହା ସମଗ୍ର ପରିବାର ପାଇଁ ବିପଜ୍ଜନକ ରୋଗଗୁଡ଼ିକଠାରୁ ରକ୍ଷା ପାଇବା ପାଇଁ ଏକ ସୁରକ୍ଷା କବଚ ଭଳି ଅଟେ ।

**ଜୋଲି ତୁଳସୀ 51 ଡ୍ରପ୍ସ**
**ଏକ ଲାବ୍ ପ୍ରମାଣିତ ଏବଂ ଅନେକ ବର୍ଷ ପୁରୁଣା ବିଶ୍ୱସନୀୟ ଇମ୍ୟୁନିଟି ବର୍ଦ୍ଧକ**

CLINICALLY TESTED




**ମନେରଖନ୍ତୁ, ଯେମିତି ସବୁ ପୀତବର୍ଣ୍ଣ ବସ୍ତୁ ସୁନା ନୁହେଁ, ସେହିଭଳି ସବୁ ଇମ୍ୟୁନିଟି ବୁଷ୍ଟର୍ ଜୋଲି ତୁଳସୀ 51 ଡ୍ରପ୍ସ ଭଳି ଫଳପ୍ରଦ ହୋଇ ନ ଥାଏ ।**

### କେମିତି କାମ କରିଥାଏ Jolly Tulsi 51 Drops:

ଆମ ଶରୀର ପ୍ରାକୃତିକ ଭାବେ ଭାଇରସ୍ ଓ ବ୍ୟାକ୍ଟେରିଆର ଆକ୍ରମଣକୁ ରୋକିବାରେ ସକ୍ଷମ ଯାହାକୁ ଆମେ ଶରୀରର ରୋଗ ପ୍ରତିରୋଧକ କ୍ଷମତା ବା immune system କହିଥାଉ। ଏହା ଦୁର୍ବଳ ହୋଇଯିବା ଦ୍ୱାରା ଭାଇରସ୍ ଓ ବ୍ୟାକ୍ଟେରିଆ ଶରୀରକୁ କ୍ଷତି ପହଞ୍ଚାନ୍ତି ଏବଂ ଭାଇରାଲ୍ ସଂକ୍ରମଣର ବିପଦ ବଢ଼ିଯାଏ। ତୁଳସୀ ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ। ଯାହାକୁ ଆମର ପୂର୍ବଜମାନେ ସୁସ୍ଥ ରହିବା ପାଇଁ ହଜାର ହଜାର ବର୍ଷ ଧରି ବ୍ୟବହାର କରିଆସିଛନ୍ତି। ଜୋଲି ତୁଳସୀ 51 ଡ୍ରପ୍ସ ଏହିଭଳି ପାଞ୍ଚ ପ୍ରକାର ତୁଳସୀର ଅର୍କରେ ବିଶେଷ ବିଧିରେ ତିଆରି ହୋଇଥିବା ଏକ ମିଶ୍ରଣ ଅଟେ, ଯାହାର ନିୟମିତ ସେବନ ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା (immunity) ଅତ୍ୟନ୍ତ ସୁଦୃଢ଼ ହୋଇଯାଏ।

ଇମ୍ୟୁନିଟି ସୁଦୃଢ଼ ହେବା ଦ୍ୱାରା କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଆଦି ଶରୀରରେ ପ୍ରବେଶ କରିପାରି ନ ଥାନ୍ତି। ତତ୍ ସହିତ ଏହା ଶରୀରରୁ ସବୁ ପ୍ରକାର ବିଷାକ୍ତ ପଦାର୍ଥ (Toxins) କୁ ମଧ୍ୟ ବାହାର କରିଦେଇଥାଏ ଏବଂ ଶରୀରକୁ ଭିତରୁ ସଫା (Detox) କରିଥାଏ। ଏହାର ନିୟମିତ ସେବନ ଅନେକ ରୋଗର ଉତ୍ପତ୍ତିକୁ ପ୍ରତିରୋଧ କରି ସ୍ୱାସ୍ଥ୍ୟ ବୃଦ୍ଧି କରିଥାଏ।

ଜୋଲି ତୁଳସୀ 51 ଡ୍ରପ୍ସର ଅଦ୍ଭୁତ ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଏକା ସଦୃଶ ନାମରେ ଅନେକ ତୁଳସୀ ଡ୍ରପ୍ସ ଆସିଯାଇଛି ଯାହା ଗ୍ରାହକଙ୍କ ମନରେ ଭ୍ରମ ସୃଷ୍ଟି କରୁଛି। ଏଥିପାଇଁ କମ୍ପାନୀ ନିଜର ଗ୍ରାହକମାନଙ୍କୁ ସତର୍କ କରିଦେବାକୁ ଚାହୁଁଛି ଯେ କିଣିବା ସମୟରେ ଷ୍ଟୋର୍‌ରୁ ତୁଳସୀ 51 ଡ୍ରପ୍ସ ହିଁ ମାଗନ୍ତୁ ଯାହାର ପରିଣାମ ଲାବ୍‌ରେ ପ୍ରମାଣିତ **(clinically tested)** ଅଟେ।

### କେମିତି ବ୍ୟବହାର କରିବେ

ଜୋଲି ତୁଳସୀ 51 ଡ୍ରପ୍ସର 5–10 ବୁନ୍ଦା ପାଣି/ଚା'ରେ ପକାଇ ସବୁଦିନ ସମଗ୍ର ପରିବାରକୁ ପିଇବାକୁ ଦିଅନ୍ତୁ ଓ ସମଗ୍ର ପରିବାରର ଇମ୍ୟୁନିଟି ବଢ଼ାନ୍ତୁ । ପ୍ରତ୍ୟେକ ବୟସର ସ୍ତ୍ରୀ ଓ ପୁରୁଷ ଏହାର ସେବନ କରିପାରିବେ। ଅଧିକ ଓ ବିସ୍ତୃତ ସୂଚନା ପାଇଁ କମ୍ପାନୀର ହେଲ୍ପଲାଇନ୍ 0161–5201500ରେ କଲ୍ କରନ୍ତୁ କିମ୍ବା ୱେବ୍‌ସାଇଟ୍ **visit** କରନ୍ତୁ । **Jolly Tulsi 51 Drops** ଆପଣଙ୍କ ନିକଟତମ ମେଡିକାଲ/ଜେନେରାଲ ଷ୍ଟୋର୍‌ରେ ଉପଲବ୍ଧ।

**Helpline/Website:**
**0161-520-1588**
**www.jollypharmaindia.com**


# ଜାଲିଆତି ଅଭିଯୋଗ: ଶିକ୍ଷୟିତ୍ରୀ ଗିରଫ

**ଛତ୍ରପୁର,୨୫।୭(ଡି.ଏନ.ଏ.)**

ଜାଲ୍ ପ୍ରମାଣପତ୍ର ଦେଇ ଶିକ୍ଷକ ନିଯୁକ୍ତି ପାଇଥିବା ୩ ଜଣଙ୍କୁ ମହଙ୍ଗା ପଡିଛି । ଏଥିରୁ ଗଞ୍ଜାମ ଜିଲା କାଳିଆବାଲି ପ୍ରକଳ୍ପ ଉଚ୍ଚପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ କେ. ଲକ୍ଷ୍ମୀ ରେଡ୍ଡୀଙ୍କୁ ଚମାଖଣ୍ଡି ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଅପରପକ୍ଷରେ ଅନ୍ୟ ଦୁଇ ଶିକ୍ଷକ ଫେରାର ଅଛନ୍ତି। ଏମାନଙ୍କୁ ଛତ୍ରପୁର ଥାନା ପୋଲିସ ଖୋଜୁଥିବା ଜଣାପଡିଛି।




# ଆଉ ୫ ସହରରେ ଓଜେଇଇ ପରୀକ୍ଷା କେନ୍ଦ୍ର

**ଆବେଦନ ଦାଖଲ ତାରିଖ ୩୧କୁ ବୃଦ୍ଧି**

**ଭୁବନେଶ୍ୱର, ୨୫।୭(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) କର୍ତ୍ତୃପକ୍ଷ ଆଉ ୫ଟି ସହରରେ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ର ବୃଦ୍ଧି କରିଛନ୍ତି। ସେହି ସହରଗୁଡ଼ିକ ହେଲା ଅନୁଗୋଳ, ବାରିପଦା, ବରଗଡ଼, ଜୟପୁର ଓ କେନ୍ଦୁଝର। ଏ ନେଇ ଶନିବାର ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ଆବେଦନ ପ୍ରକ୍ରିୟାରେ ମଧ୍ୟ ପରିବର୍ତ୍ତନ କରାଯାଇଛି। ଆବେଦନ ଦାଖଲର ଶେଷ ତାରିଖ ୩୧କୁ ବୃଦ୍ଧି କରାଯାଇଛି। ଯେଉଁମାନେ ଆବେଦନ ପ୍ରକ୍ରିୟା ସମାପ୍ତ କରିସାରିଛନ୍ତି, ସେମାନେ ଆସନ୍ତା ଏହି ସମୟ ମଧ୍ୟରେ ପସନ୍ଦ ମୁତାବକ ପରୀକ୍ଷା କେନ୍ଦ୍ରଗୁଡ଼ିକର ଚୟନକୁ ପରିବର୍ତ୍ତନ କରିପାରିବେ। ପରୀକ୍ଷା ତାରିଖ ଏବଂ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିବାର ତାରିଖ ସମ୍ବନ୍ଧରେ ବିସ୍ତୃତ କାର୍ଯ୍ୟସୂଚୀ ପରେ ସୂଚିତ କରାଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ତେବେ ପୂର୍ବରୁ ଓଜେଇଇ କର୍ତ୍ତୃପକ୍ଷ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖକୁ ଜୁଲାଇ ୨୫କୁ ବୃଦ୍ଧି କରିଥିଲେ। ସେହିଭଳି ଦେୟ ଦେବାର ଶେଷ ତାରିଖ ଅଗଷ୍ଟ ୫କୁ ବୃଦ୍ଧି କରାଯାଇଛି।

# ଅନ୍ଧବିଶ୍ୱାସରୁ ଲୁହା ଚେଙ୍କ: ଦେଢ଼ ବର୍ଷର ଶିଶୁ ମୃତ

**କେନ୍ଦୁଝର, ୨୫।୭(ସ୍ୱ.ପ୍ର.)**

ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୁହା ଚେଙ୍କ ଦେବାରୁ ଦେଢ଼ ବର୍ଷ ଶିଶୁର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲା ସଦର ବ୍ଲକ ବୋଦାପଳସା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୩/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବୋଦାପଳସା ଗ୍ରାମର ଗମହା ମୁଣ୍ଡା ଓ ରାଇବରୀ ମୁଣ୍ଡାଙ୍କ ଦେଢ଼ ବର୍ଷର ଶିଶୁ ପୁତ୍ରର କିଛି ଦିନ ହେଲା ଦେହ ଖରାପ ଥିଲା। ଦେହ ଭଲ କରିବାପାଇଁ ଶୁକ୍ରବାର ବାପାମା' ସେହି ଗାଁର ଜଣେ ଗୁଣିଆକୁ ଡାକି ଶିଶୁକୁ ଲୁହା ଚେଙ୍କ ଦେଇଥିଲେ। ପରେ ଶିଶୁଟି ଗୁରୁତର ହୋଇପଡ଼ିବାରୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଶିଶୁଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି।


## Rishta ଗ୍ରାହକଙ୍କ ନିମନ୍ତେ ସୂଚନା

ଆମ କମ୍ପାନିର ରିସ୍ତା ଅଟା ସଂପର୍କରେ କିଛି ଗଣମାଧ୍ୟମ/ସୋସିଆଲ ମିଡ଼ିଆରେ ଘୁରି ବୁଲୁଥିବା ଖବରଟି ସଂପୂର୍ଣ୍ଣ ଭିତ୍ତିହୀନ ଓ ଅମୂଳକ। ପ୍ରକାଶଥାଉକି ଆମ କମ୍ପାନିର ରିସ୍ତା ଅଟା ଖୋର୍ଦ୍ଧାଠାରେ ଥିବା ମିଲରୁ ପ୍ରସ୍ତୁତ ହୋଇଥାଏ ଏବଂ ମଞ୍ଚେଶ୍ୱରରେ ଏହାର କୌଣସି ଉତ୍ପାଦ ପ୍ରସ୍ତୁତ ହୁଏ ନାହିଁ। କୋଭିଡ-୧୯ ପରିସ୍ଥିତିରେ ଉତ୍ପାଦ ପ୍ରସ୍ତୁତି ସମୟରେ ଆମ ପକ୍ଷରୁ ସବୁ ପ୍ରକାର ସ୍ୱାସ୍ଥ୍ୟ ସଚେତନତା ଗ୍ରହଣ ସହିତ ଉତ୍ପାଦିତ ସାମଗ୍ରୀକୁ ଉପଯୁକ୍ତ ପରୀକ୍ଷା କରି ଆମେ ବଜାରକୁ ପ୍ରେରଣ କରିଥାଉ ଯାହାର ପରୀକ୍ଷା ପ୍ରମାଣକୁ ପ୍ୟାକେଟରେ ପ୍ରଦର୍ଶନ କରାଯାଇଛି। ଏପରି ମିଥ୍ୟା ଖବରରେ ଗ୍ରାହକମାନେ ବିଚଳିତ ନହୋଇ ଆମ ଉତ୍ପାଦ ଉପରେ ସଂପୂର୍ଣ୍ଣ ଭରଷା ରଖିବାକୁ ଅନୁରୋଧ କରୁଛୁ।

Manufactured By :
**Sri Jagannath Roller Flour Mills**
F-22, Food Processing Park, IDCO Industrial Estate,
Jemadeipur, Khurda, Odisha, PIN: 752057
ISO 22000 2005 based Food Safety Management System (FSMS)

Marketed By:
**Rishta Food Products**
Plot No.790, Cuttack-Puri Road, Bhubaneswar, Odisha, PIN: 751006



## LIC ଭାରତୀୟ ଜୀବନ ବୀମା ନିଗମ

ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ,
'ଜୀବନ ଦୀପ', ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧।
ଫୋନ୍ ନଂ.: ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

### "ପ୍ରତିଯୋଗିତାମୂଳକ ଟେଣ୍ଡର"

ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ୱେବ୍‌ସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ–ବିଡ୍ ଆହ୍ୱାନ କରୁଛି:

| | |
|---|---|
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/୨୦୨୦–୨୧/୦୧ |
| କାର୍ଯ୍ୟର ବର୍ଣ୍ଣନା | ଲିଙ୍କ୍ ରୋଡ୍, କଟକ, ଓଡ଼ିଶାଠାରେ ପ୍ରସ୍ତାବିତ ୬ ଗୋଟି ଅଫିସର୍ସ କ୍ୱାର୍ଟର୍ସ ଏବଂ ଭିଆଇପି ଗେଷ୍ଟ ହାଉସ୍‌ର ନିର୍ମାଣ। ଅଟକଳ ମୂଲ୍ୟ: ଟ.୩୪୦.୨୧ ଲକ୍ଷ (ଆନୁମାନିକ)। |
| ବିକ୍ରୟ ଅବଧି | ତା୨୬।୦୭।୨୦୨୦ରୁ ୦୮।୦୯।୨୦୨୦ରିଖ |
| ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୦୮।୦୯।୨୦୨୦ରିଖ ୧୫.୦୦ ଘଟିକା |
| ଯୋଗାଯୋଗ ବ୍ୟକ୍ତିଙ୍କ ଇମେଲ୍ | ecz_engg@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ ୱେବ୍‌ସାଇଟ୍: http://www.tenderwizard.com/LIC ଏବଂ http://www.licindia.in/tenders ରେ ଜାରି କରାଯିବ ଏବଂ ପ୍ରେସ୍‌ରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ । ତେଣୁ ବିଡର୍‌ମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ୱେବ୍‌ସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।

ତାରିଖ: ୨୬।୦୭।୨୦୨୦ ମୁଖ୍ୟ ଯନ୍ତ୍ରୀ





ଓଡ଼ିଶା ସରକାର



# ଧାନ(ଖରିଫ ଫସଲ) ସଂଗ୍ରହ ପାଇଁ ଆଗୁଆ ଚାଷୀ ପଞ୍ଜିକରଣ

**(KMS 2020-21)**

ଚଳିତ ଖରିଫ ଋତୁ ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କ ଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ। ଏଥି ପାଇଁ ଚାଷୀମାନେ ସେମାନଙ୍କ ଅଧୀକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ(ସଂକ୍ଷେପରେ, ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ। ଆମ ରାଜ୍ୟରେ ଆଗାମୀ ଖରିଫ ଧାନ ସଂଗ୍ରହ ତା.1.11.2020 ରୁ ତା.31.3.2021 ମଧ୍ୟରେ ପରିଚାଳିତ ହେବ। ଏହି ବିସ୍ତୃତ ଅବଧି ମଧ୍ୟରେ ଜିଲ୍ଲାମାନେ ସେମାନଙ୍କର ଫସଲ ଅମଳ ସମୟକୁ ଦୃଷ୍ଟିରେ ରଖି ଖରିଫ ଧାନ କ୍ରୟ କାର୍ଯ୍ୟ ସମ୍ପାଦନ କରିବେ। ଇଚ୍ଛୁକ ଚାଷୀ ଭାଇମାନେ ନିମ୍ନ ପ୍ରକାରେ ନିର୍ଦ୍ଧାରିତ ଦିନାଙ୍କ ମଧ୍ୟରେ ଆବେଦନ କରିବା ପାଇଁ ଅନୁରୋଧ।

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ✓ ବିଗତ ଖରିଫ ଋତୁରେ ଧାନ ସଂଗ୍ରହ ନିମନ୍ତେ ପଞ୍ଜିକୃତ ଚାଷୀମାନେ ସେମାନଙ୍କ ଜମି ସମ୍ବନ୍ଧୀୟ ତଥ୍ୟର ନବୀକରଣ କରି ଚଳିତ ଖରିଫ ଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ହେବେ। ଏଥି ପାଇଁ ଚାଷୀଭାଇମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ଆବଶ୍ୟକ।
- ✓ ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.8.2020 ରୁ ତା. 15.8.2020 ମଧ୍ୟରେ ଉପଲବ୍ଧ ହେବ। ସମିତି ସମ୍ପାଦକ www.foododisha.in ପୋର୍ଟାଲରେ Login କରି Farmer Registration linkରେ ଥିବା "Renewal Form for 2020 Kharif Farmers" tabରୁ download କରି ନବୀକରଣ ଫର୍ମ print କରିବେ।
- ✓ ବିଗତ ଖରିଫ ଋତୁରେ ଚାଷୀମାନେ ପଞ୍ଜିକୃତ କରିଥିବା ଜମିର ତଥ୍ୟ ନବୀକରଣ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଦର୍ଶାଯାଇଥିବ।
- ✓ ଯଦି ଚଳିତ ଖରିଫ ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ।
- ✓ ଯଦି ଚାଷୀ ଜମି ବାବଦ ତଥ୍ୟରେ ପରିବର୍ତ୍ତନ କରିବାକୁ ଚାହୁଁଥାନ୍ତି, ତାହା ଉକ୍ତ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ।

### ନୂତନ ଚାଷୀଙ୍କ ପଞ୍ଜିକରଣ

- ✓ ଯେଉଁ ଚାଷୀମାନେ ବିଗତ ଖରିଫ ଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଖାତା ଏବଂ ଧାନ ଚାଷ କରାଯାଇଥିବା ଜମି ସଂକ୍ରାନ୍ତୀୟ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ। ସଠିକ ମୋବାଇଲ ନମ୍ବର ମଧ୍ୟ ଚାଷୀ ପ୍ରଦାନ କରିବେ ଯାହା ଫଳରେ ଆଗୁଆ ଟୋକନ SMS ମାଧ୍ୟମରେ ପଞ୍ଜିକୃତ ଚାଷୀଙ୍କୁ ପ୍ରେରଣ କରିହେବ।

### ପଞ୍ଜିକୃତ ତଥ୍ୟ ବାବଦରେ ଆପତ୍ତି ଗ୍ରହଣ

- ✓ ପଞ୍ଜିକୃତ ଚାଷୀ ଓ ଜମି ବାବଦ ତଥ୍ୟ ପର୍ଯ୍ୟାୟ କ୍ରମେ ସମିତି କାର୍ଯ୍ୟାଳୟ/ ଗ୍ରା.ପ. କାର୍ଯ୍ୟାଳୟ/ ନିକଟସ୍ଥ କଣ୍ଟ୍ରୋଲ ଦୋକାନରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ। ତା.10.8.2020ରୁ ତା. 17.9.2020 ମଧ୍ୟରେ ଯେ କୌଣସି ପଞ୍ଜିକୃତ ଚାଷୀ ବା ସାଧାରଣ ନାଗରିକ ପଞ୍ଜିକୃତ ତଥ୍ୟ ସମ୍ବନ୍ଧରେ ତାଙ୍କର ଆପତ୍ତି ଦାଖଲ କରିପାରିବେ। ଏହି ଆପତ୍ତି ପତ୍ର ପ୍ରକାଶନ ସ୍ଥଳରେ ଦାଖଲ କରି ହେବ।



### ଚାଷୀମାନଙ୍କର ଦାୟିତ୍ୱ

- ✓ ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତି କାର୍ଯ୍ୟାଳୟରେ ସମ୍ପର୍କ କରିବାକୁ ଅନୁରୋଧ।
- ✓ ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ଜମି ବିବରଣୀର RoR ନକଲ ଏବଂ, ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର ପ୍ରଦାନ କରିବେ। ଜମି ମାଲିକଙ୍କ ଆଧାର କାର୍ଡର ନକଲ ଓ ମୋବାଇଲ ନମ୍ବର ମଧ୍ୟ ପ୍ରଦାନ କରିବେ।
- ✓ ପଞ୍ଜିକରଣ/ନବୀକରଣ ଫର୍ମରେ ଆବଶ୍ୟକତା ଅନୁଯାୟୀ ସମସ୍ତ ତଥ୍ୟ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.1.8.2020 ରୁ ତା. 31.8.2020 ମଧ୍ୟରେ ଦାଖଲ କରିବେ।
- ✓ ନବୀକରଣ ସମୟରେ ପୂର୍ବରୁ ପଞ୍ଜିକୃତ ଜମି ବାବଦ ତଥ୍ୟ ବାବଦରେ ପରିବର୍ତ୍ତନ କରିବାକୁ ଚାହୁଁଥିଲେ, ତାହା ସମ୍ପୃକ୍ତ ଫର୍ମର ଚତୁର୍ଥ ଭାଗରେ ଉଲ୍ଲେଖ କରିବେ।
- ✓ ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ପୂରଣ କରାଯାଇଥିବା ଫର୍ମ ସମିତି କାର୍ଯ୍ୟାଳୟରେ ଦାଖଲ କରିବାକୁ ଚାଷୀ ଭାଇମାନଙ୍କୁ ଅନୁରୋଧ।

### ସମିତିମାନଙ୍କର ଦାୟିତ୍ୱ

- ✓ ପଞ୍ଜିକୃତ ଚାଷୀମାନଙ୍କ ପାଇଁ ନବୀକରଣ ଫର୍ମ ପ୍ରିଣ୍ଟ୍ କରି ସେମାନଙ୍କୁ ହସ୍ତାନ୍ତର କରିବେ।
- ✓ ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ।
- ✓ ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।
- ✓ **ସମିତି କାର୍ଯ୍ୟାଳୟରେ ହ୍ୟାଣ୍ଡ ସାନିଟାଇଜରର ବ୍ୟବସ୍ଥା ରଖିବେ ଏବଂ ଆଗନ୍ତୁକ ଚାଷୀମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବେ।**
- ✓ ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.8.2020 ରୁ ତା.5.9.2020 ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ। ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ।
- ✓ ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ୍ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

### ଦେୟମୁକ୍ତ ହେଲ୍ପଲାଇନ୍

- ✓ ଯଦି କୌଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ନମ୍ବର 1967ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

## କେନ୍ଦ୍ରୀୟ ଯୋଜନା ହଡ଼ପ କରୁଛନ୍ତି ରାଜ୍ୟ ସରକାର: ଭାଜପା

ଭୁବନେଶ୍ୱର,୨୫।୭(ବ୍ୟୁରୋ)-ମୁଖ୍ୟମନ୍ତ୍ରୀ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କୁ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ରାଜ୍ୟ ସରକାର କେଉଁମାନଙ୍କୁ ଏହି ଖାଦ୍ୟ ଯୋଗାଇବେ । ଚଳିତ ମାସ ପ୍ରଥମ ସପ୍ତାହରେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୧ କୋଟି ହିତାଧିକାରୀଙ୍କୁ ନଭେମ୍ବର ପର୍ଯ୍ୟନ୍ତ ମାଗଣାରେ ୫ କିଲୋ ଚାଉଳ ଏବଂ ୧ କିଲୋ ଡାଲି ଯୋଗାଇବାକୁ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତିକୁ କେନ୍ଦ୍ର କ୍ୟାବିନେଟରେ ଅନୁମୋଦନ ମିଳିଛି । କେନ୍ଦ୍ର ସରକାରଙ୍କ ଯୋଜନା ଓ ନିଷ୍ପତ୍ତିକୁ ନିଜେ ଘୋଷଣା କରି ରାଜ୍ୟ ସରକାର ବାହୁସ୍ଫୋଟ ମାରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



କାହ୍ନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବୀଣାପାଣିଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ




ବୀଣାପାଣି ମହାନ୍ତିଙ୍କୁ ବିଭାଗୀୟ ମନ୍ତ୍ରୀ ଓ ସଚିବ ସମ୍ବର୍ଦ୍ଧିତ କରୁଛନ୍ତି।

କଟକ ଅଫିସ,୨୫।୭

ପ୍ରଥିତଯଶା କଥାକାର, ଔପନ୍ୟାସିକା ତଥା ଓଡ଼ିଆ ସାହିତ୍ୟ ଜଗତର ପାଟଦେଇ ଭାବେ ପରିଚିତ ବୀଣାପାଣି ମହାନ୍ତିଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯାଇଛି। ୨୦୧୯ ପାଇଁ ବୀଣାପାଣିଙ୍କୁ ଏହି ସମ୍ମାନ ମିଳିଛି। ଶନିବାର ଓଡ଼ିଶା ସାହିତ୍ୟ ଏକାଡେମୀର ସ୍ୱନକ୍ଷତ୍ର ଦିବସ ଅବସରରେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୀଣାପାଣିଙ୍କ କଟକସ୍ଥିତ ବାସଭବନରେ ପହଞ୍ଚି ତାଙ୍କୁ ଏକାଡେମୀର ସର୍ବୋଚ୍ଚ ସାରସ୍ୱତ ସମ୍ମାନ ପ୍ରଦାନ କରିଛନ୍ତି। ଏଥିରେ ତାଙ୍କୁ ମାନପତ୍ର, ଉତ୍ତରୀୟ ସମେତ ଏକ ଲକ୍ଷ ଟଙ୍କାର ଚେକ୍ ଦିଆଯାଇଛି। ବୀଣାପାଣି ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ସଂସ୍କୃତି ମନ୍ତ୍ରୀ, ସଚିବ, ନିର୍ଦ୍ଦେଶକ, କଟକ ଜିଲାପାଳ ମୋ' ବାସଭବନରେ ପହଞ୍ଚି ମୋତେ ସମ୍ବର୍ଦ୍ଧିତ କରିଛନ୍ତି। ଏହା ମୋ' ପାଇଁ ଗର୍ବର ବିଷୟ। ଏକାଡେମୀର ସଚିବ ଶୁଚିସ୍ମିତା ମନ୍ତ୍ରୀ ପ୍ରଶସ୍ତିପତ୍ର ପାଠ କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଥିଲେ ଯେ, ରବୀନ୍ଦ୍ରମଣ୍ଡପରେ ଏକ ଭବ୍ୟ ସମାରୋହରେ ଏହି ସମ୍ବର୍ଦ୍ଧନା ଦିଆଯିବା ପାଇଁ ଯୋଜନା ଥିଲା। କିନ୍ତୁ କରୋନା ପରିସ୍ଥିତି ଦୃଷ୍ଟିରୁ ଏହାକୁ ନିରାଡମ୍ବର ଭାବେ ପ୍ରଦାନ କରାଯାଇଛି। ସଂସ୍କୃତି ନିର୍ଦ୍ଦେଶକ ବିଜୟ ନାୟକ କହିଥିଲେ, ବୀଣାପାଣିଙ୍କ ସୁନାମ କେବଳ ରାଜ୍ୟରେ ନୁହେଁ, ସମଗ୍ର ଭାରତରେ ରହିଛି। ଏହି ଅବସରରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ବ୍ୟବସାୟିକ କ୍ଷତି ...

ମାତ୍ର ବର୍ତ୍ତମାନର କରୋନା ପରିସ୍ଥିତିରେ ୫୦% ବ୍ୟବସାୟ ଘାଟା ହୋଇଛି। ବର୍ତ୍ତମାନ ମାସକୁ ମାତ୍ର ୬,୫୦୦ କୋଟି ଟଙ୍କାର ବେପାର ହେଉଛି। ବ୍ୟବସାୟୀମାନେ ଦିନକୁ ୨୦ କୋଟି ଟଙ୍କାର କ୍ଷତି ସହୁଥିବା ଓଡ଼ିଶା ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି। କରୋନା ପାଇଁ ଗତ ୪ମାସ ମଧ୍ୟରେ ୩,୦୦୦ କୋଟି ଟଙ୍କାର ବ୍ୟବସାୟିକ କ୍ଷତି ହୋଇଛି। ସେହିଭଳି ୪ମାସରେ ୩୦,୦୦୦ କୋଟି ଟଙ୍କାର ସେଲ୍ ଡାଉନ୍ ବା ବିକ୍ରି ମାନ୍ଦା ହୋଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ନନ୍-ଏସେନ୍‌ସିଆଲ ବା ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟୀମାନେ ସର୍ବାଧିକ କ୍ଷତି ସହିଛନ୍ତି। ଏହି ଦୋକାନଗୁଡ଼ିକ ୪ମାସରେ ଅତିବେଶିରେ ୧ମାସ ଖୋଲାଯାଇଥିବା ବେଳେ ୩ ମାସ ସମ୍ପୂର୍ଣ୍ଣଭାବେ ବନ୍ଦ ଥିଲା। ଫଳରେ ଏହି ବର୍ଗରେ ମାତ୍ର ୩୦% ବିକ୍ରି ହୋଇଛି। ସେହିଭଳି ଅତ୍ୟାବଶ୍ୟକ ସାମଗ୍ରୀ ବର୍ଗରେ ୭୦% ବିକ୍ରି ହୋଇଥିବାବେଳେ ୩୦% ସେଲ୍ ଡାଉନ୍ ରହୁଛି। ବାହାଘର, ହୋଟେଲ, ହଷ୍ଟେଲ ଆଦି ଏବେ ବନ୍ଦ ରହିଛି। ସେମାନେ ଯେଉଁ ମୋଟା ଅଙ୍କରେ ସାମଗ୍ରୀ କିଣୁଥିଲେ ଏବେ ତାହା ହେଉନି। ଏହାବ୍ୟତୀତ ଦିନ ୧ଟା ପରେ ଦୋକାନ ବନ୍ଦ ରହିବା, ଯିବା ଆସିବାରେ ସମସ୍ୟା ଏବଂ ଜିଲା-ଜିଲା ମଧ୍ୟରେ ଗମନାଗମନରେ ପ୍ରତିବନ୍ଧକ ରହୁଥିବାରୁ ଖୁଚୁରା ବ୍ୟବସାୟୀମାନେ ବିଶେଷଭାବେ କ୍ଷତି ସହୁଛନ୍ତି। ଏଭଳିସ୍ଥଳେ ରାଜ୍ୟ ସରକାର କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ୩ ହଜାର ଟଙ୍କାର ଆର୍ଥିକ ସହାୟତା ଘୋଷଣା କରିଥିବାବେଳେ ଏହାଦ୍ୱାରା ମାତ୍ର ୫ହଜାର ବ୍ୟବସାୟୀ ଉପକୃତ ହୋଇଛନ୍ତି। ଏପଟେ କେନ୍ଦ୍ର ସରକାରଙ୍କ ପକ୍ଷରୁ କିନ୍ତୁ କୌଣସି ପ୍ରକାର ସହାୟତା ମିଳି ନ ଥିବା ଓଡ଼ିଶା ବ୍ୟବସାୟୀ ମହାସଂଘ ଅଭିଯୋଗ କରିଛି।

କେନ୍ଦ୍ର ସରକାରଙ୍କ 'ପିଏମ୍ ସ୍ୱନିଧି' ଯୋଜନାରେ ଦେଶର ୫୦ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ବ୍ୟବସାୟୀ ଉପକୃତ ହେବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଥିଲେ। ଏହି ଯୋଜନା ମାଧ୍ୟମରେ ଫୁଟ୍‌ପାଥ ତଥା ଛୋଟ ଛୋଟ ବ୍ୟବସାୟୀମାନେ ୧୦ହଜାର ଟଙ୍କାର ଋଣ ନେଇ ଆଗାମୀ ବର୍ଷେ ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ରାଜ୍ୟର କୌଣସି ବ୍ୟବସାୟୀ ଏହି ଅର୍ଥ ପାଇ ନାହାନ୍ତି, ଯାହାକି କେନ୍ଦ୍ରର ବୃହତ୍ ଆର୍ଥିକ ପ୍ୟାକେଜ୍ ଏବଂ ଏହାର ବାସ୍ତବତାକୁ ସୂଚାଉଛି। ନିଯୁକ୍ତି ହ୍ରାସ ଏବଂ ରୋଜଗାର ପନ୍ଥା ବନ୍ଦ ହୋଇଯିବା ଯୋଗୁ ଅନେକ ଲୋକ ଖର୍ଚ୍ଚକାଟ କରୁଛନ୍ତି, ଯେଉଁଥିପାଇଁ ରାଜ୍ୟରେ ଖୁଚୁରା ବ୍ୟବସାୟ ସବୁଠାରୁ ଖରାପ ସ୍ଥିତିଦେଇ ଗତିକରୁଛି। ଏଭଳିସ୍ଥଳେ ସରକାରୀ ଘରଭଡ଼ା ଓ ବିଦ୍ୟୁତ୍ ବିଲ୍ ଛାଡ଼ ସହ ଆର୍ଥିକ ପ୍ରୋତ୍ସାହନ ଦିଆ ନ ଗଲେ ବ୍ୟବସାୟୀମାନେ ପୁଣିଥରେ ଅଣ୍ଟା ସଳଖି ଛିଡ଼ା ହୋଇପାରିବେ ନାହିଁ ବୋଲି ପଣ୍ଡା କହିଛନ୍ତି।

### ୧୦ ଜୀବନ ...

ତେବେ ଝାରସୁଗୁଡ଼ା ଓ ବାଲେଶ୍ୱରରେ ଏହା ହେଉଛି ପ୍ରଥମ କରୋନାଜନିତ ମୃତ୍ୟୁ। ଏମାନଙ୍କୁ ମିଶାଇ ରାଜ୍ୟର ୧୭ ଜିଲାରୁ ମୋଟ ୧୩୦ଜଣ କରୋନାରେ ମଲେଣି। ଗଞ୍ଜାମରେ ସର୍ବାଧିକ ୭୩ଜଣ ମୃତ୍ୟୁ ଘଟିଥିବାବେଳେ ୧୫ ମୃତ୍ୟୁ ସହ ଖୋର୍ଦ୍ଧା ଜିଲା ଦ୍ୱିତୀୟ ସର୍ବାଧିକ ସ୍ଥାନରେ ରହିଛି। ସେହିପରି କଟକରେ ୯, ଗଜପତି ୮, ସୁନ୍ଦରଗଡ଼ ଓ ରାୟଗଡ଼ାରେ ୪ଜଣ ଲେଖାଏ ଆକ୍ରାନ୍ତ ମରିଛନ୍ତି। ଏହାବ୍ୟତୀତ ୩୩ଜଣ ଆକ୍ରାନ୍ତଙ୍କ ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟରୁ ଜଣାପଡିଛି। ସେହିଭଳି ୨୪ ଘଣ୍ଟାରେ ରାଜ୍ୟର ୨୪ ଜିଲାରୁ ଆଉ ୧,୩୨୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୪ ହଜାର ପାର୍ କରିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୮୮୭ ପଜିଟିଭ୍ କେସ୍ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ହୋଇଥିବାବେଳେ ୪୩୩ଜଣ ସ୍ଥାନୀୟ ସଂକ୍ରମିତ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି। ଗଞ୍ଜାମରେ ସର୍ବାଧିକ ୫୬୦ଜଣ ଚିହ୍ନଟ ହୋଇଥିବାବେଳେ ଖୋର୍ଦ୍ଧା ୧୭୪, ପୁରୀ ଓ ଗଜପତିରୁ ୯୦ଜଣ ଲେଖାଏ, ରାୟଗଡ଼ା ୬୫, ସୁନ୍ଦରଗଡ଼ ଓ କଟକରୁ ୪୭ଜଣ ଲେଖାଏ, କନ୍ଧମାଳ ୩୯, ନୟାଗଡ଼ ୩୮, କୋରାପୁଟ ୩୦, ଭଦ୍ରକ ୨୮, କେନ୍ଦୁଝର ୨୪, ବାଲେଶ୍ୱର ଓ ଯାଜପୁରରୁ ୨୩ଜଣ ଲେଖାଏ, ବରଗଡ଼ ୧୪, ବଲାଙ୍ଗୀର ୯, ଅନୁଗୋଳ ୬, ନୂଆପଡ଼ା ୪, ଜଗତ୍‌ସିଂହପୁର ୩, ଝାରସୁଗୁଡ଼ା ୨ ଏବଂ ଦେବଗଡ଼, କଳାହାଣ୍ଡି, କେନ୍ଦ୍ରାପଡ଼ା ଓ ସୋନପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୨୪,୦୧୩ରେ ପହଞ୍ଚିଛି। ଅନ୍ୟପକ୍ଷରେ ପ୍ରତିଦିନ ଭଳି ରାଜ୍ୟରେ ଆଉ ୭୨୮ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମୋଟ ଆରୋଗ୍ୟ ସଂଖ୍ୟା ୧୫,୯୨୮କୁ ବୃଦ୍ଧି ପାଇଛି।

### ୧୫ ପଇସା ବଢ଼ିଲା ...

ଲେଖାଏ ବଢ଼ିଛି। ଚେନ୍ନାଇରେ ୧୩ ପଇସା ବଢ଼ି ୭୮.୭୩ ଟଙ୍କା ଲିଟର ପ୍ରତି ଦର ରହିଛି। ସେହିଭଳି କୋଲକାତା ଏବଂ ମୁମ୍ବାଇରେ ଡିଜେଲ ଦର ୧୪ ପଇସା ବଢ଼ି ଯଥାକ୍ରମେ ୭୬.୯୧ ଓ ୭୯.୯୭ ଟଙ୍କା ହୋଇଛି। ବର୍ତ୍ତମାନ ବଜାରରେ ଚାହିଦା କମ୍ ରହିଥିବା ବେଳେ ଏଭଳି ଦର ବୃଦ୍ଧି ପରିବହନ କ୍ଷେତ୍ର ଲାଗି ଚାପ ସୃଷ୍ଟି କରୁଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୧.୭% ଖସିବା ଯୋଗୁ ବ୍ୟାରେଲ ପିଛା ମୂଲ୍ୟ ୩୦୬୩ ଟଙ୍କା ରହିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଣକୁ ଜଣେ**
**ମାଇପ ଶୋଇଲା ଅଳିଆ ବଣେ ।**

ଘରେ ସ୍ୱାମୀ ସ୍ତ୍ରୀ ବୋଲି ଦି ଜଣ। ଆଉ କେହି ନାହାନ୍ତି। କିନ୍ତୁ ଦୁହିଁଙ୍କ ଭିତରେ ମନୋମାଳିନ୍ୟ, ଆଦୌ ପଡୁନି। ଅଶାନ୍ତ ଘର ପରିବେଶ। ଫଳସ୍ୱରୂପ ସ୍ତ୍ରୀ ବିଚାରି ହୀନିମାନ ହୋଇ ଚଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଟକସ ପିଢ଼ା, ଠକସ ପାଣି**

**ଭାତର କଥା ତେଲନୁ ଜାଣି ।**

ପିଢ଼ା ପାଣି ଥୁଆ ହୋଇଛି କିନ୍ତୁ ଭାତର ଦେଖାଦର୍ଶନ ନାହିଁ,ଏପରି କି ଖାଇବାକୁ ମୁଠେ ଦାନା ବି ନାହିଁ। କିଛି ଲୋକେ ଅନ୍ୟକୁ ଜଣେଇବାକୁ ଖାଇପିଇ ବେଶ୍ ଆରାମରେ ରହୁଥିବାର ତୁଚ୍ଛା ବାହାନା ବା ଛଳନା କରିବସିଥାନ୍ତି। ନିଜର ଅଭାବ ଅନଟନକୁ ଲୁଚାଇବାକୁ ଯାଇ ଚେଷ୍ଟା ଚଳାଇବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବନ୍ୟାରେ ବିହାରର ଗୋପାଳଗଞ୍ଜ ଜଳମଗ୍ନ ହୋଇଥିବାବେଳେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଏନ୍‌ଡିଆର୍‌ଏଫ୍ ଟିମ୍ ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ଚନ୍ଦ୍ର ରାଶ୍ୟାଧିପଙ୍କ ଦୃଷ୍ଟିରେ ରହିଥିବାରୁ ମନସ୍ଥ କାର୍ଯ୍ୟଟି ହାସଲ ପାଇଁ ଚେଷ୍ଟିତ ହେବେ । ଆଲୋଚନା କ୍ଷେତ୍ରରେ ଛୋଟ ଛୋଟ କଥାରେ ଜିହ୍ୱା ପଡ଼ିଲେ ଅପଦସ୍ଥ ହେବାକୁ ପଡିପାରେ । କର୍ମକ୍ଷେତ୍ରରେ ମତାନ୍ତରଜନିତ ବିତର୍କ ଘଟିବାର ଆଶଙ୍କା ରହିଛି । ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ ।

**ବୃଷ** – ଶତ୍ରୁଦୃଷ୍ଟିରେ ରବି ରହିଥିବାରୁ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା ଟେନ୍ସନର କାରଣ ହେବ । ସ୍ୱତନ୍ତ୍ର ନିମନ୍ତ୍ରିତ ହୋଇ କୌଣସି ଆନୁଷ୍ଠାନିକ କ୍ଷେତ୍ରରୁ ଅର୍ଥ ଓ ସମ୍ମାନ ପାଇବେ । ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁଁ ପାରିବାରିକ ସମସ୍ୟା ସମାଧାନ ହୋଇଯିବ । ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାରନ୍ତି ।

**ମିଥୁନ** – ପାପଦୃଷ୍ଟ ତୃତୀୟାଧିପତି ହେତୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ । ଭୁଲ୍ ବୁଝାମଣା କାରଣରୁ ସାଧାରଣ କଥାରେ ବନ୍ଧୁ ବିରକ୍ତି ପ୍ରକାଶ କରିପାରନ୍ତି । ମାନସିକ ଦ୍ୱନ୍ଦ୍ୱ ଠିକ୍ ନିଷ୍ପତ୍ତି ନେବାରେ ବିଳମ୍ବିତ କରାଇବ । ମୃଗଶିରା ଯେମିତି ଭାବୁଛନ୍ତି ସେପରି କରନ୍ତୁ, କିଛି ଅସୁବିଧା ହେବ ନାହିଁ ।

**କର୍କଟ** – ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରୁଥିବାରୁ ଆଶା ଅପୂରଣ, ବ୍ୟବସାୟ,ବାଣିଜ୍ୟ, କଳା, ସାହିତ୍ୟରେ ସମ୍ମାନ ମିଳିବ । ଅଫିସ୍ କାମରେ ଆପଣଙ୍କର ସହକର୍ମୀମାନେ ସହଯୋଗର ହାତ ବଢାଇବେ । ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ ।

**ସିଂହ** – ଧନାଧିପ କର୍ମସ୍ଥ ଯୋଗୁ ରାହୁ ପ୍ରଭାବରୁ ଆର୍ଥିକ ସମସ୍ୟାକୁ ସୁଧାରି ନେବେ । ସକାଳୁ ସକାଳୁ କୌଣସି ଶୁଭାକାଂକ୍ଷୀଙ୍କ ସାନ୍ନିଧ୍ୟ ଲାଭ କରିବେ, ଯଦ୍ୱାରା କି ଆର୍ଥିକ ଦିଗଟି ଭଲ ରହିବ । ପାଖ,ପଡୋଶୀ ମାନଙ୍କଠାରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିବେ । ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି ।

**କନ୍ୟା** – ଚନ୍ଦ୍ରଙ୍କ ସୁପ୍ରଭାବରୁ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି । ସାହାଯ୍ୟ କରିବାକୁ କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି । ସମ୍ପର୍କ କ୍ଷୁଣ୍ଣ ହେବା କାରଣରୁ ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢିପାରେ । କଚେରି ମାମଲା ତଥା ଆଇନ ଅଦାଲତରୁ ସୁଫଳ ପାଇବେ ।

**ତୁଳା** – କର୍ମସ୍ଥ ଲାଭାଧିପ ହେତୁ ଉଦ୍ଦେଶ୍ୟ ସାଧିତ ହେବ ଏବଂ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ । ଅବସର ସମୟରେ ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ । ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ । ବିଶାଖା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ ।

**ବିଛା** – ଅନୁକୂଳ ଗ୍ରହସ୍ଥିତିରୁ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ । ସନ୍ତାନଙ୍କ ବୈବାହିକ କର୍ମ ସମ୍ପାଦନ କ୍ଷେତ୍ରରେ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହୋଇପାରେ । ଶତ୍ରୁତା କରୁଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ଭ୍ରମଣ ସୁଯୋଗ ପାଇପାରନ୍ତି ।

**ଧନୁ** – ପାରିବାରିକ କ୍ଷେତ୍ରରେ ପଛକଥା ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ । କର୍ମ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହା କି ମାନସିକ ସ୍ଥିତିକୁ ବିଗାଡିଦେବ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇବେ । କାର୍ଯ୍ୟ ହାସଲ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ।

**ମକର** – ପ୍ରତିବନ୍ଧକ ମଧ୍ୟରେ ପ୍ରତ୍ୟେକ କାମ ସମ୍ପନ୍ନ କରିବେ । ପାରିବାରିକ କ୍ଷେତ୍ରରେ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ । ପଡୋଶୀ କେହି ପ୍ରତିବାଦ କରିପାରନ୍ତି, ଯାହା କି ଆପଣଙ୍କ କାମ ପାଇଁ ତାହା ବାଧକ ସାଜିପାରେ । ଆକସ୍ମିକ ସମସ୍ୟା କାରଣରୁ ଶ୍ରବଣା ନକ୍ଷତ୍ରର ଦୂରଯାତ୍ରା ସ୍ଥଗିତ ରହିବ ।

**କୁମ୍ଭ** – ଷଷ୍ଠସ୍ଥ ରବି ହେତୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ପାଇବେ କିନ୍ତୁ ସାଧାରଣ ସମସ୍ୟା ମଧ୍ୟ ରହିବ । କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ । ବିଶେଷ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ । ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ ।

**ମୀନ** – ପାପଗ୍ରହ ପ୍ରଭାବରୁ କର୍ମକ୍ଷେତ୍ରରେ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ । ଆନୁଷ୍ଠାନିକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ । ଶିଳ୍ପ, ବାଣିଜ୍ୟ, ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ । ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟିର ସମ୍ଭାବନା ରହିଛି ।

ଆଜି ଶ୍ରାବଣ ଶୁକ୍ଳ ଷଷ୍ଠୀ ଯୁକ୍ତ ସପ୍ତମୀ ରବିବାର, ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାରଗିଲ୍ ବିଜୟ ଦିବସ, ଓଡିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ, ରାଶିନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ.୧୨.୩୭ମି. ଗତେ ଚିତ୍ରା ନକ୍ଷତ୍ର, ମେଷରାଶିର ଘାତବାର, ବୃଷ ରାଶିର ଘାତଚନ୍ଦ୍ର, ସ୍ୱମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬.୧୬ମି. ଗତେ ଘ.୦୯.୪୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୫୦ମି. ଗତେ ଘ.୦୯.୧୯ମି. ମଧ୍ୟେ ଅମୃତବେଳା । ଦିବା ଘ.୦୫.୨୪ମି. ଗତେ ଘ.୦୬.୧୫ମି. ମଧ୍ୟେ, ଘ.୦୧.୧୧ମି. ଗତେ ୦୨.୦୩ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୦୬ମି. ଗତେ ଘ.୦୬.୫୦ମି. ମଧ୍ୟେ, ରାତ୍ରି ଘ.୧୨.୧୫ମି. ଗତେ ଘ.୦୩.୧୨ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ. ୦୪.୪୫ ମି. ଗତେ ଘ.୦୬.୨୨ମି. ମଧ୍ୟେ ରାହୁକାଳ ।



# classifieds







**BRIDE WANTED**

Government job 48 ବୟସ୍କ unmarried brahmin ପୁଅଙ୍କୁ any caste married unmarried ଝିଅ ଦରକାର। 9668488654. D-67948

Wanted brahmin brides for engineer 5'8"/ 19/9 / 87 and Manager 5.4"/ 9/4 / 87. 7978736177. D-68253

**GROOM WANTED**

GUDIA groom (Service holder/businessman) required for 26 year beautiful graduate bride. Contact: 9778087458. D-17819

Very beautiful brahmin girl 24+1, 5'2", MSC, BED, "VAISNABI". 9337336614. D-69322

real estate

**SALE**

ଭୁବନେଶ୍ୱର ଫୁଲନଖରା ଏବଂ ଭିଙ୍ଗାରପୁର ସୁଧାନନ୍ଦ କଲେଜ ପାଖରେ ଘରବାରି ପ୍ଲଟ୍ ମିଳୁଅଛି। 8093465134. D-69132

5 Acre land of one patch near Khurda, available for sale. Contact: 6371643578, 7655053781. D-17815

to-let

3 BHK apartment in Banaja Apartment, Unit-6.Bhubaneswar contact- 7770010789. D-17820

One Asbestos room with ceiling, Kitchen, Toilet 3500/ near Sum Hospital. 6370627933. D-17792

2BHK opposite Hotel presidency, Nayapalli, 1st floor. Contact: 7077754377. D-69134

A house for rent basis for monthly, total room 25 Nos. Shyamakunj lane grand road, Puri. 9439049996, 9938072500. D-69020

business

**Hotel Rooms for Self Quarantine with all facilities in Bhubaneswar. Contact: 9776048587.** D-67559

Email ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ନିରୁଦ୍ଦିଷ୍ଟ**



ନାମ: ବାପି ପ୍ରଧାନ, ବୟସ: ୩୩, ରଙ୍ଗ: ଶ୍ୟାମଳ, ଉଚ୍ଚତା: ୫'୮'', ୧୩।୦୮।୨୦୧୯ରିଖ ମଙ୍ଗଳବାର ରାତି ୮.୦୦ ସମୟରେ ବାଲେଶ୍ୱର ରେଳଷ୍ଟେଶନଠାରେ କେଉଁଆଡ଼େ ହଜିଯାଇଛନ୍ତି। ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କୁ ପାଆନ୍ତି ଉକ୍ତ ନଂ. 9861040128, 9439276681.ରେ ଜଣାଇବାକୁ ଅନୁରୋଧ। (୧୦,୦୦୦)ଟଙ୍କା ପୁରସ୍କୃତ କରାଯିବ। ଧ-୧୭୮୧୩

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।


# ପଶ୍ଚିମବଙ୍ଗକୁ ୩ ଟ୍ରେନ୍ ବାତିଲ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

ଜୁଲାଇ ୨୫ ଓ ୨୯ ତାରିଖକୁ ପଶ୍ଚିମବଙ୍ଗ ସରକାର ସମ୍ପୂର୍ଣ୍ଣ ଲକ୍‌ଡାଉନ ଘୋଷଣା କରିଥିବାରୁ ପଶ୍ଚିମବଙ୍ଗକୁ ଯାତ୍ରା କରୁଥିବା କେତେକ ଟ୍ରେନକୁ ବାତିଲ କରାଯାଇଛି। ସେହିଭଳି କେତେକ ଟ୍ରେନ୍‌କୁ ଆଂଶିକ ବାତିଲ କରାଯିବା ସହ ରହଣି ଅପସାରଣ କରାଯାଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି। ସିଆଲ୍‌ଦା-ଭୁବନେଶ୍ୱର-ସିଆଲ୍‌ଦା ଦୁରନ୍ତୋ ସ୍ୱତନ୍ତ୍ର ଟ୍ରେନ୍ ସିଆଲଦାଠାରୁ ଆସନ୍ତା ୨୭ ଏବଂ ଭୁବନେଶ୍ୱରରୁ ୨୮ ତାରିଖ ଦୁଇଦିନ ବାତିଲ ରହିବ। ସେହିଭଳି ଭୁବନେଶ୍ୱର-ହାଓଡ଼ା-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଗତ ୨୫ ତାରିଖରେ ବାତିଲ ହୋଇଥିବାବେଳେ ଆସନ୍ତା ୨୯ରେ ଉଭୟ ଦିଗରୁ ବାତିଲ ରହିବ। ଯଶୋବନ୍ତପୁର-ହାଓଡ଼ା-ଯଶୋବନ୍ତପୁର ଦୁରନ୍ତୋ ସ୍ୱତନ୍ତ୍ର ଟ୍ରେନ ଯଶୋବନ୍ତପୁରଠାରୁ ୨୮ ତାରିଖ ଏବଂ ହାଓଡ଼ାରୁ ୨୯ ତାରିଖରେ ଯାତ୍ରା ବାତିଲ କରିବ। ଆଂଶିକ ବାତିଲ ଟ୍ରେନ୍ ମଧ୍ୟରେ ହାଓଡ଼ା-ସିକନ୍ଦରାବାଦ-ହାଓଡ଼ା ଫଲକ୍‌ନାମା ଏକ୍ସପ୍ରେସ ୨୯ ତାରିଖରେ ଉଭୟ ଦିଗରୁ ଭୁବନେଶ୍ୱର ଓ ହାଓଡ଼ା ମଧ୍ୟରେ ବାତିଲ ରହିବ। ୨୮ ତାରିଖରେ ସିକନ୍ଦରାବାଦରୁ ଛାଡ଼ିବାକୁ ଥିବା ସିକନ୍ଦରାବାଦ-ହାଓଡ଼ା ସ୍ୱତନ୍ତ୍ର ଟ୍ରେନ ଭୁବନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ଭୁବନେଶ୍ୱର ଓ ହାଓଡ଼ା ମଧ୍ୟରେ ୨୯ ତାରିଖ ଦିନ ବାତିଲ ରହିବ। ସେହିପରି ୨୯ ତାରିଖରେ ହାଓଡ଼ାରୁ ଛାଡ଼ିବାକୁ ଥିବା ହାଓଡ଼ା-ସିକନ୍ଦରାବାଦ ସ୍ୱତନ୍ତ୍ର ଟ୍ରେନ ହାଓଡ଼ା ଓ ଭୁବନେଶ୍ୱର ମଧ୍ୟରେ ବାତିଲ ରହିବ। ଏହା ହାଓଡ଼ା ପରିବର୍ତ୍ତେ ଭୁବନେଶ୍ୱରଠାରୁ ଛାଡି ସିକନ୍ଦରାବାଦକୁ ଯାତ୍ରା କରିବ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ମଧ୍ୟରେ ଦୁଇଟି ଟ୍ରେନ ପାଇଁ ୨୯ ତାରିଖ ଦିନ ରହଣି ଅପସାରଣ କରାଯାଇଛି। ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ ଉଭୟ ପାର୍ଶ୍ୱରୁ ୨୯ ତାରିଖରେ ପୁରୁଲିଆଠାରେ ରହିବନାହିଁ। ସେହିଭଳି ଭୁବନେଶ୍ୱର-ନୂଆଦିଲ୍ଲୀ-ଭୁବନେଶ୍ୱର ଏସି ସ୍ୱତନ୍ତ୍ର ଟ୍ରେନ ଉଭୟ ପାର୍ଶ୍ୱରୁ ୨୯ ତାରିଖରେ ହିଜ୍‌ଲୀଠାରେ ରହଣି କରିବ ନାହିଁ। ତେଣୁ ଏହି ଟ୍ରେନଗୁଡ଼ିକରେ ଯାତ୍ରୀମାନେ ପରିସ୍ଥିତିକୁ ଧ୍ୟାନରେ ରଖି ଯାତ୍ରା ଯୋଜନା ସ୍ଥିର କରିବାକୁ ପରାମର୍ଶ ଦିଆଯାଇଛି।

## ଆଜିର ମନ୍ତବ୍ୟ

ଦେଶକୁ ଲୁଟିଥିବା ଲୋକେ ହିଁ ସବ୍‌ସିଡିକୁ ଲାଭ ବୋଲି ଅଭିହିତ କରିପାରିବେ।

**-ପୀୟୂଷ ଗୋୟଲ, ରେଳମନ୍ତ୍ରୀ**

## ବିଡିଓ କରୋନା ସଂକ୍ରମିତ

**ବ୍ରହ୍ମଗିରି,(ଡି.ଏନ୍.ଏ.):** ପୁରୀ ଜିଲା ବ୍ରହ୍ମଗିରି ବ୍ଲକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଶନିବାର ବ୍ଲକରେ ୧୬ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଚିହ୍ନଟଙ୍କ ମଧ୍ୟରେ ବିଡିଓ ଓ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ ରହିଛନ୍ତି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ରବିବାର ବ୍ଲକ କାର୍ଯ୍ୟାଳୟ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସାନିଟାଇଜ୍ କରାଯିବ ବୋଲି ଜଣାପଡ଼ିଛି।

**ସଂକ୍ଷେପରେ**

### ରେଭେନ୍ସା କ୍ୟାମ୍ପସରେ କରୋନା

**କଟକ ଅଫିସ,୨୫।୭:** ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ଛାତ୍ରାବାସରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ପୁଅ ଶନିବାର କରୋନା ଆକ୍ରାନ୍ତ ହୋଇଛନ୍ତି। ଯୁବକ ଜଣଙ୍କ ହାୱଡା ମୋର୍ଟସଠାରେ ଥିବା ଏକ ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିଲେ। ତାଙ୍କର ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ରିପୋର୍ଟ ପଜିଟିଭ ଆସିଛି। ଯୁବକ ଜଣଙ୍କ ନିଜ ବାପାଙ୍କ ସହ ରେଭେନ୍ସା ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ରହୁଥିଲେ ବୋଲି ଜଣାପଡ଼ିଛି। ଏବେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ କରୋନାର ଭୟ ଦେଖାଦେଇଛି। ଆକ୍ରାନ୍ତଙ୍କ ବାପା ତଥା ରେଭେନ୍ସାର କର୍ମଚାରୀ ଜଣଙ୍କ ଇତି ମଧ୍ୟରେ ବିଶ୍ୱବିଦ୍ୟାଳୟର ଅନେକ କର୍ମଚାରୀ, ଅଧିକାରୀଙ୍କ ସଂସ୍ପର୍ଶରେ ଆସିଛନ୍ତି।

### ୨୭ରୁ କ୍ୟାନ୍ସର ହସ୍ପିଟାଲରେ ୨୪ଘଣ୍ଟିଆ ଆଣ୍ଟିଜେନ୍ ଟେଷ୍ଟ

**କଟକ ଅଫିସ,୨୫।୭:** ସୋମବାରଠାରୁ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ୨୪ ଘଣ୍ଟିଆ ଆଣ୍ଟିଜେନ ଟେଷ୍ଟ ସୁବିଧା ଉପଲବ୍ଧ ହେବ। ଫଳରେ ଅନେକ ଜରୁରିକାଳୀନ ରୋଗୀ ଲାଭବାନ ହେବେ। ପୂର୍ବରୁ ଏହି ସୁବିଧା କେବଳ ଦିନବେଳା କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ଉପଲବ୍ଧ ଥିଲା। ଫଳରେ ଜରୁରୀ ଓ ସଙ୍କଟାପନ୍ନ ରୋଗୀଙ୍କୁ ଉପଯୁକ୍ତ ସମୟରେ ଆବଶ୍ୟକ ସେବା ମିଳିପାରୁ ନ ଥିଲା। ଏବେ ୨୪ ଘଣ୍ଟା ରୋଗୀଙ୍କ କୋଭିଡ୍ ଟେଷ୍ଟ କରାଯାଇ ଆଡମିଶନ ଓ ଅନ୍ୟାନ୍ୟ ସେବା ଦିଆଯାଇ ପାରିବ। ଉଲ୍ଲେଖଯୋଗ୍ୟ, କ୍ୟାନ୍ସର ହସ୍ପିଟାଲରେ ଚଳିତ ସପ୍ତାହରେ ସମସ୍ତ ପ୍ରକାରର ସେବା ପୁଣି ଆରମ୍ଭ ହୋଇଛି। ଡେ କେୟାରରେ ଦୈନିକ ପ୍ରାୟ ୮୦ ରେଡିଓ ଥେରାପି, ୪୦ ରୋଗୀଙ୍କୁ କେମୋ ଥେରାପି ଓ ଅନ୍ୟ ସମସ୍ତ ସେବା ସ୍ୱାଭାବିକ କରାଯାଇଛି।

### ଖୋର୍ଦ୍ଧା: ୭ ପଜିଟିଭ୍, ୩୬୭ ସ୍ୱାବ୍ ସଂଗ୍ରହ

**ଖୋର୍ଦ୍ଧା ଅଫିସ,୨୫।୭:** ଖୋର୍ଦ୍ଧା ଜିଲା (ବିଏମ୍‌ସିକୁ ବାଦ୍ ଦେଇ)ରେ ଶନିବାର ୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାର ବରୁଣେଇ ଅଞ୍ଚଳରୁ ଜଣେ ରହିଛନ୍ତି। ସେହିପରି ବାଲୁଗାଁରୁ ୨ ଏବଂ ବାଣପୁର, ବୋଲଗଡ଼, ଜଟଣୀ ଓ ମେଣ୍ଢାଶାଳରୁ ଜଣେ ଲେଖାଏ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ଜିଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୬୯୩ରେ ପହଞ୍ଚିଛି। ଅନ୍ୟପଟେ ଜିଲାରେ ୩୬୭ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ତନ୍ମଧ୍ୟରୁ ଖୋର୍ଦ୍ଧାରୁ ୧୧୫, ଟାଙ୍ଗୀରୁ ୪୫, ବାଲୁଗାଁରୁ ୪୫, ବାଣପୁରରୁ ୩୨, ବେଗୁନିଆରୁ ୫୫, ବୋଲଗଡ଼ରୁ ୨୫, ବାଲକାଟୀରୁ ୮, ବାଲିପାଟଣାରୁ ୧୭, ମେଣ୍ଢାଶାଳରୁ ୨୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ବମିଖାଲ ଓଭରବ୍ରିଜରେ ଝୁଲୁଛି ବିପଦ

**ଭୁବନେଶ୍ୱର,୨୫।୭ (ବ୍ୟୁରୋ)**

- ଉପୁଡି ଯାଇଛି ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ
- ୧୭ଦିନ ପରେ ବି ମରାମତି ହେଉନି
- ଦାୟିତ୍ୱ ଖସାଉଛନ୍ତି ବିଏମ୍‌ସି, ଆର୍‌ଆଣ୍ଡ୍‌ବି ଅଧିକାରୀ

ଅଧିକାରୀଙ୍କ ଅବହେଳା ପାଇଁ ନିର୍ମାଣ ସମୟରେ ବମିଖାଲ ଓଭରବ୍ରିଜ୍ ୨ ଜୀବନ ନେଇଥିଲା। ଜଣେ ଶିଶୁ ସମେତ ୧୧ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଏବେ ଦାୟିତ୍ୱରେ ରହୁଥିବା ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ପୁଣି ଏକ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖାଦେଇଛି। ୧୭ଦିନ ହେବ ଓଭରବ୍ରିଜ ପାର୍ଶ୍ୱରେ ଲାଗିଥିବା ଏକ ଭାରି ଓଜନର ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟ ଉପୁଡି ପଡ଼ିବା ସହ ବିପଦଶଙ୍କୁଳ ଅବସ୍ଥାରେ ଝୁଲି ରହିଛି। ଫଳରେ ବ୍ରିଜ୍ ଓ ଏହା ତଳେ ଲୋକେ ଭୟଭୀତ ଅବସ୍ଥାରେ ଯିବାଆସିବା କରୁଛନ୍ତି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଏହାକୁ ମରାମତି କରିବା ପରିବର୍ତ୍ତେ ବିଏମ୍‌ସି ଓ ଆର୍‌ଆଣ୍ଡ୍‌ବି ଅଧିକାରୀ ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ଚେଷ୍ଟା କରୁଛନ୍ତି।

ନିର୍ମାଣ ସମୟରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବିବାଦ ମଧ୍ୟକୁ ଆସିଥିବା ବମିଖାଲ ଓଭରବ୍ରିଜ୍ ଏବେ ଆଉଏକ ଚର୍ଚ୍ଚାକୁ ଆସିଛି। ଆଲୋକମାଳାରେ ଝଲସୁଥିବା ଉକ୍ତ ବ୍ରିଜ୍‌ର ଏକ ଲୁହା ଲାଇଟ୍ ଖୁଣ୍ଟ ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ବ୍ରିଜ୍ ବାଡ଼ରେ ରହିଥିବା ଉକ୍ତ ଖୁଣ୍ଟଟିର ମୂଳରେ ଭିଡ଼ା ଯାଇଥିବା ୪ଟି ନଟ୍‌ବୋଲ୍ଟ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଉପୁଡିଯାଇଥିବାବେଳେ ଗୋଟିଏ ଅଧା ଉପୁଡା ହୋଇ ରହିଛି। ଏହାର ଟିକେ ଉପରକୁ ରହିଥିବା କ୍ଲାମ୍ପ୍ ମଧ୍ୟ ଢ଼ିଲା ହୋଇପଡିଛି। ଫଳରେ ବହୁ ଓଜନ ବିଶିଷ୍ଟ ଏହି ଖୁଣ୍ଟଟି ବ୍ରିଜ୍ ବାଡ଼କୁ ଆଉଜି ଯାଇଛି। ଜୋର୍ ପବନ ହେଲେ ତାହା ବ୍ରିଜ ଉପରକୁ କିମ୍ବା ତଳକୁ ଖସି ପଡିବାର ସମ୍ଭାବନା ରହିଛି।

ବ୍ରିଜ୍ ନିକଟରେ ଦୋକାନ କରିଥିବା ମନୋରଞ୍ଜନ ବେହେରାଙ୍କ କହିବାନୁଯାୟୀ, ଗତ ୮ ତାରିଖ ମଧ୍ୟାହ୍ନରେ ଏକ କାର ବୋଝେଇ କଣ୍ଟେନର ଧକ୍କାରେ ଉକ୍ତ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟଟି ଉପୁଡିପଡ଼ି ନଇଁ ଯାଇଥିଲା। ବମିଖାଲ ଅଞ୍ଚଳର ଦେବେନ୍ଦ୍ର ଘଡ଼େଇ କୁହନ୍ତି, ଏ ନେଇ ବିଏମ୍‌ସିକୁ ଅବଗତ କରାଇବା ପରେ ଅଧିକାରୀମାନେ ଆସି ଖୁଣ୍ଟଟିକୁ ଦେଖି ଚାଲିଯାଇଥିଲେ। ୨ଦିନ ପରେ ପୁଣି କହିବାରୁ ସେମାନେ ଆର୍‌ଆଣ୍ଡ୍‌ବି ବିଭାଗ କାର୍ଯ୍ୟ କରିବ କହି ଏଡ଼ାଇଯାଇଥିଲେ। ବର୍ତ୍ତମାନ ଖୁଣ୍ଟଟି ଯେଉଁ ଅବସ୍ଥାରେ ରହିଛି, ଜୋର୍‌ରେ ପବନ ହେଲେ କାହା ଉପରେ ଯେ ଖସି ନ ପଡ଼ିବ ତାହା କହିବା କଷ୍ଟକର। କୌଣସି ଦୁର୍ଘଟଣା ଘଟିବା ପୂର୍ବରୁ ଏହାର ମରାମତି ଜରୁରୀ ବୋଲି ଘଡ଼େଇ କହିଛନ୍ତି।




ବମିଖାଲ ଓଭରବ୍ରିଜରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଷ୍ଟ୍ରିଟ୍‌ଲାଇଟ୍ ଖୁଣ୍ଟ।

### 'ବିଏମ୍‌ସିକୁ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି'

ଏ ନେଇ ଆର୍‌ଆଣ୍ଡ୍‌ବି ଭୁବନେଶ୍ୱର ଡିଭିଜନର ଇଂ. ଏସ୍.କେ. ନସରୁଲାକହିଛନ୍ତି, ପ୍ରାରମ୍ଭିକ ଅବସ୍ଥାରେ ଷ୍ଟ୍ରିଟ୍ ଲାଇଟ୍‌ର ରକ୍ଷଣାବେକ୍ଷଣ ଆମ ବିଭାଗ କରୁଥିଲା। ମାତ୍ର ବର୍ତ୍ତମାନ ୨ ବର୍ଷ ହେବ ଉକ୍ତ ଦାୟିତ୍ୱ ବିଏମସିକୁ ଦିଆଯାଇଛି। ତେଣୁ ବିଏମ୍‌ସି କର୍ତ୍ତୃପକ୍ଷ ଏହାର ମରାମତି କାର୍ଯ୍ୟ ସମ୍ପାଦନ କରିବେ।

### ବିଧିବଦ୍ଧ ଭାବେ ଦାୟିତ୍ୱ ମିଳିନି: ବିଏମ୍‌ସି

ବିଏମ୍‌ସି ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର କହିଛନ୍ତି, ସହରର ଅନ୍ୟ ଫ୍ଲାଏ ଓଭରଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ବିଏମ୍‌ସିକୁ ହସ୍ତାନ୍ତର କରାଯାଇଛି। କିନ୍ତୁ ବମିଖାଲ ଫ୍ଲାଏ ଓଭର ଦାୟିତ୍ୱ ଏଯାବତ୍ ବିଏମ୍‌ସିକୁ ବିଧିବଦ୍ଧ ଭାବେ ହସ୍ତାନ୍ତର ହୋଇନାହିଁ। ତେଣୁ ଏବେ ଷ୍ଟ୍ରିଟ୍ ଲାଇଟ୍‌ର ମରାମତି କାମ ଆର୍‌ଆଣ୍ଡ୍‌ବ୍ଲୁର ଓ ଆଗାମୀ ଦିନରେ ଦାୟିତ୍ୱ ହସ୍ତାନ୍ତର ପରେ ବିଏମ୍‌ସି କରିବ ବୋଲି ସେ କହିଛନ୍ତି।

### କଣ୍ଟେନ୍‌ମେଣ୍ଟ ଜୋନ୍ ସ୍ଥିତି ସଙ୍ଗିନ

**କଟକ ଅଫିସ,୨୫।୭:** କଟକ ସହରର ଦୁଇଟି କଣ୍ଟେନ୍‌ମେଣ୍ଟ ଜୋନ୍ ଯଥା ଖଟ୍‌ବିନ୍ ସାହି ଏବଂ ପୁରୁଣା ରାଉସପାଟଣାର ସ୍ଥିତି ସାଂଘାତିକ ହେବାରେ ଲାଗିଛି। ସହରର ଅଧିକାଂଶ ଆକ୍ରାନ୍ତ ଏହି ଦୁଇଟି ସାହିରୁ ଚିହ୍ନଟ ହେଉଛନ୍ତି। ଶନିବାର ସହରରେ ମୋଟ ୬୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେଥି ମଧ୍ୟରୁ ଖଟ୍‌ବିନ୍ ସାହିରୁ ୧୩ ଜଣ ଏବଂ ପୁରୁଣା ରାଉସପାଟଣାରୁ ୧୧ଜଣ ଆକ୍ରାନ୍ତ ରହିଛନ୍ତି। ସେହିଭଳି ଏମ୍‌ଏସ୍ ଦାସ ଅଞ୍ଚଳରୁ ୮ଜଣ, ଶଙ୍କରପୁରରୁ ୩, ଏକ ଘରୋଇ ହୋଟେଲରୁ ୨, ବରି ଲେନ୍ ୨, ଦେୱାନ ବଜାରରୁ ୨, ଗୋଠମୂଲିରୁ ୨, କେଶରପୁରରୁ ୨, ସାଇଲୋ ଝରପଡ଼ାର, ଜୟଦୁର୍ଗା ନଗର, ସିଡିଏ ସେକ୍ଟର-୭, ବାଲିସାହି, ଜଗତପୁର, ମାଲଗୋଦାମ, ଚୌଦ୍ୱାର ଜେଲ୍, ରେଭେନ୍ସା ଇଷ୍ଟ ହଷ୍ଟେଲ୍, ଓଏସ୍‌ଏପି ଷଷ୍ଠ ବାଟାଲିଅନ ଏବଂ କଲ୍ୟାଣ ନଗରରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ଏସ୍‌ସିବି ଆଇସୋଲେଶନ୍ ୱାର୍ଡ଼ର ୫ଜଣ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କ ଘର କଟକରେ। ଜିଲାର ବ୍ରହ୍ମପୁର (ଆଠଗଡ଼)ରୁ ୧୨ ଏବଂ ସାଲେପୁର ଅଞ୍ଚଳର ଜଣେ ଚିହ୍ନଟ ହୋଇଛନ୍ତି। ପୁରୁଣା ରାଉସପାଟଣା ଓ ଖଟ୍‌ବିନ୍ ସାହିକୁ ନେଇ ଚିନ୍ତା ବଢ଼ିବାରେ ଲାଗିଛି। ରାଉସପାଟଣାରୁ ଶୁକ୍ରବାର ୨୩ ଜଣ ଚିହ୍ନଟ ହୋଇଥିଲେ।

# ଯାଞ୍ଚ କଲେ ବୈଷୟିକ ଟିମ୍



ବୈଷୟିକ ଟିମ୍‌ର ସଦସ୍ୟମାନେ ରଥ ଯାଞ୍ଚ କରୁଛନ୍ତି।

**ପୁରୀ ଅଫିସ,୨୫।୭**

**ତିନିରଥ ସଂରକ୍ଷଣ ପ୍ରସଙ୍ଗ**

ଭଙ୍ଗାଯିବନି ଚଳିତବର୍ଷର ତିନିରଥ। ୨୦୨୦ ଐତିହାସିକ ରଥଯାତ୍ରାର ସ୍ମୃତି ସ୍ୱରୂପ ତିନିରଥକୁ ସଂରକ୍ଷଣ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ରଥଗୁଡ଼ିକୁ ବର୍ଷତମାମ୍ ଦେଖିପାରିବେ। ଏମିତି ଏକ ନିଷ୍ପତ୍ତି ନେଇଛି ଶ୍ରୀମନ୍ଦିର ପ୍ରଶାସନ। ତେବେ ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନିରଥକୁ ପ୍ରଥମେ ଖୋଲାଯିବ। କିଛି ଅଂଶ ଖୋଲିବା ବେଳେ ନଷ୍ଟ ମଧ୍ୟ ହେବ। ଭାଙ୍ଗିଯାଇଥିବା ଅଂଶକୁ ପୁଣି ନୂତନ ଭାବେ ତିଆରି କରାଯିବ। ବୈଷୟିକ ଟିମ୍ ସଦସ୍ୟଙ୍କ ପରାମର୍ଶ ଅନୁଯାୟୀ ରଥ ଖୋଲାଯିବ ଏବଂ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ପୁଣି ଯୋଡ଼ାଯିବ। ତେଣୁ ରଥକୁ କିପରି ଖୋଲାଯିବ ଏବଂ ଖୋଲିବା ବେଳେ କେଉଁ କେଉଁ ଅଂଶ ଭାଙ୍ଗିବାର ସମ୍ଭାବନା ରହିଛି ତାହାକୁ ବୈଷୟିକ ଟିମ୍ ପରଖିଛନ୍ତି। ଶନିବାର ଅପରାହ୍ନରେ ଟିମ୍ ସଦସ୍ୟମାନେ ତିନିରଥକୁ ବୁଲି ଦେଖିବା ସହ ମୁଖ୍ୟ ମହାରଣା ସେବକ ଏବଂ ଭୋଇ ସର୍ଦ୍ଦାରଙ୍କ ସହ ଆଲୋଚନା କରିଛନ୍ତି। ଡ. ଏନ୍.ସି. ପାଲଙ୍କ ନେତୃତ୍ୱରେ ଟିମ୍ ସଦସ୍ୟମାନେ ରଥଗୁଡ଼ିକୁ ଦେଖିଥିଲେ। ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ସହ କିପରି ଖୋଲାଯିବ, ଖୋଲିବା ବେଳେ କେଉଁ କେଉଁ ଅଂଶ ଭାଙ୍ଗିବ ସେ ସବୁ ବିଷୟରେ ପଚାରି ବୁଝିଛନ୍ତି। କିନ୍ତୁ ଏନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନାହିଁ। ପୁନଶ୍ଚ ଏକ ବୈଠକ ବସି ଏ ବିଷୟରେ ଆଲୋଚନା ହେବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

### ଠିକାଦାରଙ୍କ ଘର ଉପରକୁ ବୋମାମାଡ଼

**ନିଆଳି,୨୫।୭(ଡି.ଏନ୍.ଏ.):** ନିଆଳି ଥାନା କୁଣ୍ଡିଆପାଟଣା ଗ୍ରାମର ଠିକାଦାର ବିଜୟ ସ୍ୱାଇଁଙ୍କ ଘରକୁ ଶୁକ୍ରବାର ରାତିରେ କେତେଜଣ ଦୁର୍ବୃତ୍ତ ବୋମାମାଡ଼ କରିଛନ୍ତି। ଏଥିରେ ବିଜୟ ଓ ତାଙ୍କ ସାନପୁଅ ଅମରେଶ ଗୁରୁତର ହୋଇଛନ୍ତି। ଉଭୟଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବଡପୁଅ ରାଜେଶଙ୍କ ଅଭିଯୋଗକୁ ଭିତ୍ତିକରି ଶନିବାର ପୋଲିସ ଏକ ମାମଲା (ନଂ.୨୦୨/୨୦)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ବିଜୟ ବିନିଶପୁର-ଶିଖରଘାଟ ରାସ୍ତା କାମ କରୁଛନ୍ତି। ଦୁର୍ବୃତ୍ତମାନେ ପୂର୍ବରୁ ବିଜୟ କରୁଥିବା ସାରେଣା-ସରାକୋର ରାସ୍ତା କାମ ପାଇଁ ୧ଲକ୍ଷ ଟଙ୍କା ଚାନ୍ଦା ମାଗିଥିଲେ ମଧ୍ୟ ସେ ଦେଇ ନ ଥିଲେ। ଶୁକ୍ରବାର ଅପରାହ୍ନ ୩ଟାରେ ବିନିଶପୁର-ଶିଖରଘାଟ ରାସ୍ତା କାର୍ଯ୍ୟ ଚାଲିଥିବାବେଳେ ଦୁର୍ବୃତ୍ତମାନେ ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କୁ ଗାଳିଗୁଲଜ କରିଥିଲେ। ପୁଣି ରାତି ସାଢେ ୯ଟାରେ ଦୁର୍ବୃତ୍ତମାନେ ଘର ଆଗରେ ଥିବା ବାଇକ୍‌କୁ ଭାଙ୍ଗିବା ସହ ଗାଳିଗୁଲଜ କରିଥିଲେ। ଏହା ପରେ ସେମାନେ ଘର ଉପରକୁ ଦୁଇଟି ବୋମା ପକାଇଥିଲେ। ଏହି ସମୟରେ ଅମରେଶ ଘରକୁ ଫେରୁଥିବାବେଳେ ଉକ୍ତ ଯୁବକମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଅମରେଶଙ୍କ ଚିତ୍କାର ଶୁଣି ବିଜୟ ଆସିଥିବାରୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ନିଆଳି ପୋଲିସ ପହଞ୍ଚି ଉଭୟଙ୍କୁ ଚାରିଛକ ମେଡିକାଲକୁ ପଠାଇଥିଲା। ସେଠାରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ପ୍ରେମିକାଙ୍କୁ ଅପହରଣ ପରେ ହତ୍ୟା

**ବ୍ରହ୍ମଗିରି,୨୫।୭(ଡି.ଏନ.ଏ)**

ପ୍ରଥମେ ପ୍ରେମ। ତା'ପରେ ପ୍ରତାରଣା କରି ଶେଷରେ ପ୍ରେମିକାକୁ ଅପହରଣ କରି ହତ୍ୟା କରିଛି ପ୍ରେମିକ। ସମସ୍ତ ପ୍ରମାଣକୁ ଲୁଚାଇବାକୁ ଯାଇ ଗାଁଠାରୁ ୫ କିଲୋମିଟର ଦୂର ଏକ ପୋଖରୀ ହୁଡ଼ାରେ ମୃତଦେହକୁ ପୋତିଦେଇଛି। ପୋଲିସ ଛାନ୍‌ଭିନ୍ କରି ମାଟି ତଳୁ ମୃତଦେହ ଉଦ୍ଧାର କରିଛି। ଏଭଳି ଏକ ସ୍ୱର୍ଶକାତର ଘଟଣା ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଶ୍ରୀକରପୁର ଗ୍ରାମରେ ଦେଖିବାକୁ ମିଳିଛି। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସୁଜିତ ସାହୁଙ୍କୁ ଗିରଫ କରିଛି।

ସୂଚନା ମୁତାବକ, ସୁଜିତ ସେହି ଗ୍ରାମର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ଏହି କଥା ଯୁବତୀଙ୍କ ବାପା ଜାଣିବା ପରେ ସୁଜିତଙ୍କ ପରିବାରଙ୍କୁ ଅବଗତ କରାଇଥିଲେ। ୪ ମାସ ପରେ ଉଭୟଙ୍କ ବିବାହ କରାଯିବ ବୋଲି ସୁଜିତଙ୍କ ପରିବାର ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ସମୟ ଅତିବାହିତ ହୋଇଥିଲେ ମଧ୍ୟ ଏମାନଙ୍କ ବିବାହ ସୁଜିତଙ୍କ ପରିବାର ଲୋକେ କରି ନ ଥିଲେ। ଏହି ଘଟଣା ତାଙ୍କ ଗ୍ରାମ ସଭାରେ ଉପସ୍ଥାପନ ହୋଇଥିଲା। ଏହାର କିଛିଦିନ ପରେ ଯୁବତୀ ନିଖୋଜ ହୋଇଯାଇଥିଲେ। ପରେ ଯୁବତୀଙ୍କ ବାପା ଗତ ୧୮ତାରିଖରେ ଝିଅକୁ ସୁଜିତ ଅପହରଣ କରି ନେଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମସଭାରେ ଜଣାଇଥିଲେ। ଗ୍ରାମର ନୀତିନିୟମ ଅନୁସାରେ ଶୁକ୍ରବାର ସଭାରେ ଉଭୟ ପରିବାରଙ୍କ କଥା ବିଚାର ହୋଇଥିଲା। ଯୁବତୀଙ୍କ ସମ୍ପର୍କରେ ପଚରା ଯିବା ପରେ ସୁଜିତଙ୍କ ଭାଇ ଯୁବତୀଙ୍କ ମୃତ୍ୟୁ ହୋଇଥିବା କହିଥିଲେ। ଏହାଶୁଣି ଯୁବତୀଙ୍କ ପରିବାର ଲୋକେ ବିଶ୍ୱାସ କରିପାରିଲେ ନାହିଁ। ଝିଅକୁ ହତ୍ୟା କରାଯାଇଥିବା କହି ପରିବାର ଲୋକେ ଶୁକ୍ରବାର ରାତିରେ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ପୋଲିସ ନଂ.୧୧୭/୨୦ରେ ଏକ ହତ୍ୟା ମାମଲା ରୁଜୁ କରି ସୁଜିତ୍‌ଙ୍କୁ ଧରିଥିଲା। ପଚରାଉଚରା ପରେ ଯୁବତୀଙ୍କୁ ହତ୍ୟା କରି ଗ୍ରାମ ନିକଟ ପୋଖରୀ ପାଖରେ ପୋତିଥିବା ସୁଜିତ ସ୍ୱୀକାର କରିଥିଲେ। ଶନିବାର ପୋଲିସ ସାଇଣ୍ଟିଫିକ ଟିମ ସହ ସୁଜିତଙ୍କୁ ଧରି ଘଟଣାସ୍ଥଳକୁ ଯାଇ ପୋଖରୀ ବନ୍ଧ ନିକଟରୁ ଯୁବତୀଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହି ଉଦ୍ଧାର କାର୍ଯ୍ୟରେ ପୁରୀ ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡେ, ବ୍ରହ୍ମଗିରି ଥାନାଧିକାରୀ ମନୋଜ କୁମାର ଶତପଥୀ, ଅତିରିକ୍ତ ତହସିଲଦାର ହେମନ୍ତ କୁମାର ଭାରିମଲ୍ଲ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଏହି ହତ୍ୟାକାଣ୍ଡରେ ଆହୁରି ଅନେକ ଲୋକ ସାମିଲ ଥିବା ସାଧାରଣରେ ସନ୍ଦେହ ହେଉଛି। ଏ ସମ୍ପର୍କରେ ସଦର ଏସଡିପିଓ ମୁଣ୍ଡ୍ କୁହନ୍ତି, ଆମେ ଅଭିଯୁକ୍ତଙ୍କୁ ଗିରଫ କରି ଘଟଣାର ତଦନ୍ତ କରୁଛୁ। ଏଥିରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତଦନ୍ତ ପରେ ଜଣାପଡିବ।



ମାଟି ତଳୁ ମୃତଦେହକୁ ବାହାର କରାଯାଉଛି।

**ମାଟିତଳୁ ମିଳିଲା ମୃତଦେହ, ଅଭିଯୁକ୍ତ ଗିରଫ**

# କୋଣାର୍କରୁ ଗଲା ଜଳ, ମାଟି



ସୂର୍ଯ୍ୟମନ୍ଦିର ନିକଟରୁ ସଂଗୃହୀତ ଜଳ ଓ ମାଟି ନିଆଯାଉଛି।

**କୋଣାର୍କ,୨୫।୭(ଡି.ଏନ.ଏ.)**

**ଅଯୋଧ୍ୟାରେ ରାମମନ୍ଦିର ପାଇଁ ଭୂମି ପୂଜା**

ଅଯୋଧ୍ୟାରେ ଅଗଷ୍ଟ ୫ରେ ରାମମନ୍ଦିର ନିର୍ମାଣ ଆରମ୍ଭ ହେବ। ଏହାର ଭୂମି ପୂଜା ପାଇଁ କୋଣାର୍କରୁ ପବିତ୍ର ତୀର୍ଥ ଜଳ ଓ ମାଟି ସଂଗ୍ରହ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦ କୋଣାର୍କ ଶାଖା ପକ୍ଷରୁ କୋରିୟର ଯୋଗେ ଏହା ଅଯୋଧ୍ୟାକୁ ପଠାଯିବ। ଶନିବାର ଅପରାହ୍ନରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀର ପବିତ୍ର ଜଳ, କାକଟପୁର ପ୍ରାଚୀ ତୀର୍ଥ ଜଳ, କୋଣାର୍କ ସୂର୍ଯ୍ୟମନ୍ଦିର ନିକଟରୁ ପବିତ୍ର ମାଟିକୁ କଳସରେ ଭରାଯାଇଥିଲା। ପ୍ରଥମେ ନବଗ୍ରହ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ବିଶ୍ୱ ହିନ୍ଦୁ ପରିଷଦର କୋଣାର୍କ ପ୍ରଖଣ୍ଡ ସଭାପତି ଭାଗୀରଥି ସ୍ୱାଇଁ, ରାମକୃଷ୍ଣ ମହାନ୍ତି, ମିତ୍ରଲାଭ ନାୟକ ପ୍ରମୁଖ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ସାମାଜିକ ଦୂରତ୍ୱ ରକ୍ଷା କରି ତୀର୍ଥଜଳ କଳସ ଧରି ସୂର୍ଯ୍ୟମନ୍ଦିର ପରିକ୍ରମା କରିଥିଲେ। ଏହା ଆମ ପାଇଁ ଗର୍ବର ବିଷୟ ବୋଲି ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରିୟରଞ୍ଜନ ରଥ, ପ୍ରତାପ କାଣ୍ଡି, ନୃସିଂହ ନାୟକ, ବିରଞ୍ଚି ନାରାୟଣ ରଥ, ଶରତ ମଲ୍ଲ, ଅଶୋକ ପଣ୍ଡା, କୁନାଲ ପାତ୍ର, ରଘୁନାଥ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

### ପୋଲିସକୁ କରୋନା ଭୟ

**ଖୋର୍ଦ୍ଧା ଅଫିସ,୨୫।୭:** ଖୋର୍ଦ୍ଧା ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। ଜିଲାର ୧୮ପୋଲିସ କର୍ମଚାରୀ ତଥା ଅଧିକାରୀ ସଂକ୍ରମିତ ହେବା ପରେ ପୋଲିସ ପ୍ରଶାସନର ଚିନ୍ତାର କାରଣ ହୋଇଛି। ପ୍ରଥମେ ଖୋର୍ଦ୍ଧା ଟାଉନ୍ ଥାନା ପରେ ଏସ୍‌ପି ଅଫିସ୍ ଏବେ ବାଣପୁର ଥାନାରୁ ଏକକାଳୀନ ୧୦ଜଣ ସଂକ୍ରମିତ ହୋଇଛନ୍ତି। ଜିଲା ଲକ୍‌ଡାଉନ ଥିବାରୁ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଇନ୍‌ଶୃଙ୍ଖଳା ଓ କରୋନା ସଂକ୍ରମଣ ଖୋର୍ଦ୍ଧା ପୋଲିସର ଚିନ୍ତାର କାରଣ ହୋଇଛି। ଏ ସମ୍ପର୍କରେ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସତର୍କ କରାଯାଇଛି। ସମ୍ପୃକ୍ତ ଥାନା ଓ ଏସ୍‌ପି ଅଫିସ୍‌କୁ ସାନିଟାଇଜ୍ କରାଯାଇଛି। ଏସ୍‌ପି ଅଫିସକୁ ସର୍ବସାଧାରଣ ଆସିବାକୁ ମନା କରାଯାଇଛି। ଅଭିଯୋଗ ଲାଗି କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୋଗ ବାକ୍ସ ରଖାଯାଇଛି ବୋଲି ସେ କହିଛନ୍ତି।

# ହାଣ୍ଡିଶାଳକୁ ପ୍ରଭାବିତ କରୁଛି ଦର ବୃଦ୍ଧି

**କଟକ ଅଫିସ,୨୫।୭**

**ମାସକରେ ଆଳୁ କେଜି ପିଛା ୧୫, ପିଆଜ ୧୦ ଟଙ୍କା ବଢ଼ିଛି**



ଆଳୁ ଓ ପିଆଜ ଦର ଗତ କିଛି ସପ୍ତାହ ଭିତରେ ବଢ଼ିବାରେ ଲାଗିଛି। ମାସକ ଭିତରେ ଆଳୁ ଦର କେଜି ପିଛା ୧୫ ଟଙ୍କା ଓ ପିଆଜ ଦର ୧୦ ଟଙ୍କା ବଢ଼ି ସାରିଲାଣି। ଖୁଚୁରା ବେପାର ଓ ଗୋଦାମରେ ମଧ୍ୟ ଆଳୁ ଚଢ଼ାଦରରେ ବିକ୍ରି ହେଉଛି। ଏବେ ରୋଜଗାରର ମାଧ୍ୟମ ବନ୍ଦ ଥିବାବେଳେ ପରିବା ଦର ବୃଦ୍ଧି ହାଣ୍ଡିଶାଳକୁ ପ୍ରଭାବିତ କଲାଣି।

ସାମୁଦ୍ରିକ ଝଡ଼ ଅମ୍ଫନ ପରେ ଆଳୁ, ପିଆଜ ଦର ବଢ଼ିଥିବା ଛତ୍ରବଜାରର ବ୍ୟବସାୟୀ କହିଛନ୍ତି। କିଛି ଦିନ ତଳେ ସଂଶୋଧିତ ଆଇନ କ୍ରମେ ଆଳୁ, ପିଆଜ ଓ ଡାଲିକୁ ଅତ୍ୟାବଶ୍ୟକ ସାମଗ୍ରୀରୁ ବାଦ୍ ଦିଆଯାଇଥିଲା। ଏବେ ଆଳୁ, ପିଆଜ ଦର ବଢ଼ିବା ଏହି ଆଇନର ପ୍ରଭାବ ବୋଲି କୁହାଯାଉଛି। ଗତ ମାସରେ ଆଳୁ କେଜି ପିଛା ୧୯ରୁ ୨୦ ଟଙ୍କାରେ ବିକ୍ରି ହେଉଥିଲା। ଏବେ ୩୫ ଟଙ୍କାରେ ପହଞ୍ଚିଲାଣି। ସେହିପରି ପିଆଜ ୨୦ ଟଙ୍କାରୁ ବୃଦ୍ଧି ପାଇ ଏବେ ୩୦ ଟଙ୍କାରେ ବିକ୍ରି ହେଉଛି। ଛତ୍ରବଜାର ବ୍ୟବସାୟୀ ତଥା ସ୍ଥାନୀୟ ପୂଜା କମିଟି ସଭାପତି ଦେବେନ୍ଦ୍ରନାଥ ସାହୁଙ୍କ ସୂଚନା ମୁତାବକ, ଅମ୍ଫନ ପୂର୍ବରୁ ଆଳୁ କୁଇଣ୍ଟାଲ ପିଛା ୧୯୦୦ରୁ ୨୦୦୦ ଟଙ୍କା ଥିଲା। ଅମ୍ଫନ ପରେ ଏହା ୧୦୦ରୁ ୨୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଅମ୍ଫନ ଯୋଗୁ ପଶ୍ଚିମବଙ୍ଗ ଓ ଆସାମରେ ବନ୍ୟା ଦେଖାଦେବା ପରେ ଏହି ଦୃଷ୍ଟିରୁ ଆଳୁ ଦର ବଢ଼ିଥିଲା। କିନ୍ତୁ ଏବେ ଆଳୁ ହୋଲସେଲ୍‌ରେ କୁଇଣ୍ଟାଲ ପିଛା ୨୪୫୦ରୁ ୨୫୦୦ ଟଙ୍କାରେ ବିକ୍ରି ହେଉଥିବା ସେ କହିଛନ୍ତି। ପିଆଜ କୁଇଣ୍ଟାଲ ପିଛା ୧୬୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ପୂର୍ବ ଭଳି ଆଳୁ, ପିଆଜ ଟ୍ରକ୍ ଅଧିକ ସଂଖ୍ୟାରେ ଆସୁନାହିଁ। ଆମେ ଯଥୋଚିତ ମୂଲ୍ୟରେ ବିକୁଛୁ। ଖୁଚୁରା ବ୍ୟବସାୟୀ ଦର ବଢ଼ାଉଛନ୍ତି ବୋଲି ଛତ୍ରବଜାରର ଅନ୍ୟ ଜଣେ ବ୍ୟବସାୟୀ ପ୍ରକାଶ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀରୁ ବାଦ୍ ଦେବା ପରେ ପରିବା ଦର ଉପରେ ସରକାରଙ୍କ ନିୟନ୍ତ୍ରଣ ରହୁନି। ଏହି ସୁଯୋଗରେ କଳାବଜାର କରୁଥିବା ବ୍ୟବସାୟୀ ଏବେ ଏହାକୁ ଗଚ୍ଛିତ ରଖି ବଜାରରେ ଆଳୁ ସଙ୍କଟ ଦେଖାଦେଇଛି ବୋଲି ଗୁଜବ ସୃଷ୍ଟି କରୁଥିବା ଚର୍ଚ୍ଚା ହେଉଛି। ଏନେଇ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ରଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ସେ ରିସିଭ କରି ନ ଥିଲେ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**
**ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**
ଟେଣ୍ଡର ବିଜ୍ଞପ୍ତି ନଂ.: ସିନିୟର ଡିଇଇ (ଜି) ବିଏସ୍‌ପି/ଓଟିପି/୨୦୨୦-୨୧/୧୧, ତାରିଖ: ୨୩।୦୭।୨୦୨୦। କାର୍ଯ୍ୟ: ବିଳାସପୁର ଡିଭିଜନରେ ବିଳାସପୁରଠାରେ ୩୩ କେଭି ରିସିଭିଂ ସବ୍-ଷ୍ଟେଶନର ନବୀକରଣ ଏବଂ ଜିଏମ୍ ବିଲ୍ଡିଂ ବିଳାସପୁରରେ ପୁରୁଣା ଏୟାର କଣ୍ଡିସନିଂ ସିଷ୍ଟମର ଅଇଥାନ । ଟେଣ୍ଡର ମୂଲ୍ୟ: ₹୬୨,୧୮,୦୧୧/-। ଅମାନତ ଜମା ରାଶି: ₹୧,୨୪,୪୦୦/-। ଟେଣ୍ଡର ସମାପ୍ତି ତାରିଖ ଓ ସମୟ: ତା୧୭।୦୮।୨୦୨୦ରିଖ, ୧୫.୦୦ ଘଟିକା। ଅଧିକ ବିବରଣୀ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଆମ ୱେବ୍‌ସାଇଟ: www.ireps.gov.in ରେ ଉପଲବ୍ଧ ଟେଣ୍ଡର କାଗଜପତ୍ର ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ।
ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର
CPR/10/178 (ଆର୍‌ଏସ୍ ଆଣ୍ଡ ଜି)/ବିଳାସପୁର
South East Central Railway @secrail

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-OT-HDS-PRDP-SCADA-188 ତା.17.07.2020ରିଖ
କାର୍ଯ୍ୟର ନାମ: ବାର ମାସ ସମୟାବଧି ପାଇଁ ଡିପୋଜିଟ୍ ଟର୍ମରେ ଖୋର୍ଦ୍ଧାରୋଡ଼ ଡିଭିଜନର ହରିଦାସପୁର-ପାରାଦୀପ ନୂଆ ଲାଇନ (BG) ରେ ସଂକେତ ଏବଂ ଦୂରସଂଚାର ର ରକ୍ଷଣାବେକ୍ଷଣ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 2,25,78,168.72, EMD (ଟଙ୍କାରେ): 2,62,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/- (GST 18% ସହିତ)।
ବିଡ୍ ଆରମ୍ଭ ହେବା ତାରିଖ: ତା.27.07.2020ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.10.08.2020 ରିଖ 1100 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ ଖୋର୍ଦ୍ଧା ରୋଡ଼
PR-178/L/20-21

# ଭାଷଣସର୍ବସ୍ୱ ସରକାର



ଆକାର ପଟେଲ

ପ୍ରଧାନମନ୍ତ୍ରୀ ଅଯୋଧ୍ୟାରେ ନୂତନ ରାମ ମନ୍ଦିର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିବେ। ଆମ ପ୍ରଧାନମନ୍ତ୍ରୀଙ୍କ ସହ ଜଡିତ ଅନ୍ୟାନ୍ୟ ଉତ୍ସବ ପରି ଏହା ଏକ ମହାନ୍ ସମାରୋହ ହେବା ନିଶ୍ଚିତ। ଏହା ଅଗଷ୍ଟ ୫ରେ ହେବ, ଯାହାକି କଶ୍ମୀର ତା'ର ସାମ୍ବିଧାନିକ ମାନ୍ୟତା ହରାଇବାର ପ୍ରଥମ ବାର୍ଷିକ ଦିବସ। ଚଳିତ ବର୍ଷ ଛଅମାସରେ କଶ୍ମୀରରେ ହିଂସା ଘଟଣାରେ ୨୦୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଗତବର୍ଷ ତୁଳନାରେ ଏହା ଦୁଇଗୁଣ ଅଧିକ। ଏହି ସରକାର ଅଧୀନରେ କଶ୍ମୀରରେ ହିଂସା ବୃଦ୍ଧି ପାଉଛି, ଯାହା କି ବାଜପେୟୀ ଓ ମନମୋହନ ସିଂଙ୍କ ଅମଳରେ ହ୍ରାସ ପାଉଥିଲା। କଶ୍ମୀରକୁ ସାମରିକ ଶାସନ ମାଧ୍ୟମରେ ନିୟନ୍ତ୍ରଣରେ ରଖାଯାଉଛି। କଶ୍ମୀରବାସୀଙ୍କର କୌଣସି ଇଣ୍ଟରନେଟ୍ ସଂଯୋଗ ନାହିଁ। ତେଣୁ ସେମାନେ ନିଜର ଭାବ ପ୍ରକାଶ କରିପାରୁ ନାହାନ୍ତି। ସୁପ୍ରିମ୍‌କୋର୍ଟରେ ସେମାନଙ୍କ ଆବେଦନର ଶୁଣାଣି କରାଯାଉ ନାହିଁ। ଏହାକୁ ବୋଧହୁଏ ଅନ୍ୟ ଅନେକ ଆବେଦନ ପରି ଗୁରୁତ୍ୱ ଦିଆଯାଉ ନାହିଁ।

ଏବେ ଆସନ୍ତୁ କୋଭିଡ୍ ବିରୋଧରେ ଚାଲିଥିବା ଆମର ଯୁଦ୍ଧ ପ୍ରସଙ୍ଗକୁ ଯିବା। ଏହି ମହାମାରୀ ହେଉଛି ଏପରି ରୋଗ ଯାହା ସରକାରଙ୍କ ଦ୍ୱାରା କେବଳ ଆଂଶିକ ନିୟନ୍ତ୍ରିତ ହୋଇପାରିବ। କିନ୍ତୁ ଏପରି କିଛି ଜିନିଷ ଅଛି ଯାହା ସରକାର କରିପାରିବେ। ପଡୋଶୀ ପାକିସ୍ତାନ ସଂକ୍ରମଣ ହାରକୁ ନିୟନ୍ତ୍ରଣରେ ରଖିବାରେ ସଫଳ ହୋଇଥିବା ଜଣାପଡିଛି। ସେଠାରେ ଜୁନ୍ ୧୪ରେ ୬୮୦୦ ନୂଆ ସଂକ୍ରମଣ ଘଟିଥିବା ବେଳେ ଜୁନ୍ ୨୮ରେ ତାହା ୪୦୦୦କୁ କମିଲା ଏବଂ ଜୁଲାଇ ୨୪ରେ ଏହା ୧୨୦୦କୁ ହ୍ରାସ ପାଇଛି। କିନ୍ତୁ ଭାରତରେ ଜୁନ୍ ୧୪ରେ ୧୧୦୦୦ ସଂକ୍ରମଣ ମାମଲାରୁ ଜୁନ୍ ୨୮ରେ ୨୦୦୦୦ ଏବଂ ଜୁଲାଇ ୨୪ରେ ପ୍ରାୟ ୪୯୦୦୦ ମାମଲାକୁ ବୃଦ୍ଧି ପାଇଛି। ପାକିସ୍ତାନର ଜନସଂଖ୍ୟା ଆମର ଏକ ପଞ୍ଚମାଂଶ ହୋଇଥିବା ବେଳେ ସେହି ତୁଳନାରେ କିଛିଦିନ ତଳେ ସେମାନଙ୍କ ସଂକ୍ରମଣ ହାର ଆମଠାରୁ ଅଧିକ ଥିଲା। ବର୍ତ୍ତମାନ ସେମାନେ ଏହାକୁ ନିୟନ୍ତ୍ରଣାଧୀନ କରିପାରିଥିବା ବେଳେ ଭାରତ ତାହା କରିପାରି ନାହିଁ। ସମାନ ଅବଧିରେ ବାଂଲାଦେଶରେ ମଧ୍ୟ ମାମଲା ହ୍ରାସ ପାଇବାରେ ଲାଗିଛି। ଏପରି ସମୟରେ ନିଜର ବଡ଼ ଘୋଷଣା କରିବାରେ କିନ୍ତୁ ମୋଦି ପଛଘୁଞ୍ଚା ଦେଉନାହାନ୍ତି।

ନଭେମ୍ବର ୮, ୨୦୧୬ ରାତି ୮ଟାରେ ଅତି ଉତ୍ସାହର ସହ ସେ ଯେଉଁ ଘୋଷଣା କରିଥିଲେ ତାହା ଭାରତୀୟ ଅର୍ଥବ୍ୟବସ୍ଥାକୁ ଖରାପ କରିଦେଲା। ଜିଡିପି ତଥ୍ୟକୁ ଜାଲିଆତି କରି ସରକାର ଏହାର କ୍ଷତି ଲୁଚାଇବାକୁ ଚେଷ୍ଟା କଲେ। ଦୁଇ ସପ୍ତାହ ପୂର୍ବେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ସି. ରଙ୍ଗରାଜନ୍ କହିଥିଲେ ଯେ ଜିଡିପି ହିସାବ କରିବାର ପଦ୍ଧତିକୁ ନେଇ ସରକାର ବିବାଦର ଅନ୍ତ ଘଟାଇବା ଉଚିତ। ଏହି ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ୍ ନିଜେ ହିସାବ କରି କହିଛନ୍ତି ଯେ ପ୍ରକୃତରେ ଜିଡିପି ଅଭିବୃଦ୍ଧି ଯେତିକି ହୋଇଛି, ଭାରତ ତାକୁ ୨.୫% ଅଧିକ କରି ରିପୋର୍ଟ କରୁଛି।

ଶନିବାର ମିଣ୍ଟରେ ପ୍ରକାଶିତ ରିପୋର୍ଟ ଅନୁସାରେ ସମସ୍ତ ଅର୍ଥନୈତିକ ସୂଚକାଙ୍କ ଦର୍ଶାଇଛି ଯେ ସରକାର ମିଛ କହୁଛନ୍ତି। କାରଖାନା ଉତ୍ପାଦନରେ ଅଭିବୃଦ୍ଧି ୨୦୧୧ରେ ୯% ଥିଲାବେଳେ ତାହା ୨%କୁ ହ୍ରାସ ପାଇଛି। ମୋଦି ସରକାରଙ୍କ ନିଜସ୍ୱ ଜାତୀୟ ନମୁନା ସର୍ବେକ୍ଷଣରୁ ଜଣାପଡିଛି ଯେ ଗ୍ରାମାଞ୍ଚଳର ଉପଭୋଗ ବିୟୁକ୍ତ ୧.୫% ବୃଦ୍ଧି ପାଇଛି, ଅର୍ଥାତ୍ ଏହା ହ୍ରାସ ପାଇଛି। ଏପରିକି ସହରୀ ଉପଭୋଗ ୩.୪%ରୁ ୦.୩%କୁ ହ୍ରାସ ପାଇଛି। କର୍ପୋରେଟ୍ ନିବେଶ ୨୩% ଅଭିବୃଦ୍ଧିରୁ ବିୟୁକ୍ତ ୧.୮%ରେ ପହଞ୍ଚିଛି। ବ୍ୟାଙ୍କ କ୍ରେଡିଟ୍ ଅଭିବୃଦ୍ଧି ୧୪%ରୁ ୪%କୁ ହ୍ରାସ ପାଇଛି। କିନ୍ତୁ ଜିଡିପି ଅଭିବୃଦ୍ଧି ଆକଳନ ସମାନ ରହିଛି: ମୋଦିଙ୍କ ପୂର୍ବରୁ ୭% ଥିଲା ଏବଂ ପରେ ବି ୭% ଅଛି, ଯାହା କି ଉପରୋକ୍ତ ସମସ୍ତ ତଥ୍ୟ ଦୃଷ୍ଟିରୁ ଅବିଶ୍ୱସନୀୟ। ବେକାରି ହାର ସର୍ବୋଚ୍ଚ ୮% ଛୁଇଁଛି ଯାହା ଇତିହାସରେ ଦେଖାଯାଇ ନ ଥିଲା। ଶୁକ୍ରବାର ଦିନ ଆର୍‌ବିଆଇ କହିଛି ଯେ ବ୍ୟାଙ୍କଗୁଡିକର ଅଚଳ ପରିସମ୍ପତ୍ତି (ଏନ୍‌ପିଆଇ) ମାର୍ଚ୍ଚ ସୁଦ୍ଧା ବର୍ତ୍ତମାନର ୮.୫%ରୁ ୧୨.୫%କୁ ବୃଦ୍ଧି ପାଇବ ଏବଂ ବୋଧହୁଏ ଏହା ଆହୁରି ବୃଦ୍ଧି ପାଇପାରେ। କିନ୍ତୁ ଅର୍ଥମନ୍ତ୍ରୀ ଅର୍ଥନୀତିରେ ଉନ୍ନତିର ଆଶା ଅଛି ବୋଲି କହିଛନ୍ତି, ଯଦିଚ ତାଙ୍କ କଥାକୁ କେହି ଗମ୍ଭୀରତାର ସହ ଗ୍ରହଣ କରନ୍ତି ନାହିଁ।

ମେକ୍ ଇନ୍ ଇଣ୍ଡିଆ ପରି ବଡ଼ ଘୋଷଣା କରି ମୋଦି ସେଠାରୁ ମଧ୍ୟ ଆଗ୍ରହ ହରାଇଛନ୍ତି। ଭାରତରେ ଜିଡିପିରେ ମାନୁଫ୍ୟାକ୍ଚରିଂ ଶିଳ୍ପର ଅଂଶ ଘୋଷଣା ପୂର୍ବରୁ ୧୫%ରୁ ପରେ ୧୪%କୁ ହ୍ରାସ ପାଇଛି। ଏହି ସମୟରେ ଭିଏତ୍‌ନାମ ଏବଂ ବାଂଲାଦେଶ ଉପରକୁ ଉଠିଛନ୍ତି। କେବଳ ଘୋଷଣା କରିବା ଛଡ଼ା ଏହି ସରକାର କ'ଣ କରିପାରନ୍ତି ତାହା ଦେଖିବାକୁ ପଡିବ। ଦକ୍ଷିଣ ଏସିଆର ନିର୍ଯାତିତ ସଂଖ୍ୟାଲଘୁଙ୍କୁ ମୋଦି କିପରି ସୁରକ୍ଷା ଦେବେ ସେ ନେଇ ନାଗରିକତ୍ୱ ସଂଶୋଧନ ଅଧିନିୟମ ଏକ ବଡ଼ ଧମାକା ସହିତ ପାରିତ ହେଲା। କିନ୍ତୁ ଆଇନର ନିୟମଗୁଡ଼ିକ ଏପର୍ଯ୍ୟନ୍ତ ସରକାର ଲେଖି ନାହାନ୍ତି। ଏହାର ଅର୍ଥ ଏହା କାର୍ଯ୍ୟକାରୀ ନୁହେଁ ଏବଂ କାହାକୁ ସୁରକ୍ଷା ଦେଇପାରିବ ନାହିଁ। ଚାଇନା ସହିତ ସୀମାରେ ସମସ୍ୟା ଦେଖାଦେଲା। କିନ୍ତୁ ଲଦାଖରେ ଏକ ଉତ୍ସାହଜନକ ଭାଷଣ ଦେଇ ମୋଦି ଏହାର ସମାଧାନ କରିଦେଲେ। ଏହା ପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଅକ୍ଟୋବର ସୁଦ୍ଧା ସେହି ଅଞ୍ଚଳକୁ ଯିବା ପାଇଁ ଆମେ ବ୍ୟବହାର କରୁଥିବା ପାସ୍‌ଗୁଡିକ ବରଫାଚ୍ଛନ୍ନ ହୋଇଯିବ। ଆମର ସୈନିକମାନଙ୍କ ମଧ୍ୟରୁ ପ୍ରାୟ ୨ ଲକ୍ଷଙ୍କୁ ଉପଯୁକ୍ତ ବାସସ୍ଥାନ ବିନା ରହିବାକୁ ପଡିବ। ଡୋକଲାମ ଘଟଣା ପରେ ଗତ ତିନିବର୍ଷ ମଧ୍ୟରେ ଚାଇନା ସେମାନଙ୍କ ସେନା ପାଇଁ ବାସସ୍ଥାନ ନିର୍ମାଣ କରିଥିଲା, ଯାହାକୁ ମୋଦି ହାଲୁକା ଭାବେ ଗ୍ରହଣ କରିଥିଲେ। ଚାଇନିଜମାନେ ଆମ ଅଞ୍ଚଳରେ ପଶିଥିବା ବେଳେ ମୋଦି କହିଲେ ଯେ କୌଣସି ଅନୁପ୍ରବେଶ ହୋଇନାହିଁ। ଏପରି ବିବୃତି ଦେବାର ଆବଶ୍ୟକତା କ'ଣ ଥିଲା?

ଆସନ୍ତା ସପ୍ତାହରେ ମୁଁ ତାଙ୍କ ପରବର୍ତ୍ତୀ ଭାଷଣକୁ ଅନୁଧ୍ୟାନ କରିବି। ଏହା ନିଶ୍ଚୟ ଚିତ୍ତାକର୍ଷକ ଓ ଉତ୍ସାହଜନକ ହେବ ଏବଂ ସେଥିରେ ଅନେକ ପ୍ରତିଶ୍ରୁତି ରହିବ ଯାହା ସେ ସମ୍ଭବତଃ ପୂରଣ କରି ପାରିବେ ନାହିଁ। କିନ୍ତୁ ଅନ୍ତତଃପକ୍ଷେ ସେ ଆମକୁ ଅଧିକ ଭାଷଣ ଓ ଘୋଷଣାର ଗ୍ୟାରେଣ୍ଟି ଦେଇପାରିବେ।

Email:aakar.patel@gmail.com

# ଭାରତ-ଚାଇନା ସୀମାରେ ବଫର ଶବ୍ଦର ଭୁଲ୍ ବ୍ୟବହାର



ସହଦେବ ସାହୁ

ପରସ୍ପର ସଂଘର୍ଷ ସମ୍ଭାବନା ଥିବା ଦୁଇଟି ବିରାଟ ଦେଶ ମଧ୍ୟବର୍ତ୍ତୀ ନିରପେକ୍ଷ ଦେଶକୁ ବଫର ଷ୍ଟେଟ୍ କୁହାଯାଏ, ଏହା ସାଧାରଣତଃ କ୍ଷୁଦ୍ରତର ଦେଶ ହୋଇଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ଦୁଇପକ୍ଷ ଭିତରେ ସୁଇଜରଲାଣ୍ଡ ଏକ ବଫର ରାଷ୍ଟ୍ର ଥିଲା, ଚାଇନାରେ ମିଶିଯିବା ପୂର୍ବରୁ ତିବ୍ବତ୍ ଭାରତ ଓ ଚାଇନା ମଧ୍ୟରେ ବଫର ଥିଲା। ଯେଉଁଦିନୁ ଚାଇନା ତିବ୍ବତ୍‌କୁ ଗ୍ରାସ କରିନେଲା ସେହି ଦିନଠାରୁ ଚାଇନା ଓ ଭାରତ ମଧ୍ୟରେ ବଫର ରାଷ୍ଟ୍ର ନାହିଁ। ଏବେ ଭାରତ ଓ ଚାଇନା ମଧ୍ୟରେ ସଂଘର୍ଷ ହୋଇଗଲା ପରେ ଶାନ୍ତି ଲାଗି ଯେଉଁ ଆଲୋଚନା ହେଉଛି ତହିଁରେ ଦୁଇଦେଶର ସୀମାରେ ଏକ ବଫର ଜୋନ୍ ରହୁ ବୋଲି କେତେକ ଖବରକାଗଜ ମତ ଦେଉଛନ୍ତି। ଚାଇନା ଓ ଭାରତ ଭିତରେ ବଫର ଜୋନ୍ କହିବା ମାନେ ଏକ ଭ୍ରାନ୍ତଧାରଣା ତିଆରି ହେଉଛି, ସତେ ଯେପରି ଚାଇନା ଓ ଭାରତ ସୀମାରେ ଏକ ନିରପେକ୍ଷ ଅଞ୍ଚଳ ଅଛି। ବଫର ଜୋନ୍ କହିଲା ବେଳେ ଆମେ ଭାବି ନେଉ ଯେପରି ସେ ଜୋନ୍ ବା ଇଲାକାରେ ଚାଇନା କିମ୍ବା ଭାରତର କାହାରି ଅଧିକାର ନାହିଁ, କେହି ଗୋଟିଏ ତୃତୀୟ ପକ୍ଷ ତାହାକୁ କଣ୍ଟ୍ରୋଲ କରୁଛି। ସତେ ଯେପରି ଚାଇନା ଓ ଭାରତର ସୀମା ଭିନ୍ନ ଭିନ୍ନ ହୋଇ ରହିଛି, ମଝିରେ କିଛି ଜାଗା ଏକ ତୃତୀୟ ରାଷ୍ଟ୍ରର ଅଧୀନରେ ଅଛି। ତେଣୁ ଚାଇନା ଓ ଭାରତ ଭିତରେ ସୀମା ସଂଘର୍ଷ ସମ୍ପର୍କରେ ବଫର ଶବ୍ଦ ପ୍ରୟୋଗ କରିବା ଭୁଲ୍। ଦୁଇ ଦେଶର ସୀମା ଯେଉଁଠି କଳିର କାରଣ, ସେଠି ବଫର ବା 'ଫାଙ୍କା ଜାଗା' ଧାରଣା ତ ଭୁଲ୍। ପ୍ରତି ଦେଶ ତାହାର ସୈନ୍ୟବାହିନୀକୁ ପଛକୁ ଘୁଞ୍ଚାଇ ନିଅନ୍ତି ତ ତାହା ଡିମିଲିଟାରାଇଜ୍‌ଡ ଜୋନ୍ (ସାମରିକବାହିନୀମୁକ୍ତ ଅଞ୍ଚଳ) ତିଆରି କରେ।

ଯୁକ୍ତିଟାକୁ ଦେଖନ୍ତୁ। ଶାନ୍ତି ପାଇଁ କ'ଣ ଦରକାର? ଦୁଇଟା ସାମରିକ ବାହିନୀ ବହୁଦିନ ଧରି ମୁହାଁମୁହିଁ ରହିଆସିଥିବା ବେଳେ ସାଧାରଣ କଥା ହେବ ଡିସ୍‌ଏନ୍‌ଗେଜ୍‌ମେଣ୍ଟ, ଅର୍ଥାତ୍ ଦୁଇପକ୍ଷ ପଛକୁ ଘୁଞ୍ଚିଯିବେ ଏବଂ କିଛି ସପ୍ତାହ ଲାଗି ପଇଁତରା ମାରିବେ ନାହିଁ। ଏଇ ସମୟରେ ପଇଁତରା କଲେ ଝଗଡା ଲାଗିପାରେ। କାରଣ ସଦ୍ୟ ବନ୍ଦ ହୋଇଥିବା ଝଗଡାର ସ୍ମୃତିଟି ମନେଥାଏ। ତେଣୁ ସୈନ୍ୟବାହିନୀ ଫେରୁଥିବା ସମୟରେ ପାଟ୍ରୋଲିଂ କରାଯାଏ ନାହିଁ। ଜୁନ୍ ୧୫ରେ ଗଲ୍‌ୱାନ୍‌ରେ ଯେଉଁ ଝଗଡା ହେଲା ସେହି ସମୟରେ ଉଭୟ ପକ୍ଷ ଯୁଦ୍ଧ ବିରତି ପ୍ରକ୍ରିୟା ଭିତରେ ଥିଲେ। ଚାଇନା ପକ୍ଷ ଫେରୁଛନ୍ତି କି ନାହିଁ ଜାଣିବାକୁ ଭାରତୀୟ ସୈନ୍ୟମାନେ ପଇଁତରା କଲେ ତ ଝଗଡା ଆରମ୍ଭ ହୋଇଗଲା, ଚାଇନାର ୪୫ ସୈନ୍ୟ ମଲେ ବୋଲି ଆମେ ଶୁଣୁଛୁ ସିନା ଚାଇନା କିଛି କହୁନାହିଁ, ଆମେ ୨୫ ସୈନ୍ୟ ହରାଇଛୁ ବୋଲି ଘୋଷଣା କରିଦେଲୁ।

ସୀମାର ଏ ପାଖ ଓ ସେ ପାଖ କିଛି ଦୂର ପଛକୁ ସାମରିକ ବାହିନୀ ଫେରିଯାଏ ସିନା, ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ଅର୍ଥାତ୍ ସୀମାରେ ପଇଁତରା ପାଇଁ ତ ପୋଲିସ୍ ରହିବେ। ଉତ୍ତର ସୀମାନ୍ତରେ ଭାରତର ଇଣ୍ଡୋତିବ୍ବତାନ୍ ବର୍ଡର ପୋଲିସ (ଆଇଟିବିପି) ପାଟ୍ରୋଲିଂ କରିଥାଏ। ଦୁଇ ଦେଶର ସୀମାରେଖା ଗୋଟିଏ ରେଖା ହୋଇଥିବାରୁ ନିୟୁଟ୍ରାଲ ବା ନିରପେକ୍ଷ ଜାଗା ନାହିଁ, ବଫର ଜୋନ୍ କେଉଁଠୁ ଆସିବ? ଭାରତ ଜାଣିଛି ଏଲ୍‌ଏସି (ଲାଇନ୍ ଅଫ୍ ଆକ୍ଚୁଆଲ୍ କଣ୍ଟ୍ରୋଲ) କେଉଁଠି। କିନ୍ତୁ ତାହା ମାନଚିତ୍ରରେ ଚିହ୍ନିତ ସୀମାରେଖା (ଲାଇନ୍ ଅଫ୍ କଣ୍ଟ୍ରୋଲ) ନୁହେଁ, ମାନଚିତ୍ରରେ ରେଖାଟି କଳ୍ପନାରେ ରହିଛି, ବାସ୍ତବ ନୁହେଁ। ଦୁଇଟି ଲାଇନ୍ ଭିତରେ ତାଳମେଳ ନାହିଁ, କାରଣ ୨୦୧୩ର ଡେପ୍‌ସାଙ୍ଗ ଏବଂ ୨୦୧୪ର ଚୁମାର ଭଳି ବଡ ଧରଣର ସଂଘର୍ଷ ଭାରତର ହାତକୁ ବାନ୍ଧି ରଖିଛି। ମାଡି ବସିଥିବା ଅଞ୍ଚଳ ତାହାର ସୀମା ଭିତରେ ଅଛି ବୋଲି ଚାଇନା କହୁଛି। ତେଣୁ ବଫର ଜୋନ୍ ପ୍ରସ୍ତାବ ଆସିବା କଥା ନୁହେଁ।

କେଉଁ ଅଞ୍ଚଳଗୁଡ଼ିକରେ ସୀମାରେଖା କେଉଁଠି ଯାଇଛି ତାହା ଏବେ କଳ୍ପନାରେ ରହିଯାଇଛି। ଚାଇନାର କଳ୍ପନା ଓ ଭାରତର କଳ୍ପନା ଭିତରେ ପ୍ରଭେଦ ବହୁତ। ତେଣୁ ଜଗିବା ବା ପାଟ୍ରୋଲିଂ କରୁଥିବା ଜାଗାଗୁଡିକୁ ସୀମା ଧରାଯାଉଛି। ୧୯୬୨ ଯୁଦ୍ଧରେ ଚାଇନା ଯେତେ ଅଞ୍ଚଳ ମାଡି ଆସିଲା ତାକୁ ନିଜର ବୋଲି କହୁଛି, ତାହା ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ୍, କିନ୍ତୁ ସେତିକିରେ ଚାଇନା ଚୁପ୍ ରହିନାହିଁ। ମେନ୍ ହେଉଛି, ଭବିଷ୍ୟତରେ ବି ଚାଇନା ଯେତେ ବାଟ ମାଡିଆସିଯିବ ତାହା ନିୟନ୍ତ୍ରଣ ରେଖା ବୋଲି କହିବ। ୧୯୬୨ ପୂର୍ବରୁ ବା ବ୍ରିଟିଶ୍ ଅମଳରେ କ'ଣ ଥିଲା ତାହା ମାନୁନାହିଁ। ୧୯୬୨ର ଏକତରଫା ଆକ୍ରମଣ କରି ଚାଇନା ତାହାର ସୀମା ଟାଣିଦେଲା ଏବଂ ସେହି ଦିନଠାରୁ ଭାରତୀୟ ସୈନ୍ୟମାନେ କୌଣସି ଇଲାକା ଫେରାଇ ଆଣିବାକୁ ଚେଷ୍ଟା କରିନାହାନ୍ତି। ତେଣୁ ୧୯୬୨ ଯୁଦ୍ଧରେ ଚାଇନା ଯାହା ଦଖଲ କରିନେଲା ତାହା ଏଲ୍‌ଏସି ହୋଇଗଲା। ଏ ପରିସ୍ଥିତିରେ ବଫର ଜୋନ୍ ଧାରଣା ଭୁଲ୍। ଭାରତୀୟମାନେ ବଫର ଜୋନ୍ କରିବେ ତ ତାହା କେବଳ ଭାରତୀୟ ଅଞ୍ଚଳ ଭିତରେ ହେବ। ଅର୍ଥାତ୍ ଭାରତୀୟ ଅଞ୍ଚଳ ଭିତରେ ଭାରତୀୟ ସୈନ୍ୟ ପାଟ୍ରୋଲିଂ କରିବେ, ପଇଁତରା ମାରିବେ।

ଭାରତ ଏଲ୍‌ଓସି ଚାହୁଁଛି, ଚାଇନା ଏଲ୍‌ଏସି। ଆଗରୁ ପାଙ୍ଗୋଙ୍ଗ୍ ସୋ ନିକଟ ଫିଙ୍ଗର ଇଲାକାକୁ ନିଜର ବୋଲି କହୁଥିଲା, ଏବେ ଗଲ୍‌ୱାନ୍ ଅଞ୍ଚଳକୁ ନିଜର ବୋଲି କହୁଛି। ଏ ଦୁଇଟି ଜାଗାରୁ ଚାଇନା ତା'ର ସୈନ୍ୟବାହିନୀକୁ ଚାଇନା ଭିତରକୁ ଫେରାଇ ନେଉନାହିଁ। ଆସ୍ତେ ଆସ୍ତେ ନିଜର ଦାବିକୁ ବଢାଉଛି।

ଏପରି ପରିସ୍ଥିତିରେ ଆଜିକାଲିକାର ଘଟଣାବଳୀ ଟିକେ ବେଶି ସଙ୍ଗିନ ହୋଇଯାଉଛି। କାରଣ ଉଭୟ ପକ୍ଷର ସୈନ୍ୟବାହିନୀ ଫେରୁଥିବା ବେଳେ ମୁହାଁମୁହିଁ ହେବା ଉଚିତ ନୁହେଁ। ରକ୍ତ ଟିକେ ଶିଥିଳ ହେବା ପାଇଁ ସମୟ ଦିଆଯାଏ। ଏ ପ୍ରକାର କାରଣରୁ ଫେରିବାର ଯାହା ବ୍ୟବସ୍ଥା ଥାଏ ତାହା କ୍ଷଣସ୍ଥାୟୀ। ଯଥା ସମୟରେ ପାଟ୍ରୋଲିଂ ବା ପଇଁତରା ହେବ। କେଉଁଠି ତ ନିରପେକ୍ଷ ଜାଗା ବା ଡିମିଲିଟାରାଇଜ୍‌ଡ ବଫର ଜୋନ୍ ନାହିଁ କି ତିଆରି ହେଉ ନାହିଁ କି ହୋଇପାରିବ ନାହିଁ। ବସ୍ତୁତଃ ଆଗରେ ମୁତୟନ କରାଯାଉଥିବା ଭାରତୀୟ ସେନା ତା' କ୍ୟାମ୍ପକୁ ଫେରିବ ଓ ପରିସ୍ଥିତିକୁ ମନିଟର କରିବ। ମନେରଖିବା କଥା ଯେ ଗଲୱାନ୍‌ରେ ସଂଘର୍ଷ ହେବା ପୂର୍ବରୁ ଭାରତୀୟ ସୈନ୍ୟମାନେ ଯେଉଁଠି ଥିଲେ, ସେ ଜାଗା ଆଗକୁ ଅଛି। କିନ୍ତୁ ଫେରିଆସିଲେ ସେ ଜାଗାକୁ ପାଟ୍ରୋଲିଂ ବା ପଇଁତରା ମାରିବାକୁ ଯାଇପାରିବେ ନାହିଁ ବୋଲି ଆଲୋଚନାରେ ରହୁଛି। ଏଇ ସବୁ ଅଞ୍ଚଳରେ ପଇଁତରା ମାରିବ ସାମରିକ ବାହିନୀ, ଯଦି ଆଇଟିବିପି (ଇଣ୍ଡୋତିବ୍ବତାନ୍ ବର୍ଡର ପୋଲିସ୍) ପଇଁତରା କରେ ତା' ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ରଖିବ, ଏବେ ଯେମିତି ଆର୍ମି ଅଧୀନରେ ବର୍ଡର ସିକ୍ୟୁରିଟି ଫୋର୍ସ (ବିଏସ୍‌ଏଫ୍) ଏଲ୍‌ଓସିରେ କାମ କରୁଛି। ଦୁଃଖର କଥା, ଭାରତରେ ଏ ଗଣ୍ଡଗୋଳର ସମାଧାନ ଏଯାବତ୍ ହୋଇନାହିଁ, କାରଣ ମନ୍ତ୍ରୀମାନଙ୍କ ଭିତରେ ବିଭାଗୀୟ ଗଣ୍ଡଗୋଳ ରହିଛି, ଆଇଟିବିପି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ରିପୋର୍ଟ କରିବ ତ ବିଏସ୍‌ଏଫ୍ ପ୍ରତିରକ୍ଷା ମନ୍ତ୍ରଣାଳୟକୁ। ତେଣୁ ପଇଁତରା ମାରିବାରେ ଭାରତରେ ସ୍ୱଚ୍ଛତା ନାହିଁ। ଏ ସମସ୍ୟା ଚାଇନାରେ ନାହିଁ। ଗତ ଦୁଇ ତିନି ଦଶନ୍ଧି ଧରି ଭାରତ ଚାଇନାର ସୀମା ଚିହ୍ନିତ ହୋଇନାହିଁ ବୋଲି ଜବରଦଖଲ କରି ଅର୍ଥାତ୍ ଯୋଜନାବଦ୍ଧ ଆକ୍ରମଣ କରି ଭାରତ ଭିତରକୁ ପଶି ଆସୁଛି ଏବଂ ତାହା ହିଁ ନିଜର ସୀମା ବୋଲି କହୁଛି। ପ୍ରସ୍ତୁତ ହୋଇ ନ ରହିଲେ ଚାଇନା ଏମିତି ଭାରତର ଅଜାଣତରେ ଧସେଇ ପଶୁଥିବ ଏବଂ ଜବରଦଖଲ ଜାଗାକୁ ନିଜର ବୋଲି କହୁଥିବ।

ଆମ ଦେଶର ନେତାମାନେ ଚାଇନାକୁ ପ୍ରତିଯୋଗୀ ଭାବିବେ କି ଶତ୍ରୁ ଭାବିବେ ଠିକ୍ କରିପାରୁନାହାନ୍ତି। କଂଗ୍ରେସ ଦଳ ନେହେରୁ ସମୟର ହିନ୍ଦୀ-ଚୀନୀ ଭାଇଭାଇ ବୋଲିର ପରିଣାମ ବୁଝିଲା ନାହିଁ ତ ଭାଜପା ମୋଦି-ଜିନ୍‌ପିଙ୍ଗଙ୍କ କୋଳାକୋଳି ଭିତରେ ଜିନ୍‌ପିଙ୍ଗଙ୍କ ବିସ୍ତାରବାଦ ଧରିପାରିଲା ନାହିଁ। ଭାରତ-ଭୁଟାନ୍-ଚାଇନା ସୀମାରେ ଡୋକ୍‌ଲାମ୍‌ଠାରେ ମୁହାଁମୁହିଁ ସଂଘର୍ଷର ୩ ବର୍ଷ ନ ପୂରୁଣୁ ଗଲ୍‌ୱାନ୍ ଉପତ୍ୟକାରେ ୨୦ଜଣ ଭାରତୀୟ ସୈନ୍ୟ ନିହତ ହେଲେ। ନେଡି-ଗୁଡ (ଲଦାଖ୍ ଅଞ୍ଚଳରେ ଏଲ୍‌ଏସିକୁ ସୈନ୍ୟ ଅପସାରଣ) କହୁଣିକୁ ବୋହିଯିବାରେ ଆମ ଦେଶର ସବୁ ରାଜନୈତିକ ଦଳ ଦାୟୀ, କାରଣ ସେମାନେ ଭାବୁନାହାନ୍ତି ଯେ ସାର୍ବଭୌମତ୍ୱ ଓ ଆଞ୍ଚଳିକ ସଂହତି (ଟେରିଟୋରିଆଲ ଇଣ୍ଟିଗ୍ରିଟି) ରକ୍ଷା କରିବା ପାଇଁ ଚାଇନାକୁ ଶତ୍ରୁ ଭଳି ଦେଖିବାକୁ ପଡିବ। ବିରୋଧୀ ଦଳମାନେ ବିଶେଷତଃ କଂଗ୍ରେସ ଚାଇନା-ବନାମ-ଭାରତ ନ ଦେଖି ନରେନ୍ଦ୍ର ମୋଦି-ବନାମ-କଂଗ୍ରେସ ଦେଖୁଛି। ଆଉ କେତେକ ଦଳ ଖୁସି ହେଉଛନ୍ତି ଯେ ଚାଇନା ୟୁଏସ୍‌ଏକୁ ଟପି ବିଶ୍ୱରେ ୧ ନମ୍ବର ହେବାକୁ ଚାହୁଁଛି। ଏପରି ସ୍ଥଳେ ସୀମାଟା କଳହରେଖା ହୋଇରହିବ, ବଫର ଜୋନ୍‌ର ମଧ୍ୟରେଖା ହେବନାହିଁ।

ଇମେଲ୍: sahadevas@yahoo.com

# ସଂସ୍କାରବାଦୀ ରାଷ୍ଟ୍ରମୁଖ୍ୟ

ବ୍ୟକ୍ତିତ୍ୱ



ଚାନ୍ ସନ୍ତୋଖି

ଦକ୍ଷିଣ ଆମେରିକାର ଉତ୍ତର ପୂର୍ବାଞ୍ଚଳ ଉପକୂଳରେ ଅବସ୍ଥିତ ଏକ ରାଷ୍ଟ୍ର ହେଉଛି ସୁରିନାମ୍। ପାରାମାରିବୋ ଏହାର ରାଜଧାନୀ। ସୁରିନାମ୍‌ର ଇତିହାସ ଦେଖିଲେ ଏହା ୧୯୭୫ ମସିହାରେ ସ୍ୱାଧୀନତା ଲାଭ କରିଥିଲା। ଜାତିଆଣ ଧ୍ରୁବୀକରଣ, ସାମରିକ କ୍ଷମତାଧିକାର ଓ ଗୃହଯୁଦ୍ଧ ଏହି ଦେଶକୁ ଦୀର୍ଘବର୍ଷ ଅରାଜକତା ମଧ୍ୟରେ ରଖିଥିଲା। ୧୯୮୭ରେ ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା। ହେଲେ ପୁନଶ୍ଚ ୧୯୯୦ରେ ସାମରିକ ଶାସନ ଦେଖିଥିଲା ଏହି ରାଷ୍ଟ୍ର। ଏହାର ବର୍ଷକ ପରେ ଗଣତନ୍ତ୍ର ପୁନଃସ୍ଥାପିତ ହୋଇଥିଲା। ସୁରିନାମ୍‌ର ବିଶେଷତ୍ୱ ହେଉଛି ସବୁଜ ବନାନୀ। ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଅଙ୍ଗାରକାମ୍ଳ ଅନୁଭୂତ ହୋଇ ନ ଥାଏ। ୨୦୧୮ ସର୍ଭେ ରିପୋର୍ଟରେ ଏହାର ଜନସଂଖ୍ୟା ମାତ୍ର ୫,୭୫,୯୯୦ ଉଲ୍ଲେଖ ରହିଛି। କିନ୍ତୁ ବକ୍ସାଇଟି, ସୁନା, ପେଟ୍ରୋଲଜାତ ପଦାର୍ଥ ଏବଂ କୃଷିଜାତ ଦ୍ରବ୍ୟ ରପ୍ତାନି ଦ୍ୱାରା ଏହାର ଅର୍ଥନୀତି ପରିପୁଷ୍ଟ। ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଦେଶର ମୁଖିଆ ଭାବେ ଏବେ ଜଣେ ଭାରତୀୟ ବଂଶୋଦ୍ଭବ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ଚନ୍ଦ୍ରିକାପେରସାଦ୍ 'ଚାନ୍' ସନ୍ତୋଖି। ୧୬ ଜୁଲାଇରେ ସୁରିନାମ୍‌ର ରାଷ୍ଟ୍ରପତି ଭାବେ ଶପଥ ନେବା ବେଳେ ହାତରେ ବେଦ ଧରି ସଂସ୍କୃତ ଶବ୍ଦ ଉଚ୍ଚାରଣ କରିଥିବାରୁ ତାଙ୍କ ବ୍ୟକ୍ତିତ୍ୱକୁ ନେଇ ଢେର ଚର୍ଚ୍ଚା।

ସନ୍ତୋଖିଙ୍କ ପୂର୍ବ ପୁରୁଷ କାମ ଅନ୍ୱେଷଣରେ ସେଠାକୁ ଚାଲି ଯାଇଥିଲେ। ସେ ୩ ଫେବୃୟାରୀ ୧୯୫୯ରେ ଲେଲିଡ୍ରପ୍‌ରେ ଜନ୍ମଗ୍ରହଣ କରିଥିଲେ। ପରିବାରର ୯ ସନ୍ତାନ ମଧ୍ୟରେ ସେ ସବୁଠାରୁ ସାନ। ତାଙ୍କ ପିତା ପାରାମାରିବୋ ପୋତାଶ୍ରୟରେ ଚାକିରି କରୁଥିଲେ ଓ ମାତା ଲେଲିଡ୍ରପ୍‌ରେ ଏକ ଦୋକାନରେ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କରୁଥିଲେ। ସନ୍ତୋଖି ପାରାମାରିବୋସ୍ଥିତ ଅଲ୍‌ଜେମେନେ ମିଡିଲ୍‌ବାରେ ସ୍କୁଲରୁ ଡିପ୍ଲୋମା ପାସ୍ କରିଥିଲେ। ଏହା ପରେ ସେ ଶିକ୍ଷାବୃତ୍ତି ପାଇ ନେଦରଲାଣ୍ଡ୍‌ସ ଯାଇଥିଲେ। ସେଠାରେ ୧୯୭୮ରୁ ୧୯୮୨ ଯାଏ ଏପିଲ୍‌ଡୋର୍ନସ୍ଥିତ ପୋଲିସ ଏକାଡେମୀ ଅଫ୍ ଦି ନେଦରଲାଣ୍ଡ୍‌ସରେ ପାଠ ପଢ଼ିଥିଲେ। ସେଠାରୁ ଶିକ୍ଷା ଶେଷ କରିବା ପରେ ସେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରି ପୋଲିସ ବିଭାଗରେ ଯୋଗଦେଇଥିଲେ। ୨୩ବର୍ଷ ବୟସରେ ସନ୍ତୋଖି ଗେୟର୍ସଭଲିଜିତ୍ ଏବଂ ୱାନିକାରେ ପୋଲିସ ଇନ୍‌ସପେକ୍ଟର ଭାବେ କାର୍ଯ୍ୟ କରିଥିଲେ। ୧୯୮୯ରେ ସେ ନ୍ୟାଶନାଲ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ ଡିପାର୍ଟମେଣ୍ଟର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ପାରଦର୍ଶିତା ତାଙ୍କୁ ୧୯୯୧ରେ ଚିଫ୍ କମିଶନର ଅଫ୍ ପୋଲିସ ପଦବୀକୁ ଉନ୍ନୀତ କରିଥିଲା। ପୋଲିସ ପ୍ରଶାସନରେ ସଫଳତା ତାଙ୍କୁ ରାଜନୀତିରେ ପ୍ରବେଶ କରି ଦେଶ ସେବା କରିବା ଲାଗି ସୁଯୋଗ ଦେଇଥିଲା। ଫଳରେ ସେ ୨୦୦୫ରେ ପ୍ରୋଗ୍ରେସିଭ୍ ରିଫର୍ମ ପାର୍ଟି ତରଫରୁ ନିର୍ବାଚନ ଜିତି ନ୍ୟାୟ ଓ ପୋଲିସ ବିଭାଗର ମନ୍ତ୍ରୀ ହୋଇଥିଲେ। ସେହି ସମୟରେ ଦୀର୍ଘଦିନ ଧରି ଚାଲିଆସିଥିବା ଆପରାଧିକ କାର୍ଯ୍ୟ ବିଶେଷକରି ଡ୍ରଗ୍ ଚୋରା ଚାଲାଣ ରୋକିବାରେ ବିରାଟ ସଫଳତା ମିଳିଥିଲା। ଏହା ତାଙ୍କୁ ଦେଶରେ ଅଧିକ ଲୋକପ୍ରିୟ କରିଦେଇଥିଲା। ଫଳରେ ସେ ୨୦୧୦ରେ ରାଷ୍ଟ୍ରପତି ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ହେଲେ ସେ ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିଲେ। ପରେ ୩ ଜୁଲାଇ ୨୦୧୧ରେ ସନ୍ତୋଖି ପ୍ରୋଗ୍ରେସିଭ୍ ରିଫର୍ମ ପାର୍ଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ନେତୃତ୍ୱରେ ଏହି ପାର୍ଟି ୨୦୨୦ ଯାଏ ବିରୋଧୀ ଆସନରେ ବସିଥିଲା। ୨୬ ମେ ୨୦୨୦ରେ ହୋଇଥିବା ସାଧାରଣ ନିର୍ବାଚନରେ ସନ୍ତୋଖିଙ୍କ ନେତୃତ୍ୱ ଦଳକୁ ସର୍ବାଧିକ ପାର୍ଟିର ମାନ୍ୟତା ଦେଇଥିଲା। ୨୯ ଜୁନ୍‌ରେ ଦଳ ତାଙ୍କୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ମନୋନୀତ କରିଥିଲା। ହେଲେ ୭ ଜୁଲାଇରେ ମିଳିତ ସରକାରରେ ତାଙ୍କୁ ବିଧିବଦ୍ଧ ଭାବେ ସୁରିନାମ୍‌ର ରାଷ୍ଟ୍ରପତି ଏବଂ ରୋନି ବ୍ରୁନ୍ସୱିଜିକ୍‌ଙ୍କୁ ଉପରାଷ୍ଟ୍ରପତି ରୂପେ ମନୋନୀତ କରାଯାଇଥିଲା। ୧୬ ଜୁଲାଇରେ ସନ୍ତୋଖି ଦେଶର ୯ମ ରାଷ୍ଟ୍ରପତି ହେବାର ଗୌରବ ଅର୍ଜନ କରିଥିଲେ। ତେବେ କୋଭିଡ୍-୧୯ ଯୋଗୁ ରାଷ୍ଟ୍ରପତିଙ୍କ ଶପଥ ଗ୍ରହଣ ଉତ୍ସବରୁ ସାଧାରଣ ଲୋକଙ୍କୁ ଦୂରେଇ ରଖାଯାଇଥିଲା।

ସନ୍ତୋଖିଙ୍କ ବ୍ୟକ୍ତିଗତ ଜୀବନ କହିଲେ ସହଧର୍ମିଣୀ ମେଲିସା ସିନାଟେରିଙ୍କୁ ସେ ୧୯ ଜୁଲାଇ ୨୦୨୦ରେ ବିବାହ କରିଛନ୍ତି। ଦୀର୍ଘବର୍ଷର ସମ୍ବନ୍ଧ ତାଙ୍କୁ ନିକଟରେ ବିଧିବଦ୍ଧ ସମ୍ପର୍କର ରୂପ ଦେଇଛି। ମେଲିସା ବୃତ୍ତିରେ ଜଣେ ଆଇନଜୀବୀ। ଉଭୟଙ୍କ ବିବାହ ଏକ ଘରୋଇ ଉତ୍ସବରେ ସୀମିତ ରହିଗଲା।

-ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଶିକ୍ଷା କେବଳ ପୋଥିଗତ ବିଦ୍ୟାରେ ସୀମିତ ନୁହେଁ। କିଛି ନୂଆ ବିଷୟରେ ଜାଣିବା ଓ ଅଭିଜ୍ଞତା ହାସଲ କରିବା ଶିକ୍ଷାର ବି ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଚେନ୍ନାଇର ଇ-ଜୋନ୍ କମ୍ପାନୀ କରୁଛି। ଏହା ସ୍କୁଲ ପିଲାଙ୍କ ପାଇଁ ପରିବେଶଗତ ସଚେତନତା ଓ ପ୍ରୋଜେକ୍ଟ ଉପରେ ଜୋର୍ ଦେଉଛି। ଇ-ଜୋନ କୋଭିଡ୍ ୧୯ ସଂକ୍ରମଣ ସମୟରେ ପିଲାମାନଙ୍କ ପାଇଁ 'ବିକମ୍ ଏ ଲିଟଲ ଫାର୍ମର' ବା 'ଜଣେ ଛୋଟ ଚାଷୀ ହୁଅ' ଅଭିଯାନ ଆରମ୍ଭ କରିଛି। ମାଇକ୍ରୋଗ୍ରୀନ (ସାଲାଡ୍‌ରେ ବ୍ୟବହାର ହେଉଥିବା ପରିବା ଓ ପତ୍ର ଜାତୀୟ ଉଦ୍ଭିଦ) ଚାଷ କରୁଥିବା ପିଲାମାନଙ୍କର ଏହା ଏକ ନେଟ୍‌ୱର୍କ। ଦେଶରେ ଏବେ ୨୦୦୦ରୁ ଊର୍ଦ୍ଧ୍ୱ ପିଲା ମାଇକ୍ରୋଗ୍ରୀନ କୃଷକ ହୋଇପାରିଛନ୍ତି। ଇ-ଜୋନ୍‌ର ୧୫ ଦିନିଆ ଅଭିଯାନରେ ଏହି ସଫଳତା ମିଳିପାରିଛି। ଏହି କମ୍ପାନୀର ମୁଖ୍ୟ ହାଫିଜ ଖାନ ଏଭଳି ପ୍ରୋଗ୍ରାମ୍ ୧୪ ବର୍ଷ ତଳେ ଆରମ୍ଭ କରି ଏହା ଅଧୀନରେ କମ୍ୟୁନିଟି ଅଭିଯାନ ମାଧ୍ୟମରେ ଚେନ୍ନାଇର ସ୍କୁଲଗୁଡିକରେ ପରିବେଶଗତ ଶିକ୍ଷା ପ୍ରଦାନ କରୁଥିଲେ। କିନ୍ତୁ କୋଭିଡ୍-୧୯ ସଂକ୍ରମଣ ସମୟରେ ପିଲାମାନେ କିଭଳି ବାଲକୋନି ଓ ଝରକା ପାଖରେ ମାଇକ୍ରୋଗ୍ରୀନ ଚାଷ କରିପାରିବେ ସେ ସମ୍ବନ୍ଧରେ ଅନ୍‌ଲାଇନରେ ଶିକ୍ଷା ଦେଉଛନ୍ତି। ପ୍ରତିଦିନ ଦିବା ଘ୧୦.୩୦ ଓ ଘ୪.୩୦ରେ ପିଲାମାନେ ଶିକ୍ଷା ନେଉଛନ୍ତି। ଏବେସୁଦ୍ଧା ସେ ୧୮ଟି ବ୍ୟାଚକୁ ଶିକ୍ଷା ଦେଇସାରିଛନ୍ତି। ପ୍ରତି ବ୍ୟାଚରେ ୮୦ରୁ ୧୨୦ ପିଲା ରହୁଛନ୍ତି। ଚାଷ ସମ୍ପର୍କରେ ପିଲାମାନଙ୍କୁ ସହଜ ଭିଡିଓ ଶେୟାର କରୁଛନ୍ତି। ପିଲାମାନେ ଏବେ ଛୋଟ କୁଣ୍ଡ, ଆଇସକ୍ରିମ ଖୋଳ, ପ୍ଲାଷ୍ଟିକ୍ ବୋତଲରେ ମାଇକ୍ରୋଗ୍ରୀନ୍ ଉତ୍ପାଦନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୯୫

- ଚେଚେନ୍ୟାରେ ରକ୍ତାକ୍ତ ସଂଘର୍ଷର ଅବସାନ ଘଟାଇବା ସକାଶେ ରୁଷ ଓ ଚେଚେନ୍ୟା ମଧ୍ୟରେ ସାମରିକ ଚୁକ୍ତି ସ୍ୱାକ୍ଷରିତ।
- ପାଞ୍ଚଥର ଟୁର ଡି ଫ୍ରାନ୍ସ ସାଇକେଲ ଚାଳନାରେ ଟାଇଟଲ ବିଜେତା ମିଗୁଏଲ ଇନ୍ଦୁରିଆନଙ୍କୁ ଆନ୍ତର୍ଜାତିକ ଅଲିମ୍ପିକ କମିଟି ପକ୍ଷରୁ ଅଲିମ୍ପିକ ଅର୍ଡର ପୁରସ୍କାର ପ୍ରଦାନ।
- ପର୍ତ୍ତୁଗୀଜ ଧାବିକା ଫର୍ନାଡା ରିବେରିଓ ଆବିକାସେରେ ଚାଲୁଥିବା ଆନ୍ତର୍ଜାତିକ ଟ୍ରାକ୍ ଆଣ୍ଡ ଫିଲ୍ଡ ମିଟ୍ ମହିଳା ୫ ହଜାର ମିଟର ଦୌଡ଼କୁ ୧୪ ମିନିଟ୍ ୩୬.୪୫ ସେକେଣ୍ଡରେ ଅତିକ୍ରମ କରି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆଗପରି
ଉଦାସ ଗତିରେ ଏକାକୀ ପଥଟି ଧରି
ତୁମେ ହସିଦେଇ ପୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାଗୋରୀ !
(ରୂପର ମୋହ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | | | | 8 | B | | 2 | 7 | | C | | | |
| | 9 | 5 | | 0 | | | | | | A | | | 2 | |
| | | | | 7 | | | | 5 | B | 3 | | 1 | | |
| 2 | 3 | | | | E | | | 8 | | 9 | 0 | | | |
| 4 | C | | | B | | 1 | | | | | | | | E |
| | | | | D | | | | E | | 0 | 7 | | | 1 |
| B | | | | | | | | | 9 | | | | 3 | |
| 8 | | | | | | | | 9 | | | | 5 | 4 | D |
| 6 | E | 7 | C | 4 | | | 2 | | | | | B | | |
| | | | 1 | | | D | 0 | | | | 5 | | C | 9 |
| | | | 8 | | 2 | | | 4 | | | 3 | | | |
| | | 9 | | 5 | | | D | | C | | 1 | 3 | | |
| | B | 4 | 7 | | C | | 8 | | | 5 | | | | |
| | | 6 | | | D | | A | 3 | | | | 8 | | |
| | 2 | D | | | 4 | | | B | | | 9 | C | 5 | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 6 | 3 | 9 | B | 7 | 5 | 2 | 4 | 8 | D | 1 | 0 | E | A |
| 2 | 9 | 0 | E | A | 6 | 1 | D | 8 | B | 4 | 3 | C | 5 | 7 |
| E | B | 7 | 8 | 3 | 1 | 0 | 9 | A | 2 | 5 | C | D | 4 | 6 |
| 1 | 4 | 5 | D | C | 2 | E | 7 | 3 | 6 | 0 | A | B | 8 | 9 |
| A | D | 8 | 0 | 5 | 4 | 6 | C | B | 7 | 9 | E | 2 | 1 | 3 |
| 5 | C | D | 6 | 9 | 3 | 7 | 8 | E | A | 1 | 2 | 4 | B | 0 |
| B | E | A | 5 | 2 | C | 9 | 4 | 1 | 3 | 7 | 0 | 8 | 6 | D |
| 6 | 8 | 1 | 7 | E | 0 | C | 3 | D | 5 | B | 4 | 9 | A | 2 |
| 0 | 2 | 9 | 4 | 8 | A | B | 5 | 6 | E | C | D | 7 | 3 | 1 |
| 7 | 3 | 4 | B | 1 | D | A | 0 | 2 | 9 | 8 | 6 | 5 | C | E |
| 4 | 7 | E | 3 | 0 | 9 | D | B | C | 1 | A | 8 | 6 | 2 | 5 |
| 8 | 0 | 2 | A | D | B | 3 | 1 | 5 | 4 | 6 | 7 | E | 9 | C |
| 9 | 5 | C | 1 | 4 | E | 2 | 6 | 0 | D | 3 | B | A | 7 | 8 |
| 3 | A | B | C | 6 | 5 | 8 | E | 7 | 0 | 2 | 9 | 1 | D | 4 |
| D | 1 | 6 | 2 | 7 | 8 | 4 | A | 9 | C | E | 5 | 3 | 0 | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଲି ମାଫିଆଙ୍କ ଦୌରାତ୍ମ୍ୟ

ମହାଶୟ,

ବର୍ଷ ବର୍ଷ ଧରି ପୁରୀ ସହରରେ ବଢ଼ିଚାଲିଛି ବାଲି ମାଫିଆଙ୍କ ଦୌରାତ୍ମ୍ୟ। ଦିନ ଦ୍ୱିପ୍ରହରରେ ବେଆଇନ ବାଲି ଚୋରି ହୋଇ ଖୁଲମଖୁଲା କାରବାର ହେଉଥିବାର ଦେଖାଯିବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବେଆଇନ ବାଲି ଚୋରି ଯୋଗୁ ଗତ ୩/୪ ବର୍ଷ ମଧ୍ୟରେ ରାଜ୍ୟ ସରକାର ପ୍ରାୟ ୨୦/୩୦ କୋଟି ଟଙ୍କା ରାଜସ୍ୱ ହରାଇଲେଣି। ବାଲି ଚୋରି କରୁଥିବା ର୍ୟାକେଟ୍ ପଛରେ କିଛି ରାଜନେତା ଓ ସରକାରୀ ଅଧିକାରୀଙ୍କ ପୂର୍ଣ୍ଣ ସହଯୋଗ ରହିଥିବା ଗୁରୁତର ଅଭିଯୋଗ ହେଉଛି। ଇତିମଧ୍ୟରେ ପୁରୀ ସହରରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁରୀ ପ୍ରଶାସନର ଅବହେଳା ଯୋଗୁ ସତ୍ୟବାଦୀ ବ୍ଲକ୍ ସମେତ ଅଧିକାଂଶ ବ୍ଲକ୍‌ରେ ଫନୀ ବିପର୍ଯ୍ୟସ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇବାରୁ ବଞ୍ଚିତ ହେବା ସହିତ ଘରଭଙ୍ଗା ବାବଦ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ନ ଆସିବା ଏକ ସମସ୍ୟା ସୃଷ୍ଟି କଲାଣି। ବ୍ଲକ୍‌ର ବିଡିଓ ଓ ତହସିଲଦାରମାନେ ଭୋଜିଭାତ, ମଉଜ ମଜଲିସରେ ବ୍ୟସ୍ତ ଥିବା ବେଳେ ସରପଞ୍ଚ, ନୋମିନି, ୱାର୍ଡମେମ୍ବର ଓ ଲୋକପ୍ରତିନିଧିଙ୍କ ଦବଦବା ରହିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିଧାୟକମାନେ ନିଜ ଅଞ୍ଚଳର ସମସ୍ୟା ବୁଝିବା ବଦଳରେ ରାଜଧାନୀରେ ଶୀତତାପ ନିୟନ୍ତ୍ରିତ କୋଠରିରେ ରାଜନୀତିର ଗୋଟି ଚଳାଉଛନ୍ତି।

ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ରବିବାର, ୨୬ ଜୁଲାଇ, ୨୦୨୦

## ସାପ କାମୁଡ଼ାରେ ଗଲା ଜେଜେ, ନାତିଙ୍କ ଜୀବନ

କୁଆଁରମୁଣ୍ଡା,(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ରାଏବୋଗା ଥାନା ତଥା ପ୍ରତାପପୁର ପଞ୍ଚାୟତ ଅନ୍ତର୍ଗତ ଭାଲୁଲତା ଗ୍ରାମରେ ଶନିବାର ସାପ କାମୁଡାରେ ଜେଜେ ଓ ନାତିଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ସିଲବାନୁସ ବିଲୁଙ୍ଗ(୬୫) ଓ ତାଙ୍କ ନାତି ବିଶାଳ ବିଲୁଙ୍ଗ(୧୦)। ଏ ନେଇ ରାଏବୋଗା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୦) ରୁଜୁ ହୋଇଛି। ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶୁକ୍ରବାର ରାତ୍ରି ଭୋଜନ ସାରି ଅଜା ଓ ନାତି ସାଙ୍ଗହୋଇ ଶୋଇଥିବାବେଳେ ଏକ ଚିତିସାପ କାମୁଡି ଦେଇଥିଲା।



### ସଂକ୍ଷେପରେ

## ଆଉ ୫୭ ଦିନ ପାଇଁ ମଧ୍ୟାହ୍ନଭୋଜନ ସାମଗ୍ରୀ ମିଳିବ

**ଭୁବନେଶ୍ୱର, ୨୫।୭(ବ୍ୟୁରୋ):** କରୋନା ପାଇଁ ଏବେ ସ୍କୁଲଗୁଡିକ ବନ୍ଦ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ସ୍କୁଲ୍ ଛାତ୍ରୀଛାତ୍ରଙ୍କ ପାଇଁ ଆଉ ୫୭ଦିନର ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇ ଦେବେ। ଏହାସହ ରୋଷେଇ ଖର୍ଚ୍ଚ ମଧ ଅଭିଭାବକଙ୍କ ଖାତାକୁ ଯିବ। ସୂଚନାନୁସାରେ, ପ୍ରଥମ ପର୍ଯ୍ୟାୟରେ ମାର୍ଚ୍ଚ ୧୭ରୁ ଜୁନ୍ ୧୩ ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନ ବାବଦରେ ଚାଉଳ ଓ ରୋଷେଇ ଖର୍ଚ୍ଚ ଦିଆଯାଇଥିଲା। ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଜୁନ୍ ୧୪ରୁ ଅଗଷ୍ଟ ୩୧ ଯାଏ ମୋଟ ୫୭ଟି କାର୍ଯ୍ୟ ଦିବସ ପାଇଁ ଚାଉଳ ମିଳିବ। ସ୍କୁଲରେ ଗଚ୍ଛିତ ଥିବା ଚାଉଳକୁ ଦିଆଯିବ। ଯେଉଁଠି ଚାଉଳ ନିଅଣ୍ଟ ହେବ ବା ନ ଥିବ ସେସବୁ ସ୍ଥାନରେ ପ୍ରଧାନଶିକ୍ଷକ ପିଡିଏସ୍ କୁପନ୍ ଦେବେ। ତେବେ ଏହି ବଣ୍ଟନ ପ୍ରକ୍ରିୟାରେ କୋଭିଡ୍ ନିୟମକୁ ପାଳନ କରିବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଚାଉଳ ଯଦି ସଙ୍ଗରୋଧ କେନ୍ଦ୍ର ବା କୋଭିଡ୍ କେୟାର ହୋମ୍ ହୋଇଥିବା ସ୍କୁଲରେ ଗଚ୍ଛିତ ଥିବ, ସେପରିସ୍ଥଳେ ପ୍ରଧାନଶିକ୍ଷକ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲାପାଳଙ୍କୁ ଏନେଇ ଅବଗତ କରେଇବାକୁ କୁହାଯାଇଛି।

## ନର୍ସରିରେ ଦୁର୍ନୀତି ଡିହଡୋଳ ଫରେଷ୍ଟର ନିଲମ୍ବିତ

**ପରଜଙ୍ଗ, ୨୫।୭(ଡି.ଏନ.ଏ.):** ନର୍ସରିରେ କରାଯାଇଥିବା ଚାରାରୋପଣରେ ଅନିୟମିତତା ଅଭିଯୋଗରେ ନିଲମ୍ବିତ ହୋଇଛନ୍ତି ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜ୍ ଡିହଡୋଳ ଫରେଷ୍ଟର ଅନୁରାଗ ଆଚାର୍ଯ୍ୟ। ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ)ଙ୍କ କାର୍ଯ୍ୟାଳୟର ପତ୍ରସଂଖ୍ୟା ୪୦୪, ୨୧।୭।୨୦୨୦ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଛି। ପୁନଃଆଦେଶ ଯାଏ ସେ ମହାବିରୋଡ୍ ରେଞ୍ଜ୍ କାର୍ଯ୍ୟାଳୟରେ ଅବସ୍ଥାପିତ ହେବେ। ତାଙ୍କ ସ୍ଥାନରେ ଗୋବର୍ଦ୍ଧନ ସେଠୀଙ୍କୁ ଫରେଷ୍ଟର ଦାୟିତ୍ୱ ଦିଆଯାଇଥିବା ଡିଏଫ୍ଓଙ୍କ ମେମୋ ନଂ. ୬୫୬୪ରେ ଉଲ୍ଲେଖ କରାଯାଇଛି। ମହାବିରୋଡ ରେଞ୍ଜ ଅଧୀନ କୁଆଲୋ ପଞ୍ଚାୟତର ପରମହଂସପୁରରେ ଚଳିତବର୍ଷ ଏମ୍ଜିଏନ୍ଆର୍ଇଜିଏସ୍ ଅନୁଦାନ ଅର୍ଥରେ ନର୍ସରୀ କରାଯାଇଥିଲା। ସେଠାରେ ଚାରା ଉତ୍ପାଦନ ପ୍ରକ୍ରିୟା ମଧ ଆରମ୍ଭ ହୋଇଥିଲା। ଚାରାଗୁଡ଼ିକ ବଡ଼ ହେବା ପରେ ସେଗୁଡ଼ିକୁ ଅନ୍ୟତ୍ର ନେଇ ରୋପଣ କରାଯିବା ଯୋଜନା ରହିଥିଲା। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଫରେଷ୍ଟର ଅନୁରାଗ ଆଚାର୍ଯ୍ୟଙ୍କୁ ଦିଆଯାଇଥିଲା। କିନ୍ତୁ ନର୍ସରୀରେ ଅନିୟମିତତା ହୋଇଥିବା ଜାଣିବା ପରେ ରେଞ୍ଜର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଡିଏଫ୍ଓଙ୍କୁ ଅବଗତ କରାଇଥିଲେ। ଏହାପରେ ଜିଲା ବନ ବିଭାଗ ପକ୍ଷରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବିତ ଫରେଷ୍ଟର କୁହନ୍ତି, ଡିହଡୋଳରୁ ସେ ଚାକିରି ଜୀବନ ଆରମ୍ଭ କରିଛନ୍ତି। ତାଙ୍କର ଟ୍ରେନିଂ ମଧ ଶେଷ ହୋଇନାହିଁ। ନର୍ସରୀ କାର୍ଯ୍ୟରେ ସାମାନ୍ୟ ତ୍ରୁଟି ଯୋଗୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

# ଅନାବୃଷ୍ଟି ଦାଉ ସାଧିଲାଣି

ଭୁବନେଶ୍ୱର,୨୫।୭(ବ୍ୟୁରୋ)



- ୧୨ ଜିଲାରେ ନିଅଣ୍ଟିଆ ବର୍ଷା
- ମୁଣ୍ଡରେ ହାତଦେଲେଣି ଚାଷୀ
- ୩ରେ ଲଘୁଚାପ ସମ୍ଭାବନା

କରୋନା ମହାମାରୀ ଅସ୍ତବ୍ୟସ୍ତ କରୁଥିବା ବେଳେ ରାଜ୍ୟରେ ଅନାବୃଷ୍ଟି ଚାଷ ପାଇଁ ଘାତକ ହେଲାଣି। ଜୁଲାଇ ଶେଷ ହେବାକୁ ବସିଥିବା ବେଳେ ରାଜ୍ୟର ଅଧା ଜିଲାରେ ଏବେ ମରୁଡ଼ି ପରିସ୍ଥିତି ମୁଣ୍ଡ ଟେକିଲାଣି। ଧାନତଳି ରୁଆ ହୋଇପାରୁ ନାହିଁ। ଚାଷୀ ମୁଣ୍ଡରେ ହାତଦେଇ ବସିଲେଣି। ୧୨ ଜିଲାରେ ପରିସ୍ଥିତି ସଙ୍ଗିନ ହେଲାଣି। ସେଥି ମଧ୍ୟରେ ପୁରୀ ଜିଲାରେ ସ୍ୱାଭାବିକଠାରୁ ୪୭% କମ୍ ବର୍ଷା ହୋଇଥିବା ବେଳେ ବାଲେଶ୍ୱରରେ ୩୨%, ଭଦ୍ରକରେ ୨୩%, କଟକରେ ୩୬%, ଜଗତ୍‌ସିଂହପୁର ୨୩%, ଯାଜପୁରରେ ୩୯%, କେନ୍ଦ୍ରାପଡ଼ାରେ ୪୦%, ଖୋର୍ଦ୍ଧାରେ ୪୦%, କେନ୍ଦୁଝରରେ ୧୯%, ସୁବର୍ଣ୍ଣପୁରରେ ୨୫%, ମୟୂରଭଞ୍ଜରେ ୧୮% ଏବଂ ନୟାଗଡ଼ ଜିଲାରେ ୧୯ ପ୍ରତିଶତ କମ୍ ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗରୁ ସୂଚନା ମିଳିଛି। ଆସନ୍ତା ସପ୍ତାହକ ମଧରେ ବର୍ଷା ନ ହେଲେ ଅଧିକାଂଶ ଜିଲାରେ ଧାନ ଚାଷ ଉଜୁଡ଼ିଯିବ।

ଦକ୍ଷିଣ-ପଶ୍ଚିମ ମୌସୁମୀ ଧୋକା ଦେଇଛି। ଯେତିକି ବର୍ଷା ହେବା କଥା ତାହା ହେଉ ନାହିଁ। ରୁଆ ବେଉଷଣ କରି ନ ପାରି ଚାଷୀ ଆକାଶକୁ ଚାହିଁ ରହିଛନ୍ତି। ଚଳିତ ବର୍ଷ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା। କିନ୍ତୁ ଜୁଲାଇ ଶେଷ ହେବାକୁ ବସିଲାଣି ରାଜ୍ୟରେ ସ୍ୱାଭାବିକ ବର୍ଷା ନାହିଁ। ଜୁନ୍ ପହିଲାରୁ ଜୁଲାଇ ୨୫ ପର୍ଯ୍ୟନ୍ତ ରାଜ୍ୟରେ ସ୍ୱାଭାବିକଠାରୁ ୬ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୪୮୬.୭ ମିଲିମିଟର ବର୍ଷା ହେବା କଥା। କିନ୍ତୁ ୪୫୫.୫ ମିଲିମିଟର ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ସୂଚନାରୁ ଜଣାପଡ଼ିଛି।

ଅନିୟମିତ ବୃଷ୍ଟିପାତ ରାଜ୍ୟର ଚାଷ କାର୍ଯ୍ୟକୁ ଗଭୀର ଭାବେ ପ୍ରଭାବିତ କରୁଛି। ୧୯୯୨ରେ ରାଜ୍ୟରେ ସ୍ୱାଭାବିକ ବର୍ଷା ୮୫.୪ ପ୍ରତିଶତ ହୋଇଥିବା ବେଳେ ୨୦୧୬ରେ ଏହା ୮୧.୩ ପ୍ରତିଶତକୁ ଖସିଆସିଛି। ୧୯୯୨ ଜୁନ୍‌ରେ ରାଜ୍ୟରେ ୧୮୫.୮ ମିଲିମିଟର ବର୍ଷା ହୋଇଥିବା ବେଳେ ଜୁଲାଇରେ ୩୯୯.୨ ମିଲିମିଟର ବର୍ଷା ହୋଇଥିଲା। ତେବେ ୨୦୧୬ ଜୁନ୍‌ରେ ବର୍ଷା ୧୫୯.୫ ମିଲିମିଟର ଏବଂ ଜୁଲାଇରେ ୨୭୭.୮ ମିଲିମିଟରକୁ ଖସିଆସିଛି। ୨୦୧୯ରେ ଜୁନ୍ ଓ ଜୁଲାଇରେ ରାଜ୍ୟରେ ୧୭.୭ ପ୍ରତିଶତ କମ୍ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଚଳିତ ବର୍ଷ ମୌସୁମୀ ଜୁନ୍ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନରେ ୨୭ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ଜୁଲାଇ ୨୫ ସୁଦ୍ଧା ୬% କମ୍ ବର୍ଷା ହୋଇଛି। ଜୁନ୍‌ରେ ୨ଟି ଲଘୁଚାପ ହୋଇଥିବା ବେଳେ ଜୁଲାଇରେ ଆଦୌ ହୋଇନାହିଁ। ଏପରିକି ମୌସୁମୀ ମଧ ଦୁର୍ବଳ ରହିଛି। ଆସନ୍ତା ୩୦ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ଦେଖାଯାଉ ନ ଥିବାରୁ ପରିସ୍ଥିତି ଆହୁରି ବିଗିଡ଼ିବା ନେଇ ଅନୁମାନ କରାଯାଇଛି। ତେବେ ଆସନ୍ତା ୩ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ଚାଷୀଙ୍କ ପାଇଁ ଆଶ୍ୱସ୍ତି ଆଣିବ। ଲଘୁଚାପ ପ୍ରଭାବରେ ଜୁଲାଇ ୩୦ ରାତିରୁ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ଅଗଷ୍ଟ ୨ରୁ ଉତ୍ତର ଏବଂ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ବିଶେଷକରି କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

## ଅଗଷ୍ଟରେ ଏମ୍‌କେସିଜିରେ ପ୍ଲାଜ୍‌ମା ବ୍ୟାଙ୍କ

ଛତ୍ରପୁର,୨୫।୭(ଡି.ଏନ.ଏ.)

ବ୍ରହ୍ମପୁର ଏମ୍‌କେସିଜିରେ ପ୍ଲାଜମା ବ୍ୟାଙ୍କ ପ୍ରତିଷ୍ଠା ପାଇଁ ପୂର୍ବରୁ ସ୍ଥିର ହୋଇଛି। ତେବେ ଏହା ଅଗଷ୍ଟରେ ପ୍ରତିଷ୍ଠା ହେବ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଥିବାବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହାକୁ ରିଟୁଇଟ୍ କରିଛନ୍ତି।

ପ୍ରକାଶଯେ, କଟକ ଏସ୍‌ସିବିରେ ପ୍ଲାଜମା ବ୍ୟାଙ୍କ କାର୍ଯ୍ୟକ୍ଷମ ଅଛି। ସେଠାରୁ ୩ ପ୍ଲାଜମା ବ୍ରହ୍ମପୁରସ୍ଥିତ ଏମ୍‌କେସିଜିକୁ ଆସିଥିଲା। ଏହାପରେ ଶୀତଳାପଲ୍ଲୀସ୍ଥିତ ଟାଟା କୋଭିଡ୍ ହସ୍ପିଟାଲରେ ଥିବା ୩ କରୋନା ରୋଗୀଙ୍କୁ ଏହି ପ୍ଲାଜମା ଦିଆଯାଇଥିଲା। ସେମାନେ ଏବେ ସୁସ୍ଥ ଥିବା ଜଣାପଡିଛି। ଜିଲାରେ କରୋନାରୁ ରେକର୍ଡ ସଂଖ୍ୟକ ସୁସ୍ଥ ହୋଇଥିବାରୁ ଅଧିକ ପ୍ଲାଜମା ଦାନ ହେବ ବୋଲି ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। କରୋନାରୁ ସୁସ୍ଥ ହେଉଥିବା ରୋଗୀ ପ୍ଲାଜମା ଦାନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି।

## ଗଞ୍ଜାମରେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ

ଛତ୍ରପୁର,୨୫।୭(ଡି.ଏନ.ଏ.)

- ୧୬ ଆଇସିୟୁ ସହ ୧୦୦ ବେଡ୍
- ଜିଲାପାଳ ଦେଲେ ସୂଚନା
- ହସ୍ପିଟାଲ ସଂଖ୍ୟା ୨ ରେ ପହଞ୍ଚିବ

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ଏଥିଲାଗି ଅତିରିକ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର, କୋଭିଡ୍ ହେଲଥ ସେଣ୍ଟର ଓ କୋଭିଡ୍ କେୟାର ହୋମ୍‌ର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ ବ୍ରହ୍ମପୁରରେ ଥିବା ଅମିତ ହସ୍ପିଟାଲକୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ପରିଣତ କରିବାକୁ ସ୍ଥିର ହୋଇଛି। ଏହାର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ଏହା ଖୁବଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ଏଥିରେ ୧୬ ଆଇସିୟୁ ସହ ୧୦୦ ବେଡ୍ ରହିବ।

ପ୍ରକାଶଯେ, ସୋମବାର ଜିଲା ପ୍ରଶାସନ ଓ ଅଶ୍ୱିନୀ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେଲେ ଜିଲାରେ କୋଭିଡ୍ ହସ୍ପିଟାଲ ସଂଖ୍ୟା ୨ ରେ ପହଞ୍ଚିବ। ପୂର୍ବରୁ ଶୀତଳାପଲ୍ଲୀରେ ଟାଟା କୋଭିଡ୍ ହସ୍ପିଟାଲ ରହିଛି।



ଗଞ୍ଜାମ ଜିଲା ଅଶ୍ୱିନୀ କୋଭିଡ୍ ହସ୍ପିଟାଲ କାମ ଚାଲିଛି।

## ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁ ସିଲ୍

ପୁରୀ ଅଫିସ,୨୫।୭




- ରୋଗୀଙ୍କୁ କରୋନା ପଜିଟିଭ ପରେ ପଦକ୍ଷେପ
- ହସ୍ପିଟାଲ ପରିସର ହେଲା ସାନିଟାଇଜ୍
- ଆଇସିୟୁର ଅନ୍ୟ ୩ ରୋଗୀଙ୍କ ସ୍ୱାବ୍ ସଂଗ୍ରହ
- କ୍ୱାରାଣ୍ଟାଇନରେ ରହିଲେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କରୋନା। ହସ୍ପିଟାଲର ଆଇସିୟୁରେ ଚିକିତ୍ସିତ ହେଉଥିବା ଜଣେ ରୋଗୀ କରୋନା ପଜିଟିଭ ଚିହ୍ନଟ ହେବା ପରେ ଆଇସିୟୁକୁ ସାମୟିକଭାବେ ବନ୍ଦ କରି ଦିଆଯାଇଛି । ସମ୍ପୃକ୍ତ ରୋଗୀଙ୍କୁ କୋଭିଡ୍ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବାବେଳେ ଆଇସିୟୁରେ ଥିବା ଆଉ ୩ ରୋଗୀ, ଡ୍ୟୁଟି କରିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କରୋନା ଟେଷ୍ଟ ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଛି। ଏଥିସହ ଅନ୍ୟ ୩ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଆଇସିୟୁରେ ଡ୍ୟୁଟି କରିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ କ୍ୱାରାଣ୍ଟାଇନରେ ରହିଛନ୍ତି। ଆଇସିୟୁକୁ ସାନିଟାଇଜ କରାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଆଇସିୟୁରେ ମାତ୍ର ୬ଟି ବେଡ୍ ରହିଛି। ବର୍ତ୍ତମାନ ଆଇସିୟୁ ସିଲ୍ ହେବା ପରେ ଯଦି କୌଣସି ରୋଗୀ ଗୁରୁତର ହୁଅନ୍ତି ତେବେ ସେମାନଙ୍କୁ ଆଇସିୟୁ ସେବା ମିଳିପାରିବ ନାହିଁ।

ମିଳିଥିବା ସୂଚନା ଅନୁଯାୟୀ, ମୁଖ୍ୟ ଚିକିତ୍ସାଳୟର ଅବସ୍ଥାପିତ ଜଣେ ଅଧିକାରୀଙ୍କ ସମ୍ପର୍କୀୟ କିଛିଦିନ ତଳେ ପଶ୍ଚିମବଙ୍ଗରୁ ଫେରିଥିଲେ। ତାଙ୍କ ଦେହ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେତେବେଳେ ତାଙ୍କର କରୋନା ଟେଷ୍ଟ ହୋଇ ନ ଥିବା କୁହାଯାଉଛି। ଦୁଇଦିନ ତଳେ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ତାଙ୍କ ଚିକିତ୍ସା କରିଥିଲେ। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ଆଇସିୟୁରେ ଡ୍ୟୁଟି କରିଥିବା ଡାକ୍ତର ଏବଂ ଅନ୍ୟ ସ୍ୱାସ୍ଥ୍ୟକର୍ମୀ ଭୟଭୀତ ହୋଇପଡ଼ିଥିଲେ। ଏହିଘଟଣା ଜଣାପଡ଼ିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ପ୍ରକାର ଭୟର ବାତାବରଣ ଖେଳିଯାଇଛି। ପଜିଟିଭ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କୁ କୋଭିଡ୍ ହସ୍ପିଟାଲ ପଠାଇ ଦିଆଯାଇଛି।

## ଏସ୍‌ସିବି: କୋଭିଡ୍ ଟେଷ୍ଟ ଲକ୍ଷେ ଟପିଲା

### ଟୁଇଟ୍ ଯୋଗେ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଲା ସ୍ୱାସ୍ଥ୍ୟ ବିଭାଗ

କଟକ ଅଫିସ,୨୫।୭

ଏସ୍‌ସିବି ଅଣୁଜୀବ ବିଭାଗ ଅଧୀନରେ କରାଯାଉଥିବା କୋଭିଡ୍ ଟେଷ୍ଟ ସଂଖ୍ୟା ଏକ ଲକ୍ଷ ଟପିଛି। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏସ୍‌ସିବିର ସମସ୍ତ କର୍ମକର୍ତ୍ତାଙ୍କୁ ଟୁଇଟ୍ ଯୋଗେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଆର୍‌ଏମ୍‌ଆର୍‌ସି ପରେ ରାଜ୍ୟରେ ଦ୍ୱିତୀୟ କୋଭିଡ୍ ଟେଷ୍ଟ ସେଣ୍ଟର ଭାବେ ଏସ୍‌ସିବିକୁ ଚୟନ କରାଯାଇଥିଲା। ମାର୍ଚ୍ଚ ୩୧ରେ ପ୍ରଥମଥର ମାତ୍ର ୩ ଜଣଙ୍କ ଆର୍‌ଟିପିସିଆର୍ ପଦ୍ଧତିରେ ନମୁନା ଯାଞ୍ଚ କରାଯାଇଥିଲା। ସେହି ସମୟରେ ଅନୁଷ୍ଠାନକୁ ଯଥେଷ୍ଟ ପରିମାଣର କୋଭିଡ୍ ଟେଷ୍ଟ କିଟ୍ ମଧ ମିଳୁ ନ ଥିଲା। ପରେ କିଟ୍ ଆବଶ୍ୟକ ପରିମାଣରେ ଯୋଗାଇ ଦିଆଯିବାରୁ ଦୈନିକ ୧୫୦୦ରୁ ଅଧିକ ଟେଷ୍ଟ କରାଯାଇ ପାରିଲା। ଏସ୍‌ସିବିରେ କୋଭିଡ୍ ଟେଷ୍ଟ ପାଇଁ ନୋଡାଲ ଅଫିସର ଡା. ନିରୁପମା ଚୟନୀଙ୍କ ନେତୃତ୍ୱରେ ପ୍ରାୟ ୬ ଜଣ ଡାକ୍ତର ଓ ୪୦ ଜଣ ଉତ୍ସର୍ଗୀକୃତ କର୍ମଚାରୀ ଦୁଇଟି ଟିମ୍ ଓ ଦୁଇଟି ସିଫ୍ଟରେ କାମ କରୁଛନ୍ତି। ଫଳରେ କୌଣସି ଦିନ ନମୁନା ବଳକା ରହୁନାହିଁ।

## ୫ ଦିନ ହେଲା କୋଲ୍‌କାତାରେ ପଡ଼ିଛି ଓଡ଼ିଆ ଯୁବକଙ୍କ ମୃତଦେହ

ରାଉରକେଲା ଅଫିସ,୨୫।୭

- କରୋନାରେ ମୃତ୍ୟୁ ଘଟିଥିବା ସୂଚନା
- ଜିଲା ପ୍ରଶାସନର ହସ୍ତକ୍ଷେପ
- ଆଜି ହୋଇପାରେ ଶବ ସଂସ୍କାର

କୋଲ୍‌କାତାର ଏକ ଘରୋଇ ହସ୍ପିଟାଲରେ ରାଉରକେଲାର ଜଣେ ଯୁବକଙ୍କ କରୋନାରେ ମୃତ୍ୟୁ ଘଟିଥିଲା। ହେଲେ ମୃତଦେହ ସଂସ୍କାର ପାରୁନାହିଁ। ସେହି ହସ୍ପିଟାଲର ଶବ ସଂରକ୍ଷଣ ଗୃହରେ ଗତ ୫ ଦିନ ହେବ ମୃତଦେହ ପଡି ରହିଛି। ବିଭିନ୍ନ ଆଇନଗତ କଟକଣା ଏଥିରେ ବାଧକ ସାଜିଛି। ଏହାକୁ ନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି।

ସୂଚନା ଅନୁଯାୟୀ, ରାଉରକେଲା ନବକୃଷ୍ଣନଗର ବାସିନ୍ଦା ବିଜୟ ଭୋଳଙ୍କ ଏକ ମାତ୍ର ପୁଅ ଅନନ୍ତ ନାରାୟଣ (୪୪) ନିଉ କୋଲକାତାର ଏକ କମ୍ପାନୀରେ ଚାକିରୀ କରୁଥିଲେ। ଗତ ୧୦ ତଳେ ତାଙ୍କୁ ଜ୍ୱର ହୋଇଥିଲା। ଚଳିତମାସ ୨୧ ତାରିଖ ସକାଳେ ସେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ତେବେ ଗୋଟିଏ ନୁହେଁ ଏକାଧିକ ହସ୍ପିଟାଲ ବୁଲିବା ସତ୍ତ୍ୱେ ତାଙ୍କୁ ବେଡ୍ ମିଳି ନ ଥିଲା। ଶେଷରେ ସେ ଯେଉଁ ଘରୋଇ ହସ୍ପିଟାଲକୁ ଯାଇଥିଲେ ତାର ଫାଟକ ସମ୍ମୁଖରେ ଅନନ୍ତଙ୍କ ପ୍ରାଣବାୟୁ ଉଡିଗଲା। ଏହାପରେ ତାଙ୍କର ସ୍ୱାବ୍ ନମୁନା ଟେଷ୍ଟ କରାଯିବାରୁ ତାହା ପଜିଟିଭ ଥିଲା। ଏ ନେଇ ଅନନ୍ତଙ୍କ ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଥିଲା। ମୃତଦେହ ବ୍ୟବଚ୍ଛେଦ କରାଇବା ପାଇଁ ପରିବାର ପକ୍ଷରୁ ସ୍ଥାନୀୟ ପୋଲିସକୁ ସମ୍ମତି ପ୍ରଦାନ କରାଯାଇଥିଲା। ଏହାପରେ କୋଲକାତା ମ୍ୟୁନିସିପାଲ କର୍ପୋରେଶନ ମୃତଦେହ ଦାହ କରିବା କଥା। ତେବେ ବିଭିନ୍ନ କାରଣରୁ ଗତ ୫ ଦିନ ହେବ ମୃତଦେହ ବ୍ୟବଚ୍ଛେଦ ହୋଇ ନ ପାରି ଶବ ସଂରକ୍ଷଣ ଗୃହରେ ପଡି ରହିଥିବା ଖବର ମିଳିଥିଲା। ଫଳରେ ଅନନ୍ତଙ୍କ ପରିବାର ଲୋକେ ଏ ନେଇ ଜିଲା ପ୍ରଶାସନର ସାହାର୍ଯ୍ୟ ଲୋଡିଥିଲେ। ରାଉରକେଲା ଏଡିଏମ୍ ଆବୋଲି ସୁନୀଲ ନରୱେଣେଙ୍କ ହସ୍ତକ୍ଷେପ ପରେ ଶନିବାର ଏହି ପ୍ରତିବନ୍ଧକ ଦୂର ହୋଇଛି। ରାଉରକେଲା ପୋଲିସ କୋଲକାତା ପୋଲିସ ସହ ଯୋଗାଯୋଗ କରି ଆବଶ୍ୟକ କାଗଜପତ୍ର ହସ୍ତାନ୍ତର କରିଛି। ମୃତଦେହକୁ କୋଲକାତା ମ୍ୟୁନିସିପାଲ କର୍ପୋରେଶନ ନିଜ ଅଧୀନକୁ ନେଇଛି। ରବିବାର ସକାଳ ୯ଟା ସୁଦ୍ଧା ମୃତଦେହ ଦାହ କରାଯିବ ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି।

## ୨ ଲଶ୍କର ଆତଙ୍କବାଦୀ ନିହତ

**ଶ୍ରୀନଗର, ୨୫।୭:** ଜମ୍ମୁ-କଶ୍ମୀରର ଶ୍ରୀନଗର ନିକଟ ରଣବୀରଗଡ଼ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଜଣେ ଟପ୍ ଲଶ୍କର-ଇ-ତୋଇବା କମାଣ୍ଡରଙ୍କୁ ମିଶାଇ ୨ ଆତଙ୍କବାଦୀ ଶନିବାର ନିହତ ହୋଇଛନ୍ତି। କୌଣସି ସୂତ୍ରରୁ ଖବର ପାଇ ସୁରକ୍ଷାକର୍ମୀମାନେ ଆତଙ୍କବାଦୀ ଥିବା ଅଞ୍ଚଳକୁ ଘେରଣ କରି ସର୍ଚ୍ଚ ଅପରେଶନ ଆରମ୍ଭ କରିବା ବେଳେ ସୁରକ୍ଷାକର୍ମୀଙ୍କ ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଥିଲେ। ପରେ ସୁରକ୍ଷାକର୍ମୀ ଏହାର ଜବାବ ଦେଇଥିଲେ। ଜଣେ ନିହତ ଆତଙ୍କବାଦୀ ସୋଜେଥ ଅଞ୍ଚଳର ରଶିଦ ବୋଲି ଜଣାପଡ଼ିଛି। ୨୦୧୮ରୁ ସେ କଶ୍ମୀରରେ ଲଶ୍କର କମାଣ୍ଡର ଥିଲେ। ଅନେକ ମାମଲାରେ ସେ ୱାଣ୍ଟେଡ୍ ଥିଲେ। ଅନ୍ୟ ଜଣେ ଆତଙ୍କବାଦୀ ଦକ୍ଷିଣ କଶ୍ମୀରର ପୁଲ୍‌ୱାମା ଅଞ୍ଚଳର ଐଜାଜ ଭଟ୍ଟ।

# ଶବ ସଂସ୍କାର ବେଳେ ଉପସ୍ଥିତ ରହିପାରିବେ ସମ୍ପର୍କୀୟ

ଭୁବନେଶ୍ୱର,୨୫।୭(ବ୍ୟୁରୋ)

### କରୋନା ମୃତକଙ୍କ ପାଇଁ ନିୟମାବଳୀ

- ନିଜ ଧର୍ମର ରୀତିନୀତି ପାଳନକୁ ଅନୁମତି
- ଦୂରରୁ ଥାଇ ଦର୍ଶନ କରିପାରିବେ
- ମୃତଦେହକୁ ଛୁଇଁବା ଉପରେ କଟକଣା
- କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ପାଳନ କରିବାକୁ ପରାମର୍ଶ
- ଜିଲାପାଳ, ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଲେ ଏସ୍‌ଆର୍‌ସି

କୋଭିଡ୍-୧୯ ଆକ୍ରାନ୍ତ ମୃତକଙ୍କ ଶବ ସତ୍କାରକୁ ନେଇ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି। ସତ୍କାର ନ ହୋଇ ମୃତଦେହ ବହୁ ସମୟ ଧରି ପଡିରହୁଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। କରୋନାରେ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମୃତଦେହ ସତ୍କାରକୁ ନେଇ ଶନିବାର ରାଜ୍ୟ ସରକାର ଏକ ଗାଇଡ୍‌ଲାଇନ ଜାରି କରିଛନ୍ତି । ଏ ନେଇ ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳ ଓ ସମସ୍ତ ମହାନଗର ନିଗମ କମିଶନରଙ୍କୁ ଗାଇଡ୍‌ଲାଇନ ପାଳନ କରିବା ନେଇ ଜଣାଇ ଦିଆଯାଇଛି। ନୂତନ ଗାଇଡ୍‌ଲାଇନରେ କରୋନା ମୃତ ବ୍ୟକ୍ତି ଆଇସୋଲେଶନ ୱାର୍ଡରୁ ବାହାରିବା ବେଳେ ଯଦି ସମ୍ପର୍କିତ ମୃତଦେହ ଦେଖିବାକୁ ଚାହିଁବେ ତେବେ ସେମାନଙ୍କୁ ଆବଶ୍ୟକ ସତର୍କତା ଅବଲମ୍ବନ ପୂର୍ବକ ଦେଖିବାକୁ ସୁଯୋଗ ଦିଆଯିବ। ଶବ ସଂସ୍କାର ବେଳେ ପରିବାର ସଦସ୍ୟମାନେ ମୃତଦେହକୁ ନ ଛୁଇଁ ନିଜ ଧର୍ମ ଅନୁସାରେ ରୀତିନୀତି କରିପାରିବେ। ସର୍ବନିମ୍ନ ଦୂରତା ରକ୍ଷା କରିବା ସହିତ ସ୍ୱାସ୍ଥ୍ୟଗତ ପୂର୍ବସତର୍କତା ଅବଲମ୍ବନ କରିବେ। ହାତରେ ଗ୍ଲୋବ୍ସ ପିନ୍ଧିବା ସହିତ ସର୍ବସାଧାରଣ ସ୍ଥାନରେ ଛେପ ପକାଇ ପାରିବେ ନାହିଁ। ମୃତଦେହକୁ ଛୁଇଁବା, ଗାଧୋଇ ଦେବା, ଚୁମା ଦେବା କିମ୍ବା କୁଣ୍ଢାଇବାକୁ ବାରଣ କରାଯାଇଛି। ଶବ ସଂସ୍କାର ପରେ ପରିବାର ଲୋକ ଚାହିଁଲେ ଚିତାଭସ୍ମ ନେଇପାରିବେ। ଶବଦାହ ବେଳେ ୨୦ ଜଣରୁ ଅଧିକ ବ୍ୟକ୍ତି ଉପସ୍ଥିତ ରହିବେ ନାହିଁ। ଯଦି ପରିବାରର କୌଣସି ଲୋକ ଶବ ସତ୍କାର ବେଳେ ରହିବାକୁ ଚାହିଁବେ ନାହିଁ ତେବେ ମୃତଦେହକୁ ବ୍ୟକ୍ତିଙ୍କ ଧର୍ମ ଅନୁଯାୟୀ ସଂସ୍କାର କରାଯିବ। ଯଦି ମୃତବ୍ୟକ୍ତିଙ୍କର କୌଣସି ଧର୍ମ ଜଣାପଡିବ ନାହିଁ ତେବେ ଯେ କୌଣସି ଗୋଟିଏ ଉପାୟରେ ସତ୍କାର କରାଯିବ। ଏଥିସହିତ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର ମନ୍ତ୍ରଣାଳୟ ପକ୍ଷରୁ ଶବ ସଂସ୍କାର ପାଇଁ ଜାରି କରାଯାଇଥିବା କୋଭିଡ୍-୧୯ ଗାଇଡ୍‌ଲାଇନକୁ ମଧ କଡ଼ାକଡି ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟ ସରକାର କୋଭିଡ୍-୧୯ରେ ପ୍ରାଣ ହରାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ମୃତଦେହକୁ ସଂସ୍କାର କରିବା ପାଇଁ ୭,୫୦୦ ଟଙ୍କା ଖର୍ଚ୍ଚ କରିବାକୁ ପୂର୍ବରୁ ଘୋଷଣା କରିଛନ୍ତି।

ଭାରତୀୟ ରେଳପଥ
"ସର୍ବସାଧାରଣ ବିଜ୍ଞପ୍ତି"
ପୂର୍ବତଟ ରେଳପଥର ନିମ୍ନଲିଖିତ ସେକ୍ସନ ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ତଳେ ସମ୍ପୃକ୍ତ ସେକ୍ସନ ନିମନ୍ତେ ଦର୍ଶିତ ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୟାର୍‌ଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ଏହି ତାରିଖ ଓ ତାହା ପରଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ | ତାରିଖ |
|---|---|
| ବଲାଙ୍ଗୀର-ବିଚ୍ଛୁପାଲି | ୩୧।୦୮।୨୦୨୦ |

ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରେଳପଥ ବିଦ୍ୟୁତୀକରଣ, ବେଙ୍ଗାଲୁରୁ

ଭାରତୀୟ ରେଳପଥ
ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ
"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"
ପୂର୍ବତଟ ରେଳପଥର ବଲାଙ୍ଗୀର (ବହିର୍ଭୂତ) - ବିଚ୍ଛୁପାଲି (ଅନ୍ତର୍ଭୁକ୍ତ) ସେକ୍ସନ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ପ୍ରତ୍ୟେକ ଲେଭଲ କ୍ରସିଂରେ ରାସ୍ତାରୁ ୪.୬୭ ମିଟର ଓ ୪.୬୮ ମିଟର ମଧରେ ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ଓ୍ୟାର୍ (କଣ୍ଟାକ୍ଟ ଓ୍ୟାର୍), ଯାହା ଲେଭଲ୍ କ୍ରସିଂଗୁଡ଼ିକରେ ରେଳ ଧାରଣା ସ୍ତରରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିଥାଏ, ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ ହାଇଟ୍ ଗେଜ୍‌ଗୁଡ଼ିକୁ ଯେପରି ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହାକୁ ଦୃଷ୍ଟିରେ ରଖାଯିବା ଆବଶ୍ୟକ ।
ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତି ସ୍ୱରୂପ, ରାସ୍ତା ଓ ରେଳଧାରଣା ଅବରୋଧ ।
ii) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ ।
iii) କଣ୍ଡକ୍ଟର୍ ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧକୁ ଆସିଲେ ନିଆଁ ଓ ଜୀବନ ପ୍ରତି ବିପଦ ମଧ ରହିଛି ।
ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରେଳପଥ ବିଦ୍ୟୁତୀକରଣ, ବେଙ୍ଗାଲୁରୁ

ଭାରତୀୟ ରେଳପଥ
"ସର୍ବସାଧାରଣ ବିଜ୍ଞପ୍ତି"
ପୂର୍ବତଟ ରେଳପଥର ନିମ୍ନଲିଖିତ ସେକ୍ସନ ଅଧୀନରେ ସମ୍ପୂର୍ଣ୍ଣ ହୋଇଥିବା ସେକ୍ସନର ରେଳ ଧାରଣା ଏବଂ ପରିସରର ବ୍ୟବହାରକାରୀମାନଙ୍କୁ ଏତଦ୍ୱାରା ସୂଚିତ କରାଯାଉଛି ଯେ ତଳେ ସମ୍ପୃକ୍ତ ସେକ୍ସନ ନିମନ୍ତେ ଦର୍ଶିତ ତାରିଖ ପରଠାରୁ ୨୫୦୦୦ ଭୋଲ୍ଟ, ୫୦ ହର୍ଜ, ଏସି ଓଭରହେଡ୍ ଟ୍ରାକ୍ସନ୍ ଓ୍ୟାର୍‌ଗୁଡ଼ିକରେ ବିଦ୍ୟୁତ୍ ସରବରାହ ଆରମ୍ଭ କରାଯିବ। ଏହି ତାରିଖ ଓ ତାହା ପରଠାରୁ ସେହି ଓଭରହେଡ୍ ଟ୍ରାକ୍ସନ୍ ଲାଇନ୍‌କୁ ସବୁ ସମୟରେ ଜୀବନ୍ତ ବିବେଚନା କରାଯିବ ଏବଂ କୌଣସି ଅଣପ୍ରାଧିକୃତ ବ୍ୟକ୍ତି କଥିତ ଓଭରହେଡ୍ ଲାଇନ୍ ପରିସରରେ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

| ସେକ୍ସନ | ତାରିଖ |
|---|---|
| ଖୋର୍ଦ୍ଧା ରୋଡ୍ - ନୂଆଗାଁ | ୩୧।୦୯।୨୦୨୦ |

ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରେଳପଥ ବିଦ୍ୟୁତୀକରଣ, ବେଙ୍ଗାଲୁରୁ

ଭାରତୀୟ ରେଳପଥ
ଏସି ୨୫ କେଭି ଟ୍ରାକ୍ସନର ପ୍ରଚଳନ
"ସଡ଼କ ବ୍ୟବହାରକାରୀଙ୍କ ପାଇଁ ଚେତାବନୀ"
ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ (ବହିର୍ଭୂତ) - ନୂଆଗାଁ (ଅନ୍ତର୍ଭୁକ୍ତ) ସେକ୍ସନ ଉପରେ ୨୫ କେଭି ଏସି ଇଲେକ୍ଟ୍ରିକ୍ ଟ୍ରାକ୍ସନ୍ ପ୍ରଚଳନ ସମ୍ପର୍କରେ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ପ୍ରତ୍ୟେକ ଲେଭଲ କ୍ରସିଂରେ ରାସ୍ତାରୁ ୪.୬୭ ମିଟର ଓ ୪.୬୮ ମିଟର ମଧରେ ସ୍ପଷ୍ଟ ଉଚ୍ଚତାରେ ହାଇଟ୍ ଗେଜ୍ ସ୍ଥାପନ କରାଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସକ୍ରିୟ ଟ୍ରାକ୍ସନ୍ ଓ୍ୟାର୍ (କଣ୍ଟାକ୍ଟ ଓ୍ୟାର୍), ଯାହା ଲେଭଲ୍ କ୍ରସିଂଗୁଡ଼ିକରେ ରେଳ ଧାରଣା ସ୍ତରରୁ ସର୍ବନିମ୍ନ ୫.୫ ମିଟର ଉଚ୍ଚତାରେ ରହିଥାଏ, ସଂସ୍ପର୍ଶରେ କିମ୍ବା ବିପଜ୍ଜନକ ପରିସର ପର୍ଯ୍ୟନ୍ତ ଯେପରି କୌଣସି ଅତ୍ୟଧିକ ଉଚ୍ଚତାର ଭାର ବୋହୁଥିବା ଯାନବାହନ ନ ଆସେ ।
ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ଯାନବାହନକୁ ଲୋଡିଂ କରିବା ଉଦ୍ଦେଶ୍ୟରେ ଉପରେ ଦର୍ଶାଯାଇଥିବା ଉଚ୍ଚତାକୁ ଦୃଷ୍ଟିରେ ରଖାଯିବା ତଥା କୌଣସି ପରିସ୍ଥିତିରେ ମଧ ହାଇଟ୍ ଗେଜ୍‌ଗୁଡ଼ିକୁ ଯେପରି ଯାନବାହନରେ ବୋଝେଇ ହୋଇଥିବା ସାମଗ୍ରୀ ଲଙ୍ଘନ ନ କରେ ଏହାକୁ ଦୃଷ୍ଟିରେ ରଖାଯିବା ଆବଶ୍ୟକ ।
ଯାନବାହନରେ ଅତ୍ୟଧିକ ଉଚ୍ଚତାରେ ଜିନିଷପତ୍ର ବୋଝେଇ କରିବାର ବିପଦ ନିମ୍ନରେ ଦିଆଗଲା:
i) ହାଇଟ୍ ଗେଜ୍ ପ୍ରତି ବିପଦ ଏବଂ ପରିଣତି ସ୍ୱରୂପ, ରାସ୍ତା ଓ ରେଳଧାରଣା ଅବରୋଧ ।
ii) ବହନ କରାଯାଉଥିବା ସାମଗ୍ରୀ କିମ୍ବା ଉପକରଣ ଅଥବା ଯାନବାହନ ପ୍ରତି ବିପଦ ।
iii) କଣ୍ଡକ୍ଟର୍ ସଂସ୍ପର୍ଶରେ ଆସି କିମ୍ବା ଏହାର ବିପଜ୍ଜନକ ପରିସର ମଧକୁ ଆସିଲେ ନିଆଁ ଓ ଜୀବନ ପ୍ରତି ବିପଦ ମଧ ରହିଛି ।
ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ରେଳପଥ ବିଦ୍ୟୁତୀକରଣ, ବେଙ୍ଗାଲୁରୁ

## ରୋଟାରୀ ଭୁବନେଶ୍ୱର ସ୍ମାଇଲ୍‌ର ରକ୍ତଦାନ ଶିବିର

ଭୁବନେଶ୍ୱର: ବର୍ତ୍ତମାନ ମହାମାରୀ କରୋନା ପାଇଁ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତର ଅଭାବ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ରୋଟାରୀ ଭୁବନେଶ୍ୱର ସ୍ମାଇଲ ପକ୍ଷରୁ ସ୍ଥାନୀୟ ଖାରବେଳ ନଗରସ୍ଥିତ ସାମ୍ବାଦିକ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଭିନେତା ସବ୍ୟସାଚୀ ମିଶ୍ର, ରୋଟାରିଆନ୍ ବିଭୂତିଭୂଷଣ କର ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୪୧ ୟୁନିଟ୍ ରକ୍ତ ସଂଗୃହୀତ ହେଇଥିଲା।

## ସଂକ୍ଷେପରେ

### ଅବସର ବୟସ ସୀମା ବୃଦ୍ଧି ଦାବି କଲେ ଆୟୁର୍ବେଦ କଲେଜ ଅଧ୍ୟାପକ

**ପୁରୀ ଅଫିସ,୨୫।୭:** ଆର୍ୟୁବେଦ କଲେଜ ଅଧ୍ୟାପକମାନେ ଅବସର ବୟସ ସୀମା ବୃଦ୍ଧି ଦାବି କରିଛନ୍ତି । ଏନେଇ ଓଡ଼ିଶା ଆର୍ୟୁବେଦ କଲେଜ ଶିକ୍ଷକ ସଂଘ ପକ୍ଷରୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି । ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ଅଧ୍ୟାପକମାନଙ୍କ ଅବସର ବୟସ ସମୀ ୬୫କୁ ବୃଦ୍ଧି କରାଯାଉ। ସେହିପରି ଅଧ୍ୟାପକମାନଙ୍କୁ କନିଷ୍ଠ ବର୍ଗ(କ) ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଉ। ଅଧ୍ୟାପକମାନେ ଏବେ କୋଭିଡ଼-୧୯ କାର୍ଯ୍ୟ ଦକ୍ଷତାର ସହ ସମ୍ପାଦନ କରୁଛନ୍ତି। ସେମାନଙ୍କ ଏହି ଦାବି ପୂରଣ ହେଲେ ସେମାନେ କାମ କରିବା ଲାଗି ଆହୁରି ଉତ୍ସାହିତ ହେବେ ବୋଲି ସଂଘ ସାଧାରଣ ସମ୍ପାଦକ ଡା. ଆଦିକନ୍ଦ ବିଶ୍ୱାଳ କହିଛନ୍ତି।

### ଗୋଟିଏ ଦିନରେ ୯୦ ସଂକ୍ରମିତ

**ପୁରୀ ଅଫିସ/ଡେଲାଙ୍ଗ(ଡି.ଏନ୍.ଏ),୨୫।୭:** ପୁରୀ ଜିଲାରୁ ଶନିବାର ରେକର୍ଡ ସଂଖ୍ୟକ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଗୋଟିଏ ଦିନରେ ୯୦ ଆକ୍ରାନ୍ତ ବାହାରି ଥିବାରୁ ଜିଲା ପ୍ରଶାସନ ତଥା ଜିଲାବାସୀଙ୍କ ଚିନ୍ତା ବଢ଼ିଯାଇଛି। ସଂକ୍ରମଣକୁ ରୋକିବା ଲାଗି ପ୍ରଶାସନ ପକ୍ଷରୁ ନାନା ପଦକ୍ଷେପ ନିଆଯାଉଥିଲେ ମଧ ନିୟନ୍ତ୍ରଣକୁ ଆସିପାରୁନି କରୋନା। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଗତ ୪ ଦିନରେ ଜିଲାରୁ ୧୭୦ ପଜିଟିଭ ଚିହ୍ନଟ ହେଲେଣି। ପୂର୍ବରୁ ଜିଲାରେ ଗୋଟିଏ ଦିନରେ ୩୦ ଚିହ୍ନଟ ହେଉଥିବାବେଳେ ଶନିବାର ଏହାର ୩ଗୁଣା ଅର୍ଥାତ ୯୦ଜଣ ସଂକ୍ରମିତ ହୋଇଛନ୍ତି। ଏହି ନୂଆ ସଂକ୍ରମିତକୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୫୮୬ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୩୫୦ଜଣ ସୁସ୍ଥ ହୋଇଥିବାବେଳେ ୨୩୨ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। କରୋନାରେ ଜିଲାର ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣଙ୍କର ଅନ୍ୟ ରୋଗରେ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଶନିବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରୁ ୧୫ ଜଣ ରହିଛନ୍ତି। ୱାର୍ଡ ନଂ. ୫, ୭, ୨୨, ୩୨ରୁ ଜଣେ ଲେଖାଏ, ୧୮ ଓ ୩୧ରୁ ୨ ଜଣ, ୨୫ ଏବଂ ୨୬ ନଂ. ୱାର୍ଡରୁ ୩ ଜଣ ଲେଖାଏ ରହିଛନ୍ତି । ସେହିପରି ଡେଲାଙ୍ଗ ବ୍ଲକରୁ ୨୭, କୃଷ୍ଣପ୍ରସାଦ ୨୨, ବ୍ରହ୍ମଗିରି ୧୬, ପିପିଲି ୫, କଣାସ, ନିମାପଡ଼ା, ଗୋପ, ପିପିଲି ଏନ୍‌ଏସି ଓ ପୁରୀ ସଦର ବ୍ଲକରୁ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରୁ ୩୮ ଜଣ ବିଭିନ୍ନ ହଟ୍‌ସ୍ପଟ ରାଜ୍ୟରୁ ଫେରିଥିବା ବେଳେ ୩୭ ଜଣ ପଜିଟିଭ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲେ। ସେମାନଙ୍କର ଟେଷ୍ଟ ପରେ ରିପୋର୍ଟ ପଜିଟିଭ ଆସିଛି। ସେହିପରି ଜଣେ କ୍ୱାରାଣ୍ଟାଇନ ସେଣ୍ଟରରୁ ଏବଂ ଆଉ ୧୪ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଏପ୍ରିଲ ୩ରେ ଜିଲାର ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହାପରେ ୩୬ ଦିନ ଜିଲାରୁ କେହି ଏହି ଭୂତାଣୁର ଶିକାର ହୋଇ ନ ଥିଲେ। ମାତ୍ର ମେ ୧୦ ପରଠାରୁ ପ୍ରାୟ ପ୍ରତିଦିନ ଜିଲାରୁ କରୋନା ସଂକ୍ରମିତ ଚିହ୍ନଟ ହେବାରେ ଲାଗିଛନ୍ତି। ୩ ମାସ ୨୨ ଦିନରେ ଜିଲାର ମୋଟ ପଜିଟିଭ ସଂଖ୍ୟା ୫୦୦ ଟପିଛି।

# ଭୁବନେଶ୍ୱରର ଅଣବସ୍ତି ସଂକ୍ରମିତ ଅଧିକ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

- ଚିହ୍ନଟ ୮୦% ଆକ୍ରାନ୍ତଙ୍କ ଲକ୍ଷଣ ନାହିଁ
- ୬୦ରୁ ଊର୍ଦ୍ଧ୍ୱ ବୟସ୍କ ୬୪ ଜଣ ଆକ୍ରାନ୍ତ ହସ୍ପିଟାଲରେ ଭର୍ତ୍ତି
- ନିୟମ ନ ମାନିଲେ ବନ୍ଦ ହେବ ଶିଳ୍ପାନୁଷ୍ଠାନ

ବସ୍ତି ତୁଳନାରେ ଅଣବସ୍ତିରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ବସ୍ତି ଅଞ୍ଚଳରେ ମୋଟ ୨୦୧ଜଣ ସଂକ୍ରମିତ ଠାବ ହୋଇଥିବାବେଳେ ଅଣବସ୍ତି ଅଞ୍ଚଳରୁ ରହିଛନ୍ତି ୬୫୭ଜଣ ଆକ୍ରାନ୍ତ। ବସ୍ତି ଅଞ୍ଚଳରୁ ଗୋଟିଏ ସ୍ଥାନରୁ ପଜିଟିଭ୍ ଚିହ୍ନଟ ହେଉଥିବାବେଳେ ଅଣବସ୍ତିର ବହୁ ଅଞ୍ଚଳରୁ ଆକ୍ରାନ୍ତ ବାହାରୁଛନ୍ତି। ତେଣୁ ଏବେ ଅଣବସ୍ତି ଅଞ୍ଚଳରେ କରୋନା ତା'ର କାୟା ବିସ୍ତାର କରୁଛି। ଏଥିପାଇଁ ବିଏମ୍‌ସି ଟିମ୍ ସତର୍କ ରହିଛି। ଅଣବସ୍ତି ଅଞ୍ଚଳରେ ଟେଷ୍ଟିଂ ପରିମାଣ ବୃଦ୍ଧି କରାଯାଇଛି। ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ କଣ୍ଟାକ୍ଟ ଟ୍ରେସିଂ କରି ଚିହ୍ନଟ କରାଯିବା ସହ ସେମାନଙ୍କ ଟେଷ୍ଟିଂ ଉପରେ ବିଏମ୍‌ସି ଗୁରୁତ୍ୱ ଦେଉଛି ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

ଗୀତ ଗୋବିନ୍ଦ ସଦନରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରର କରୋନା ତଥ୍ୟ ଦେବାବେଳେ ଚୌଧାରୀ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧୨ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଥିବାବେଳେ ୪ଟି ସ୍ଥାନରେ ଏହି କଟକଣା ଏବେବି ଜାରି ରହିଛି। ନିକଟରେ ବିଜେବି ନଗର ମହିଷାଖାଲ ଅଞ୍ଚଳରେ ଏକକାଳୀନ ବହୁ ସଂଖ୍ୟାରେ ଲୋକ ସଂକ୍ରମିତ ଜଣାପଡ଼ିବା ପରେ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। ଏଠାରେ ଶିବିର କରାଯାଇ ଟେଷ୍ଟିଂ ପରେ ୪୧ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ମୁଖ୍ୟକଥା ହେଲା ସହରରୁ ଚିହ୍ନଟ ୮୦% ସଂକ୍ରମିତଙ୍କ ମଧ୍ୟରେ ଲକ୍ଷଣ ଦେଖାଯାଉନାହିଁ। ତେଣୁ ଟେଷ୍ଟିଂ ପରିମାଣକୁ ବଢ଼ାଇ ଦିଆଯାଇଛି। ବିଶେଷକରି ଅନ୍ୟ ଜିଲା ଓ ଅନ୍ୟ ରାଜ୍ୟ ଫେରନ୍ତାଙ୍କ ପାଇଁ ବସ୍ତି ଅଞ୍ଚଳ ଉପରେ ବିଏମ୍‌ସି ଫୋକସ୍ କରିଛି। ଅଧିକ ସକ୍ରିୟ ଆକ୍ରାନ୍ତ ଥିବା ଅଞ୍ଚଳକୁ ଟିମ୍ ଅନୁଧ୍ୟାନ କରିବା ପରେ ବିଏମ୍‌ସି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଛି ବୋଲି ସେ କହିଛନ୍ତି।

ଚୌଧାରୀ କହିଛନ୍ତି, ଭୁବନେଶ୍ୱରରେ ବର୍ତ୍ତମାନ ୬୪ଜଣ ଆକ୍ରାନ୍ତଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ ରହିଛି। ଏମାନଙ୍କ ମଧ୍ୟରୁ ୧୧ଜଣ ଆଇସିୟୁରେ ଓ ୪ ଜଣ ଭେଣ୍ଟିଲେଟରରେ ଚିକିତ୍ସିତ ହେଉଛନ୍ତି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ କୋଭିଡ୍ କେୟାର ହୋମ୍ ଓ କୋଭିଡ୍ ହସ୍ପିଟାଲର ବନ୍ଦୋବସ୍ତ କରାଯିବା ସହ ସମସ୍ତ କଲୋନୀ ଓ ଆପାର୍ଟମେଣ୍ଟ ଆସୋସିଏଶନକୁ ନିଜ ପାଇଁ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଶିଳ୍ପାଞ୍ଚଳରେ ଚାଲିଥିବା କମ୍ପାନୀଗୁଡ଼ିକ ସହ ଆଲୋଚନା ସରିଛି। ଜାରି ନିର୍ଦ୍ଦେଶନାମା ପାଳନ ନ କଲେ ଉକ୍ତ କମ୍ପାନୀଗୁଡ଼ିକ ସିଲ୍ ହେବ ବୋଲି ସେ କହିଛନ୍ତି। ଆଗପରି ଭୁବନେଶ୍ୱରବାସୀ ସହଯୋଗ କଲେ ଓ କୋଭିଡ-୧୯ ନିୟମ ପାଳନ କଲେ, ଆମେ ନିଶ୍ଚୟ ସଫଳତା ହାସଲ କରିବା ବୋଲି ଚୌଧାରୀ କହିଛନ୍ତି।

## ପୁଣି ୧୧୧ ପଜିଟିଭ୍, ୧୮ଶହ ଟପିଲା ଆକ୍ରାନ୍ତ ସଂଖ୍ୟା

ଭୁବନେଶ୍ୱର, ୨୫।୭(ବ୍ୟୁରୋ): ଭୁବନେଶ୍ୱରରେ ଶେଷ ୨୪ ଘଣ୍ଟାରେ ପୁଣି ୧୧୧ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୬୨ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୪୯ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଏହାକୁ ମିଶାଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୮୨୮ରେ ପହଞ୍ଚିଛି। ସେହିଭଳି ଆଉ ୨୯ଜଣ ସୁସ୍ଥ ହୋଇଥିବାରୁ ମୋଟ ସୁସ୍ଥଙ୍କ ସଂଖ୍ୟା ୮୬୩ ଛୁଇଁଛି। ବର୍ତ୍ତମାନ ୯୬୨ଜଣ ସକ୍ରିୟ ଆକ୍ରାନ୍ତ ରହିଥିବାବେଳେ ୧୧ ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି।

# କୋଭିଡ୍ କେୟାର ହୋମ୍‌ରେ ରହିବେ କରୋନା ସନ୍ଦିଗ୍ଧ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

**ଭୁବନେଶ୍ୱର କୋଭିଡ୍ ପର୍ଯ୍ୟବେକ୍ଷକଙ୍କ ସୂଚନା**

- ବଢ଼ିବ ଆଉ ୧୫ଶହ ଶଯ୍ୟା
- ରାପିଡ୍ ରେସ୍‌ପନ୍ସ ଟିମ୍ ସଂଖ୍ୟା ୧୫କୁ ବୃଦ୍ଧି
- ୱେବ୍‌ସାଇଟ୍‌ରେ ମିଳିବ ସଚେତକଙ୍କ ଯୋଗାଯୋଗ ନମ୍ବର

ଭୁବନେଶ୍ୱରର ୬ଟି ସ୍ଥାନରେ ଏବେ ୮୭୦ ଶଯ୍ୟା ବିଶିଷ୍ଟ କୋଭିଡ କେୟାର ହୋମ କରାଯାଇଛି। ଯେଉଁଥିରେ କରୋନା ସନ୍ଦିଗ୍ଧଙ୍କୁ ରଖିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସ୍ଥିର କରିଛି। ଯଦି କାହାର ଲକ୍ଷଣ ଦେଖାଯାଏ, କିମ୍ବା କେହି ହଟ୍‌ସ୍ପଟ୍ ଜିଲା କିମ୍ବା ଅନ୍ୟ ପଡୋଶୀ ରାଜ୍ୟ କିମ୍ବା ଜିଲା ଫେରନ୍ତା ହୋଇଥିବେ ତା'ହେଲେ ପ୍ରଥମେ ତାଙ୍କୁ କୋଭିଡ୍ କେୟାର ହୋମ୍‌ରେ ରଖାଯିବ ଓ ପରେ ତାଙ୍କର ଟେଷ୍ଟ କରାଯିବ। ଏଥିପାଇଁ ବିଏମ୍‌ସି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିବାବେଳେ ଆଗକୁ ଅଧିକରୁ ଅଧିକ କୋଭିଡ୍ କେୟାର ହୋମ୍ ନିର୍ମାଣ କରିବାକୁ ଯୋଜନା ରଖିଥିବା ଭୁବନେଶ୍ୱର କୋଭିଡ୍ ପର୍ଯ୍ୟବେକ୍ଷକ ତଥା ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ସେହିଭଳି ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ଆଉ ୧୫ଶହ ଶଯ୍ୟା ବଢ଼ାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଶନିବାର ଗୀତଗୋବିନ୍ଦ ସଦନରୁ ଗର୍ଗ କହିଛନ୍ତି, ବର୍ତ୍ତମାନ ଭୁବନେଶ୍ୱରରେ ଦୈନିକ ୧୪ଶହ ଟେଷ୍ଟ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଏଥିପାଇଁ ରାପିଡ୍ ରେସ୍‌ପନ୍ସ ଟିମ୍ ସଂଖ୍ୟା ୯ରୁ ୧୫କୁ ବୃଦ୍ଧି କରାଯାଇଛି। ପ୍ରତି ଜୋନ୍‌କୁ ୫ଟି ଟିମ୍ ଦିଆଯାଇ କଣ୍ଟାକ୍ଟ ଟ୍ରେସିଂ ଉପରେ ଗୁରୁତ୍ୱ ଦିଆଯାଇଛି। ବସ୍ତି ଓ ବୟସ୍କଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି। ବୟସ୍କଙ୍କ ପାଇଁ ବିଏମ୍‌ସି ଦ୍ୱାରା ବିଗତ ଦିନରେ ସଚେତକ ଆପ୍ ଉପଲବ୍ଧ କରାଯାଇଛି। ଏବେସୁଦ୍ଧା ୧୦ହଜାର ୫ଶହ ଲୋକ ଏହି ଆପ୍‌କୁ ବ୍ୟବହାର କରୁଛନ୍ତି। ସଚେତକ ଆପ୍‌ରୁ ଲୋକଙ୍କୁ ବହୁ ସହଯୋଗ ମିଳୁଥିବା ଗର୍ଗ ପ୍ରକାଶ କରିଥିବାବେଳେ ବାକି ଭୁବନେଶ୍ୱରବାସୀ ମଧ୍ୟ ସଚେତକ ଆପ୍ ଡାଉନଲୋଡ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। ତେବେ ଆଗକୁ ସଚେତକ କମିଟିର ସଦସ୍ୟଙ୍କ ଯୋଗାଯୋଗ ନମ୍ବର ବିଏମ୍‌ସି ଓ bhubaneswar.me ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ଲୋକେ ସଚେତକଙ୍କ ସହ କଥା ହୁଅନ୍ତୁ, ନଚେତ୍ ବିଏମ୍‌ସି ଜାରି କରିଥିବା ଟୋଲ୍‌ଫ୍ରି ନଂ.୧୯୨୯ରେ ଯୋଗାଯୋଗ କରନ୍ତୁ। ଏହି ନମ୍ବର ସହ ରହିଥିବା ୨ଜଣ କ୍ଲିନିକାଲ ସାଇକୋଲୋଜିଷ୍ଟ ଓ ଜଣେ ସୋସିଆଲ ୱାର୍କର ଲୋକଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବେ। ସେହିପରି ବର୍ତ୍ତମାନ ବିଏମ୍‌ସି ଅଞ୍ଚଳରେ ୧୬୭ଜଣ ଲୋକ ହୋମ୍ ଆଇସୋଲେଶନରେ ଥିବାବେଳେ ସେଥିମଧ୍ୟରୁ ୪୬ଜଣ ସୁସ୍ଥ ହୋଇଛନ୍ତି। ଲୋକେ ବାହାରକୁ ବାହାରି ଭିଡ଼ କରନ୍ତୁ ନାହିଁ। ଅସୁବିଧା ଥିଲେ ବିଏମ୍‌ସିକୁ ଜଣାଇବାକୁ ଗର୍ଗ ପରାମର୍ଶ ଦେଇଛନ୍ତି।



ଜୁଆ ଆଡ୍ଡାରୁ ଗିରଫ ହୋଇଥିବା ୪ ଅଭିଯୁକ୍ତ।



ଜବତ ଟଙ୍କା, ମୋବାଇଲ ଏବଂ ତାସ୍।

# ଚଢ଼ାଉବେଳେ ପୋଲିସକୁ ଆକ୍ରମଣ

କାକଟପୁର,୨୫।୭(ଡି.ଏନ୍.ଏ)

- ବନ୍ଧୁକ, ମୋବାଇଲ୍ ଛଡ଼ାଇ ନେଲେ
- ୪ ଜୁଆଡ଼ି ଗିରଫ, ଟଙ୍କା ଓ ୮ ମୋବାଇଲ ଜବତ

କାକଟପୁର ଥାନା ଅନ୍ତର୍ଗତ ଭଣ୍ଡିସାହିରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କୁ ଥାନାକୁ ନେବାବେଳେ ସେମାନଙ୍କ ସମ୍ପର୍କୀୟମାନେ ପୋଲିସ ଉପରେ ଆକ୍ରମଣ କରିଛନ୍ତି। ଏଥିରେ ୨ଜଣ କର୍ମଚାରୀ ଆହତ ହୋଇଥିବାବେଳେ ଆକ୍ରମଣକାରୀମାନେ ପୋଲିସଙ୍କ ବନ୍ଧୁକ ଓ ମୋବାଇଲ ଛଡ଼ାଇ ନେଇଯାଇଛନ୍ତି। ଏ ନେଇ ପୋଲିସ ନଂ.୧୪୧/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭଣ୍ଡିସାହିର ଏକ ପରିତ୍ୟକ୍ତ ଗୁହାଳ ଘରେ ଗତ କିଛିଦିନ ହେବ ବଡ଼ଧରଣର ଜୁଆଆଡ୍ଡା ଚାଲିଥିବା ପୋଲିସ ଜାଣିବାକୁ ପାଇଥିଲା। ଏ ନେଇ କାକଟପୁର ଆଇଆଇସି ସୁଜିତ କୁମାର ଦାସ ଏକ ୧୨ଜଣିଆ ଟିମ କରି ଶୁକ୍ରବାର ରାତି ପ୍ରାୟ ୧୨ଟାବେଳେ ଚଢ଼ାଉ କରିଥିଲେ। ଏଥିରେ ଜୁଆଡ଼ିମାନେ ଛତ୍ରଭଙ୍ଗ ହୋଇଯିବାରୁ ପୋଲିସ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ସେମାନେ ହେଲେ ଏହି ସାହିର ନରେଶ ସ୍ୱାଇଁ, କୃଷ୍ଣ ବେହେରା, ସମୀର ଲେଙ୍କା ଓ ଦୀପକ ସ୍ୱାଇଁ। ପୋଲିସ ଆଡ୍ଡାସ୍ଥଳରୁ ନଗଦ ୧୨ହଜାର ୩୦୦ଟଙ୍କା, ୮ ମୋବାଇଲ ଫୋନ ସହ ତାସ୍ ଜବତ କରିଛି। ଗିରଫ ୪ ବ୍ୟକ୍ତିଙ୍କୁ ପୋଲିସ ଥାନାକୁ ନେବାବେଳେ ଅଭିଯୁକ୍ତଙ୍କ କେତେଜଣ ସମ୍ପର୍କୀୟ ପୋଲିସ ଗାଡ଼ିକୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଫଳରେ ପୋଲିସ ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆକ୍ରମଣକାରୀମାନେ ଏଏସ୍‌ଆଇ ସୂର୍ଯ୍ୟମଣି ମାଝି, ହୋମଗାର୍ଡ ପ୍ରମୋଦ କାଣ୍ଡିଙ୍କୁ ଆହତ କରି ବନ୍ଧୁକ ଓ ମୋବାଇଲ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ। ଖବରପାଇ ଶୁକ୍ରବାର ପୁରୀ ଏସ୍‌ପି ଅଖିଳେଶ୍ୱର ସିଂ, ନିମାପଡ଼ା ଏସ୍‌ଡିପିଓ ପ୍ରଦୀପ୍ତ କୁମାର ଦଳେଇ କାକଟପୁର ଥାନାରେ ପହଞ୍ଚି ଘଟଣାର ଅନୁଧ୍ୟାନ କରିବା ସହ ଫେରାର ଥିବା ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ସୂଚନା ଦେଇଛନ୍ତି।

### ଗର୍ଭବତୀ ସ୍ତ୍ରୀଙ୍କୁ ହାତୁଡ଼ିରେ ପିଟି ହତ୍ୟା ମାମଲା

## ହାତ ଖର୍ଚ୍ଚକୁ ନେଇ ହୋଇଥିଲା ଝଗଡ଼ା

ଭୁବନେଶ୍ୱର,୨୫।୭ (ବ୍ୟୁରୋ)

ପାରିବାରିକ କଳହକୁ କେନ୍ଦ୍ରକରି ୪ମାସର ଗର୍ଭବତୀ ସ୍ତ୍ରୀ ଶକୁନ୍ତଳା ମାଝି(୨୫)ଙ୍କୁ ହାତୁଡ଼ିରେ ପିଟି ହତ୍ୟା କରିବା ଅଭିଯୋଗରେ ସ୍ୱାମୀ ମୁରଲୀଧର ବେହେରାଙ୍କୁ ପୋଲିସ ଶନିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପ୍ରାଥମିକ ତଦନ୍ତରୁ ମାତ୍ର କେଇଟା ହାତଖର୍ଚ୍ଚ ଟଙ୍କାକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତଙ୍କ ବୟାନ ଆଧାରରେ ହତ୍ୟାରେ ବ୍ୟବହୃତ ହାତୁଡ଼ିକୁ ଜବତ କରିବାସହ ଉକ୍ତ ଘରକୁ ସିଲ୍ କରିଛି। ପ୍ରକାଶ ଯେ, ଏୟାରପୋର୍ଟ ଥାନା କାରଗିଲ ବସ୍ତିରେ ରହୁଥିବା ମୁରଲୀଧରଙ୍କ ସ୍ତ୍ରୀ ଶକୁନ୍ତଳା ୧୦ ଦିନ ହେବ ବାପ ଘରକୁ ବୁଲିବାକୁ ଯାଇଥିଲେ। ମୁରଲୀଧର ତାଙ୍କୁ ହାତ ଖର୍ଚ୍ଚ କରିବାକୁ କିଛି ଟଙ୍କା ଦେଇଥିଲେ। ଶକୁନ୍ତଳା ବାପ ଘରୁ ଆସିବା ପରେ ସବୁ ଠିକ୍‌ଠାକ୍ ଥିଲା। ହେଲେ ହଠାତ୍ ଶୁକ୍ରବାର ରାତି ୮ଟାରେ ସ୍ୱାମୀ ମୁରଲୀଧର ଦେଇଥିବା ଟଙ୍କାର ହିସାବ ମାଗିଥିଲେ। ଶକୁନ୍ତଳା ମନ ନ ଥିବା କହିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତକ୍ଷିପ୍ତ ହୋଇ ମୁରଲୀଧର ସ୍ତ୍ରୀ ଶକୁନ୍ତଳାଙ୍କୁ ଏକ ଲୁହା ହାତୁଡି ଧରି ଶକୁନ୍ତଳାଙ୍କ ମୁଣ୍ଡକୁ ୪ଥର ପିଟି ଦେଇଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ଶକୁନ୍ତଳାଙ୍କ ଭାଇ ସୁକାନ୍ତ ମାଝିଙ୍କ ଅଭିଯୋଗ ପରେ ପୋଲିସ କେସ୍ ନଂ.୧୩୩/୨୦ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମୁରଲୀଧରଙ୍କୁ ଗିରଫ କରିଥିଲା।

OFFICE OF THE
NOTIFIED AREA COUNCIL, BIJEPUR
At/P.O./P.S.- Bijepur, Dist.- Bargarh, PIN - 768032 (Odisha)
E-mail ID: bijepurnac2018@gmail.com
No. 754 Dt.24.07.2020
"e" Procurement Notice
Bid Identification No. EO/Bijepur/01/2020-21
Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.
1. Nature of Work : Civil Work
2. No. of Works : 08 Nos.
3. Estimated Cost : As per NIT
4. Period of Completion : As per NIT
5. Date and time of availability of the documents in the portal : From 10 hours of 27.07.2020 to 17 hours of 10.08.2020
6. Last date/time for receipt of bids in the portal : Dt.10.08.2020 upto 17 hours
7. Bids received online shall be opened on : Dt.12.08.2020 at 11 hours
8. Name and address of the Officer Inviting Bid : Executive Officer, NAC, Bijepur
Further the details can be seen from the procurement portal www.tendersodisha.gov.in.
Sd./- Executive Officer, NAC, Bijepur

# ସରକାରୀ ଜମିକୁ ନେଇ ସଂଘର୍ଷ: ୧ ମୃତ, ୬ ଆହତ

ଖୁଣ୍ଟୁଣୀ,୨୫।୭(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଏକ ସରକାରୀ ଜମିକୁ ଦଖଲ କରିବାକୁ ନେଇ ଧୁରୁଷିଆ ଗ୍ରାମରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟି ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଗ୍ରାମର ଗୟାଧର ରାଉତ(୪୮)। ଏହି ଘଟଣାରେ ଅନ୍ୟ ୬ଜଣ ଆହତ ହୋଇ ବ୍ରହ୍ମପୁର ଓ ଆଠଗଡ଼ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ୫ଜଣଙ୍କୁ ଅଟକରଖି ପଚରାଉଚରା କରାଯାଉଥିବା ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ କହିଛନ୍ତି। ସୂଚନା ମୁତାବକ, ଧୁରୁଷିଆ ଗ୍ରାମର ହନୁମାନ ମନ୍ଦିର ନିକଟରେ ଏକ ସରକାରୀ ଜମିକୁ ନେଇ ସେହି ଗ୍ରାମର ଶରତ ସାହୁ ଓ ଗୟାଧର ସାହୁଙ୍କ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା। ତେବେ ଶୁକ୍ରବାର ରାତି ପ୍ରାୟ ୯ଟାରେ ଶରତଙ୍କ ପରିବାର ଉକ୍ତ ଜାଗାରେ ସିମେଣ୍ଟ ପିଲର ପୋତିଥିଲେ। ଏହା ଗୟାଧର ଜାଣିପାରି ସେଠାକୁ ଯାଇ ବିରୋଧ କରିଥିଲେ। ଏଥିରେ ଶରତ ଗାଳିଗୁଲଜ କରିବା ସହ ତାଙ୍କ ପରିବାର ପକ୍ଷରୁ ୨୦ରୁ ଊର୍ଦ୍ଧ୍ୱ ଲୋକେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଗୟାଧରଙ୍କ ମୃତ୍ୟୁ ହୋଇଯାଇ ଥିବାବେଳେ ୬ଜଣ ଆହତ ହୋଇଥିଲେ।

# ସିବିଏସ୍‌ଇ ଦଶମ ପରୀକ୍ଷାରେ ହେମଲତାର ଉତ୍କର୍ଷ



ଭୁବନେଶ୍ୱର,୨୫।୭(ବ୍ୟୁରୋ)

ପୁରୀସ୍ଥିତ ଘନଶ୍ୟାମ ହେମଲତା ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ନିକଟରେ ପ୍ରକାଶିତ ସିବିଏସ୍‌ଇ ଦଶମ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଦଶମପରୀକ୍ଷା ଦେଇଥିବା ୯୯ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯୮ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ଲଗାତର ଭାବରେ ପଞ୍ଚମଥର ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶତପ୍ରତିଶତ ପାସ୍ କରି ରେକର୍ଡ ସୃଷ୍ଟି କରିଛନ୍ତି। ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ମଧ୍ୟ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ପରୀକ୍ଷା ଦେଇଥିବା ୩୩ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧ଜଣ ୯୦%ରୁ ଅଧିକ ମାର୍କ ରଖିଥିବାବେଳେ ୧୬ଜଣ ୮୦% ଓ ୬ଜଣ ୭୦%ରୁ ଅଧିକ ମାର୍କ ରଖି ଉର୍ତ୍ତୀର୍ଣ୍ଣ ହୋଇଛନ୍ତି।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଆଅଛି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

ଜାତୀୟ ପୁରସ୍କାର ବିଜେତା
Sri Ram Finance
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ -
ମାର୍କସିଟ, ଆଧାରକାର୍ଡ, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
ଅନ୍‌ଲାଇନ୍ ବ୍ୟାଙ୍କିଙ୍ଗ୍ ଓ ସରଳ କିସ୍ତିରେ
2% ସୁଧ ଏବଂ 50% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
DELHI CHANDNI CHOWK
8295835122

ପାର୍ଟ ଟାଇମ୍ କାମ
ଟେଲିକମ୍ 4ଜି କମ୍ପାନୀରେ (ଏସ୍‌ଏମ୍‌ଏସ୍-କାମ) କରି, ପୁଅ, ଝିଅ, ଗୃହିଣୀମାନେ ଘରେ ବସି ମାସିକ 15,000-45,000 ରୋଜଗାର କରନ୍ତୁ ।
ଲାପଟପ୍ + ମୋବାଇଲ ମାଗଣା
ଏସ୍‌ଏମ୍‌ଏସ୍/କଲ୍ କିମ୍ବା ହ୍ୱାଟ୍ସଆପ୍ କରନ୍ତୁ
ମୋବାଇଲ + ଲାପଟପ୍ ମାଗଣା
07044895450
07044895402

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିମାନ ଭଡ଼ା: ନଭେମ୍ବର ୨୪ ଯାଏ କଟକଣା

**ନୂଆଦିଲ୍ଲୀ,୨୫।୭:** ଦେଶ ମଧ୍ୟରେ ବିମାନଯାତ୍ରା ଲାଗି ସରକାର ଭଡ଼ା ଉପରେ ନଭେମ୍ବର ୨୪ ଯାଏ କଟକଣା ଲଗାଇଛନ୍ତି। ବିମାନ ଭଡା ସର୍ବନିମ୍ନ ୨000 ଟଙ୍କାରୁ ୬,୫00 ଟଙ୍କା ମଧ୍ୟରେ ଲାଗୁ ହେବ ବୋଲି ଜଣାପଡିଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଏଭଳି ସୂଚନା ଦିଆଯାଇଛି। କରୋନା ଯୋଗୁ ମେ ମାସଠାରୁ ସରକାର ବିମାନ ଭଡା ଉପରେ ଏଭଳି ସୀମା ଲଗାଇଛନ୍ତି। ଲକ୍‌ଡାଉନ ପାଇଁ ବନ୍ଦ ରହିଥିବା ବିମାନ ସେବା ମେ ମାସ ୨୫ ଠାରୁ ପୁଣି ଥରେ ଆରମ୍ଭ କରାଯାଇଛି। ଅପରପକ୍ଷରେ କୋଲକାତାରେ କରୋନା କଟକଣା ଯୋଗୁ ଚଳିତ ମାସ ୨୫ରୁ ୨୯ ତାରିଖ ଯାଏ ସେଠାକାର ବିମାନ ବନ୍ଦରକୁ କୌଣସି ଫ୍ଲାଇଟ ଉଡ଼ାଣ କରିବ ନାହିଁ।

### ସାମ୍‌ସଙ୍ଗର ନୂଆ ସାଉଣ୍ଡ ଡିଭାଇସ

**ଭୁବନେଶ୍ୱର,୨୫।୭:** ସାମସଙ୍ଗ ପକ୍ଷରୁ ନୂତନ ପାର୍ଟି ସ୍ପିକର ସାଉଣ୍ଡ ଟାୱାର ଓ ପ୍ରିମିୟମ ସାଉଣ୍ଡବାର ସହ କମ୍ପାନୀର ୨୦୨୦ ସାଉଣ୍ଡ ଡିଭାଇସ ସିରିଜର ଶୁଭାରମ୍ଭ କରାଯାଇଛି। ଏହି ଡିଭାଇସଗୁଡିକରେ ବର୍ଦ୍ଧିତ ସାଉଣ୍ଡ ଅନୁଭବ ପାଇଁ ବିଶ୍ୱର ପ୍ରଥମ ଆଟମ୍‌ସ ଟେକ୍ନୋଲୋଜି ବ୍ୟବହାର ହୋଇଛି। ଡିଭାଇସ ଗୁଡିକ କାଲିଫର୍ଣ୍ଣିଆର ଭାଲେନସିଆ ସ୍ଥିତ ସାମସଙ୍ଗ୍ ଅଡିଓ ଲ୍ୟାବରେ ଟ୍ୟୁନ କରାଯାଇଛି। ସାଉଣ୍ଡ ଟାୱାର ଗୁଡିକରେ ସ୍ୱଚ୍ଛ ସାଉଣ୍ଡ କ୍ୱାଲିଟି ସହ ୧୫00 ୱାଟ ଆଉଟପୁଟ,ବିଲ୍ଟ ଇନ ଉଫର ଓ ବାଇ ଡାଇରେକ୍ସନାଲ ସାଉଣ୍ଡ ଡାଇନାମିକ ବାସ୍, ଡିଜେ ଇଫେକ୍ଟ, କାରିଓକେ ଓ ଏଲିଡି ପାର୍ଟି ନାଇଟ ଭଳି ସବୁ ବିଭିନ୍ନ ସୁବିଧା ରହିଛି। ପ୍ରିମିୟମ କ୍ୟୁ ସିରିଜର ସାଉଣ୍ଡବାରରେ ସାମ୍‌ସଙ୍ଗ ସିଗନେଚର କ୍ୟୁ ସିମ୍ଫୋନି ଟେକ୍ନୋଲୋଜିର ବ୍ୟବହାର କରାଯାଇଛି। ମଡେଲ୍‌ଗୁଡ଼ିକ ଉପରେ ଆଇସିଆଇସିଆଇ ଓ ଫେଡରାଲ ବ୍ୟାଙ୍କର କାର୍ଡ ଉପରେ ୧୦% ପର୍ଯ୍ୟନ୍ତ କ୍ୟାଶବ୍ୟାକ ରିହାତି ସହ ୧୨ମାସର ୱାରେଣ୍ଟି ପାଇ ପାରିବେ ବୋଲି ସାମସଙ୍ଗ ଇଣ୍ଡିଆର ଉପଭୋକ୍ତା ଇଲେକ୍‌ଟ୍ରୋନିକ୍ସ ବିଜନେସ ବିଭାଗର ବରିଷ୍ଠ ଉପାଧ୍ୟକ୍ଷ ରାଜୁ ପୁଲାନ ସୂଚନା ଦେଇଛନ୍ତି।

# ଦର ବୃଦ୍ଧି ଚିନ୍ତାରେ ସୁନା ଶିଳ୍ପ

**ନୂଆଦିଲ୍ଲୀ,୨୫।୭**



- ଚାହିଦାକୁ କ୍ଷତିଗ୍ରସ୍ତ କରିପାରେ
- ସର୍ବକାଳୀନ ରେକର୍ଡ ସ୍ତରରେ ଦର

ଭାରତୀୟ ଅର୍ଥ ବ୍ୟବସ୍ଥା ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ କରୋନା ଏହାର ଅଣ୍ଟାକୁ ଭାଙ୍ଗି ଦେଇଛି। ଏହି ସମୟରେ ସୁନା ଦର ଲଗାତର ଭାବେ ବଢୁଥିବା ନଜରକୁ ଆସିଛି। ଏଭଳି ଲଗାତର ସୁନା ଦର ବଢ଼ି ଚାଲିଲେ ଏହା ଶିଳ୍ପ ଉପରେ ଗଭୀର ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସୁନା ମୂଲ୍ୟ ବଢିବା ଯୋଗୁ ଏହା ଉପଭୋକ୍ତା ଚାହିଦା ଉପରେ ପ୍ରଭାବ ପକାଇବା ଆଶଙ୍କା କରାଯାଉଛି। କୋଭିଡ୍ ଭଳି ସ୍ଥିତିରେ ସୁନା ବର୍ତ୍ତମାନ ନୂଆ ରେକର୍ଡ ସ୍ତରରେ ରହିଛି। ଶୁକ୍ରବାର ମୁମ୍ବାଇରେ ସୁନା ୫୦,୯୧୯ ଟଙ୍କା ଛୁଇଁଥିବା ବେଳେ ନୂଆଦିଲ୍ଲୀରେ ୫୧,୯୪୬ ଟଙ୍କା ରହିଥିଲା। ସର୍ବଭାରତୀୟ ରତ୍ନ ଏବଂ ଆଭୂଷଣ ପରିଷଦର ଅଧ୍ୟକ୍ଷ ଅନନ୍ତ ପଦ୍ମନାଭନ କହିଛନ୍ତି ଯେ, ଚାହିଦା ପୂର୍ବରୁ ପ୍ରଭାବିତ ହୋଇ ରହିଛି। ଆର୍ଥିକ ମାନ୍ଦାବସ୍ଥା, ରୋଜଗାରକୁ ନେଇ ଅନିଶ୍ଚିତତା, ବର୍ତ୍ତମାନର ଲକ୍‌ଡାଉନ ଏବଂ କୋଭିଡ୍ ପାଇଁ ସାମାଜିକ ଦୂରତା ଯୋଗୁ ୨୦ରୁ ୨୫% କାରବାର କରି ହେଉଛି।

ବିଶ୍ୱ ବଜାରରେ ସୁନା ୯ ବର୍ଷର ସର୍ବୋଚ୍ଚ ସ୍ତର ୧୯୦୦ ଡଲାର ରହିଛି। ବର୍ତ୍ତମାନ ସୋସିଆଲ ଡିଷ୍ଟାନ୍ସ ଯୋଗୁ ବାହାଘର ବହୁ କମ୍ ଲୋକଙ୍କୁ ନେଇ ହେଉଛି। ଫଳରେ ଲୋକମାନେ ବଡ ଆୟୋଜନ ସହ ବାହାଘର କରୁନାହାନ୍ତି।

### ୬୫ ହଜାର ସ୍ତର ଛୁଇଁପାରେ

କୋଭିଡ୍ ଯୋଗୁ ସୁନା ବଜାର କ୍ଷତିଗ୍ରସ୍ତ ହୋଇଛି। କମ୍ ମୂଲ୍ୟର ପ୍ରଡକ୍ଟ ଉପରେ ଗ୍ରାହକ ଏବେ ଫୋକସ କରୁଛନ୍ତି। ସୁନା ବର୍ତ୍ତମାନ ନିବେଶର ବିକଳ୍ପ ହୋଇଛି। ଆଗାମୀ ୧୨ ମାସରେ ସୁନା ଆହୁରି ବଢ଼ିବା ନେଇ ଶିଳ୍ପ ସହ ଜଡିତ ଜଣେ ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଆଗାମୀ ଗୋଟିଏ ବର୍ଷରେ ସୁନା ୧୦ ଗ୍ରାମ ପିଛା ୬୫ ହଜାର ଟଙ୍କା ଛୁଇଁପାରେ ବୋଲି ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଏହା ୨୫୦୦ ଡଲାର ଛୁଇଁପାରେ ବୋଲି ଆକଳନରେ କୁହାଯାଇଛି।

# ପେନ୍‌ସନ ଦେବାକୁ ରେଲୱେର ଅର୍ଥ ନାହିଁ

**ନୂଆଦିଲ୍ଲୀ,୨୫।୭**



କରୋନା ଯୋଗୁ ଦେଶରେ ରେଳ ଚଳାଚଳ ପ୍ରଭାବିତ ହୋଇ ରହିଛି। ଦେଶ ମଧ୍ୟରେ ଜରୁରୀ ଭିତ୍ତିରେ ମାତ୍ର କିଛି ଟ୍ରେନ ଚାଲୁଛି। ଏଥିଯୋଗୁ ରେଲୱେର ରାଜସ୍ୱ କ୍ଷତିଗ୍ରସ୍ତ ହୋଇଛି। ଏହାର ପୂର୍ବତନ କର୍ମଚାରୀ ଏବଂ ଅଧିକାରୀଙ୍କୁ ପେନ୍‌ସନ ଦେବାକୁ ରେଲୱେ ନିକଟରେ ଅର୍ଥାଭାବ ଦେଖାଦେଇ ଥିବା ଏକ ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଚଳିତ ଆର୍ଥିକ ବର୍ଷରେ ପୂର୍ବତନ କର୍ମଚାରୀ ଯେଭଳି ଭାବେ ପେନ୍‌ସନ ପାଇବାରେ କୌଣସି ସମସ୍ୟା ସାମ୍ନା ନ କରନ୍ତି ତାକୁ ଧ୍ୟାନରେ ରଖି ରେଳ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟକୁ ଚିଠି ଲେଖିଥିବା କୁହାଯାଉଛି। ଚଳିତ ବର୍ଷ ପେନ୍‌ସନ ବାବଦ ରେଲୱେକୁ ୫୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ରେଲୱେର ମୋଟ ୧୫ ଲକ୍ଷ ପେନ୍‌ସନଧାରୀ ଅଛନ୍ତି। ଏହାବାଦ ରେଲୱେର ଭିତ୍ତିଭୂମି ଫଣ୍ଡିଂ ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ରିପୋର୍ଟରେ ଆଶଙ୍କା କରାଯାଇଛି। ମିଡିଆ ରିପୋର୍ଟ ମୁତାବକ ଗତ ଆର୍ଥିକ ବର୍ଷ ମଧ୍ୟ ପେନ୍‌ସନ ପ୍ରଦାନ ଲାଗି ଏହାର ପେନ୍‌ସନ ପାଣ୍ଠିକୁ ସମ୍ପୂର୍ଣ୍ଣ ଅର୍ଥ ମିଳି ପାରି ନ ଥିଲା। ଫଳରେ ଏହି ପାଣ୍ଠିରେ ଏହି ପାଣ୍ଠିରେ ୨୮ ହଜାର କୋଟି ଟଙ୍କାର ନେଗେଟିଭ କ୍ଲୋଜିଂ ବାଲାନ୍ସ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି।

# କନ୍ଧାଇପାରେ ଦରଦାମ ବୃଦ୍ଧି

**ନୂଆଦିଲ୍ଲୀ,୨୫।୭**

କରୋନା ପାଇଁ ଲାଗୁ ହୋଇଥିବା କଟକଣା ଧୀରେ ଧୀରେ କୋହଳ ହେଉଛି। ହେଲେ ଦେଶର କଳକାରଖାନାଗୁଡ଼ିକରେ ଉତ୍ପାଦନ ହେଉକି କରୋନା ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ସମଗ୍ର ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଟ୍ରାକ୍‌କୁ ଫେରିପାରିନାହିଁ। ଏଭଳି ସ୍ଥିତିରେ ଚାହିଦା ମଧ୍ୟ କ୍ଷତିଗ୍ରସ୍ତ ସ୍ଥିତିରେ ରହିଛି। ଦୈନନ୍ଦିନ ବ୍ୟବହାରରେ ଆସୁଥିବା ସାମଗ୍ରୀ ଦର ବୃଦ୍ଧି ହେବା ନେଇ ଆଶଙ୍କା କରାଯାଇଛି। ଏଭଳି ସ୍ଥିତି ଆସିଲେ ଏହା ଲୋକଙ୍କର ଚିନ୍ତାକୁ ବଢ଼ାଇପାରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଖୁଚୁରା ମୁଦ୍ରାସ୍ଫୀତି ୭%ରୁ ଅଧିକ ହୋଇପାରେ। ଜୁନ ୨୦୨୦ରେ ଉପଭୋକ୍ତା ମୂଲ୍ୟସୂଚୀ ଆଧାରିତ ମୁଦ୍ରାସ୍ଫୀତି ୬.୦୯% ସ୍ତରରେ ରହିଛି। ଖୁବ୍ ସ୍ୱଳ୍ପ ଡାଟାକୁ ନେଇ ଏଭଳି ଆକଳନ କରାଯାଇଥିବା ନିକଟରେ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଦେଶର କଳକାରଖାନାଗୁଡିକ ବର୍ତ୍ତମାନ ଅଧା କ୍ଷମତା ସହ ଚାଲୁଛି। ଚଳିତ ଆର୍ଥିକ ବର୍ଷରେ ଜିଡିପି ୯.୫% ଖସିପାରେ ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

### ମାସ୍କ ଇନୋଭେସନରେ ବେଲ୍‌ଜିୟମ ଆଗରେ



**ନୂଆଦିଲ୍ଲୀ,୨୫।୭**

କରୋନା ସମୟରେ ମାସ୍କ ଲଗାଇବା ଜରୁରୀ ହୋଇପଡିଛି। ଏଭଳି ସ୍ଥିତିରେ ମାସ୍କ ଇନୋଭେଶନ କଥା ବିଚାରକୁ ନେଲେ ବେଲଜିୟମ ଆଗରେ ରହିଛି। ବେଲଜିୟମର ଡିଜାଇନରମାନେ ମେଡିକାଲ ମାସ୍କକୁ ଚିକ୍ ଆସେସୋରିଜରେ ରୂପାନ୍ତରିତ କରି ଦେଇଥିବା ଜଣାପଡିଛି। ଡି ବ୍ଲୁଷ୍ଟ ବର୍ତ୍ତମାନ ସୁଦ୍ଧା ଏଭଳି ୧୫୦୦ ମାସ୍କ ପ୍ରସ୍ତୁତ କରି ସାରିଲେଣି। ଏହି ମାସ୍କଗୁଡିକର ଦାମ୍ ୧୬୦ ୟୁରୋ ବିକ୍ରି ହେଉଛି। ସେହିଭଳି ଲକ୍‌ଜରି ମାସ୍କଗୁଡିକ ୧୮୫ ଡଲାର ବା ଭାରତୀୟ ମୁଦ୍ରାରେ ୧୩୦୦୦ ଟଙ୍କାରେ ମଧ୍ୟ ଉପଲବ୍ଧ ରହିଛି। ସେହିଭଳି ଫ୍ୟାଶନେବଲ ମାସ୍କର ଆରମ୍ଭ ମୂଲ୍ୟ ୭୫ ଡଲାର ରହିଛି।

# ଇନ୍‌ଫୋସିସ୍ ସହ-ପ୍ରତିଷ୍ଠାତାଙ୍କ ପରିବାର ବିକିଲେ ୮୫ ଲକ୍ଷ ଶେୟାର

**ବାଙ୍ଗାଲୋର,୨୫।୭**

ଇନ୍‌ଫୋସିସ୍ ସହ-ପ୍ରତିଷ୍ଠାତା ଏସ୍.ଡି. ଶିବୁଲାଲଙ୍କ ପରିବାର ସଦସ୍ୟ କମ୍ପାନୀରେ ଥିବା ସେମାନଙ୍କ ମୋଟ ଶେୟାର ମଧ୍ୟରୁ ୮୫ ଲକ୍ଷ ଶେୟାର ବିକ୍ରି କରିଦେଇଛନ୍ତି। ଚଳିତ ମାସ ୨୨ରୁ ୨୪ ତାରିଖ ମଧ୍ୟରେ ଏହି ପ୍ରକ୍ରିୟା ଶେଷ ହୋଇଥିବା ରେଗୁଲେଟୋରି ଫାଇଲିଂରୁ ସାମ୍ନାକୁ ଆସିଛି। ଶିବୁ ଲାଲଙ୍କର ପୁଅ ଶ୍ରେୟସ ୪୦ ଲକ୍ଷ ଶେୟାର ବିକ୍ରି କରିଥିବା ବେଳେ ଝିଆଁ ଗୌରବ ମନଚନ୍ଦା ୧୮ ଲକ୍ଷ ଶେୟାର, ନାତି ମିଲନ ୧୫ ଲକ୍ଷ ଶେୟାର ଖସାଇ ଦେଇଥିବା ଜଣାପଡ଼ିଛି। ଶିବୁଲାଲଙ୍କ ପୁଅ ଶ୍ରେୟସ ପୂର୍ବରୁ ଇନ୍‌ଫୋସିସ୍‌ରେ ୦.୬୬% ଶେୟାର ହାସଲ କରିଥିବା ବେଳେ ଏହା ବର୍ତ୍ତମାନ ୦.୫୬%କୁ ହ୍ରାସ ଘଟିଛି। ଏହାବାଦ୍ ଗୌରବଙ୍କ ନିକଟରେ ୦.୩୨% ଏବଂ ମିଲନଙ୍କ ନିକଟରେ ୦.୩୩% ଶେୟାର ରହିଛି। ଶିବୁଲାଲଙ୍କ ସ୍ତ୍ରୀ କୁମାରୀ ୧୨ ଲକ୍ଷ ଶେୟାର ବିକ୍ରି କରିବା ଫଳରେ କମ୍ପାନୀରେ ତାଙ୍କର ଶେୟାର ୦.୨୨%କୁ ଖସିଆସିଛି।

# ନିରନ୍ତର ବିଦ୍ୟୁତ ସେବା ଯୋଗାଣ ଉପରେ ଫୋକସ



**ଭୁବନେଶ୍ୱର,୨୫।୭**

କରୋନା ଯୋଗୁ ରାଜ୍ୟର ୪ ଜିଲା ଏବଂ ଗୋଟିଏ ମହାନଗର ନିଗମରେ ୧୪ ଦିନିଆ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଭଳି ଚ୍ୟାଲେଞ୍ଜିଂ ସମୟରେ ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ଲୋକଙ୍କୁ ୨୪ ଘଣ୍ଟିଆ ନିରନ୍ତର ବିଦ୍ୟୁତ୍ ସେବା ଯୋଗାଣ ଲାଗି ଯୋଜନା ହାତକୁ ନେଇଛି। ଶଟ୍‌ଡାଉନ ସ୍ଥିତିକୁ ଧ୍ୟାନରେ ରଖି କମ୍ପାନୀ ପକ୍ଷରୁ କ୍ରିଟିକାଲ ପର୍ସୋନେଲ ଏବଂ ଆବଶ୍ୟକ ଫାସିଲିଟି କରାଯାଇଥିବା ସୂଚନା ରହିଛି। ଲୋକଙ୍କୁ ବିଦ୍ୟୁତ୍ ସେବା ଯୋଗାଣ ଲାଗି କର୍ମଚାରୀ ନିରନ୍ତର ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ପରିଚାଳନା ଏବଂ ମେଣ୍ଟେନାନ୍ସ ଉପରେ ଫୋକସ କରାଯାଇଛି। ଲୋକଙ୍କୁ ସେବା ଯୋଗାଣ ଲାଗି କର୍ମଚାରୀ କରୋନା ଯୋଦ୍ଧା ଭାବେ କାମ କରୁଛନ୍ତି। ଭୁବନେଶ୍ୱରରେ ୨୩୪ ଟେକ୍ନିସିଆନ ଏବଂ ଇଞ୍ଜିନିୟର ରହିଛନ୍ତି।

# ୟୁଏସ୍‌ରେ ତେଲ ଭଣ୍ଡାର ସ୍ଥାପନ ନେଇ ପ୍ରଶ୍ନ ଉଠିଲା

**ନୂଆଦିଲ୍ଲୀ,୨୫।୭**

ନିର୍ଦ୍ଧାରିତ ଯୋଜନା ମୁତାବକ ଦେଶରେ ରଣନୈତିକ ତୈଳ ଭଣ୍ଡାର ସ୍ଥାପନ ନ ହେବାକୁ ନେଇ ପୂର୍ବତନ ପେଟ୍ରୋଲିୟମ ମନ୍ତ୍ରୀ ତଥା କଂଗ୍ରେସ ନେତା ଏମ୍.ବୀରପ୍ପା ମୋଇଲି କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ଏଭଳି ଯୋଜନା ହାତକୁ ନେଇ ଗଭୀର ହେଳା ପ୍ରଦର୍ଶନ କରିଥିବା ସେ କହିଛନ୍ତି। ଆମେରିକାରେ ତେଲ ଭଣ୍ଡାର ସ୍ଥାପନ ପ୍ରସ୍ତାବକୁ ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଗତ କିଛି ବର୍ଷ ହେବ ଅନ୍ତର୍ଜାତୀୟ ବଜାରରେ ତେଲ ଦର ନିମ୍ନରେ ରହିଛି। ହେଲେ କେନ୍ଦ୍ର ସରକାର ଦେଶରେ ଷ୍ଟ୍ରାଟେଜିକ ଅଏଲ ରିଜର୍ଭ ସ୍ଥାପନ ଦିଗରେ କୌଣସି ପଦକ୍ଷେପ ହାତକୁ ନେଲେ ନାହିଁ। ଫଳରେ ଭାରତ ଯେଉଁ ଭଳି ଲାଭ ଏହା ଦ୍ୱାରା ଉଠାଇଥାନ୍ତା ତାହା ହାତଛଡା କରିଲା।

## ରାଜ୍ୟ ଖବର

# ଗାଁ ଦାଣ୍ଡରେ ୯ଘଣ୍ଟା ପଡ଼ିରହିଲା ମୃତଦେହ

**ରାଜନଗର, ୨୫।୭ (ଡି.ଏନ.ଏ.)**

- ବ୍ୟକ୍ତିଗତ ରାସ୍ତା କହି ଅଟକାଇଲେ
- ପୋଲିସ, ମାଜିଷ୍ଟ୍ରେଟଙ୍କୁ ଠେଲାପେଲା

ଉନ୍ନତ ଚିକିତ୍ସା ନ ପାଇ ଆଖି ବୁଜିଥିବା ୭୦ ବର୍ଷର ବୃଦ୍ଧଙ୍କ ମୃତଦେହ ଗାଁ ଦାଣ୍ଡରେ ୯ଘଣ୍ଟା ପଡିରହିଲା। ବ୍ୟକ୍ତିଗତ ରାସ୍ତା କହି କେତେଜଣ ଲୋକ ମଶାଣିକୁ ଛାଡି ନ ଥିଲେ। ଏପରି କି ସମାଧାନ ପାଇଁ ପହଞ୍ଚିଥିବା ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ଠେଲାପେଲା କରିଥିଲେ। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ଶିରିଗଡ ଗାଁରେ ଶନିବାର ଘଟିଥିବା ଘଟଣା ଆଲୋଡନ ସୃଷ୍ଟି କରିଛି।

ଗ୍ରାମର ଶୁକଦେବ ସ୍ୱାଇଁ (୭୦) କିଛିଦିନ ତଳେ ବ୍ରେନଷ୍ଟ୍ରୋକର ଶିକାର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ କଟକ ନିଆଯାଇଥିଲା। ଅଧିକ ଅର୍ଥ ଆବଶ୍ୟକ ଥିବାବେଳେ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ୩ଦିନ ତଳେ ତାଙ୍କୁ ଘରକୁ ନେଇ ଆସିଥିଲେ। ଶନିବାର ସକାଳେ ତାଙ୍କର ମୃତ୍ୟୁ ଘଟିଥିଲା। ପୂର୍ବାହ୍ନ ପ୍ରାୟ ୯ ଘଟିକା ସମୟରେ ପରିବାର ଲୋକେ ମୃତଦେହ ଗାଁ ମଶାଣିକୁ ନେଉଥିଲେ। ଘରଠାରୁ ୨ଶହ ମିଟର ଯିବାପରେ ଗାଁ ଦାଣ୍ଡରେ ବାଉଁଶ ବାନ୍ଧି କିଛି ଲୋକ ଅଟକାଇଥିଲେ। ଏହି ରାସ୍ତା ଆମ ବ୍ୟକ୍ତିଗତ ଜାଗାରେ ତିଆରି ହୋଇଛି। ଏହି ବାଟ ଦେଇ ମୃତଦେହ ମଶାଣିକୁ ଯାଇପାରିବ ନାହିଁ କହି ଛାଡି ନ ଥିଲେ। ଖବରପାଇ ତହସିଲଦାର ଭୋଳାନାଥ ସେଠୀ, ରାଜନଗର ଥାନା ଆଇଆଇସି ତପନ କୁମାର ନାୟକ ପହଞ୍ଚି ଗାଁ ଦାଣ୍ଡରେ ଶବ ମଶାଣିକୁ ଯିବ ବୋଲି କହିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶବ ଅଟକାଇଥିବା ଲୋକେ ପୋଲିସ ଓ ମାଜିଷ୍ଟ୍ରେଟଙ୍କୁ ଠେଲାପେଲା କରିଥିଲେ। ଏପରି କି ଠେଙ୍ଗା, ବାଡି ଓ ଇଟା, ପଥର ଧରି ଗଣ୍ଡଗୋଳ କରିଥିଲେ। ଏସ୍‌ଡିପିଓ ରଞ୍ଜନ କୁମାର ଦେ ପହଞ୍ଚି ଗାଁର ମୁରବି, ସରପଞ୍ଚ କୁମର କୁମାର ସ୍ୱାଇଁ, ତହସିଲଦାର ଓ ପୋଲିସ ଉପସ୍ଥିତିରେ ଆଲୋଚନା କରିଥିଲେ। ଆପୋସ ସମାଧାନ ପରେ ମୃତଦେହ ସତ୍କାର ପାଇଁ ମଶାଣିକୁ ଯାଇଥିଲା।

# ଡାକ୍ତରଖାନା ଯିବାବେଳେ ମୃତ୍ୟୁ ଆସିଲା

**ବଲାଙ୍ଗୀର ଅଫିସ, ୨୫।୭**

- ଅସୁସ୍ଥ ମହିଳାଙ୍କ ଉପରେ ମାଡ଼ିଗଲା ମାଲବାହୀ ଟ୍ରକ୍
- ସ୍ୱାମୀ ଗୁରୁତର, ଟ୍ରକ୍ ଜବତ

ବଲାଙ୍ଗୀର ଟାଉନ୍ ଥାନା ଟ୍ରାଫିକ୍ ପୋଷ୍ଟ ନିକଟରେ ଶନିବାର ଜଣେ ମହିଳାଙ୍କ ଉପରେ ଏକ ମାଲବାହୀ ଟ୍ରକ୍ ମାଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମହିଳା ଜଣକ ବଲାଙ୍ଗୀର ସଦର ବ୍ଲକ ଚନ୍ଦନଭାଟି ଗ୍ରାମର ରଜନୀ ସାହୁ (୪୭)। ତାଙ୍କ ସ୍ୱାମୀ ସୌକୀ ସାହୁ ଗୁରୁତର ଆହତ ହେବା ପରେ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ରଜନୀ ଅସୁସ୍ଥ ଥିଲେ। ସେଥିପାଇଁ ସେ ସୌକୀଙ୍କ ମୋପେଡ୍‌ରେ ଗାଁରୁ ବଲାଙ୍ଗୀର ଡାକ୍ତରଖାନାକୁ ଆସୁଥିଲେ। ହେଲେ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ କଚେରୀ ଛକ ଟ୍ରାଫିକ୍ ପୋଷ୍ଟ ନିକଟରେ ଏକ ମାଲବାହୀ ଟ୍ରକ୍ ତାଙ୍କ ମୋପେଡ୍‌କୁ ପଛରୁ ଧକ୍କା ଦେଇଥିଲା। ଫଳରେ ରଜନୀ ରାସ୍ତା ଉପରେ ଓ ସୌକୀ ରାସ୍ତାକଡକୁ ଛିଟିକ ପଡିଥିଲେ। ଏହି ସମୟରେ ଦ୍ରୁତଗତିରେ ଥିବା ଟ୍ରକ୍‌ଟି ରଜନୀଙ୍କ ଉପରେ ମାଡି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଟ୍ରକ୍‌କୁ ଜବତ କରିଛି। ଶନିବାର ବଲାଙ୍ଗୀର ଶଟ୍‌ଡାଉନ୍ ଥିବାବେଳେ ସହର ଭିତରକୁ ମାଲବାହୀ ଟ୍ରକ୍‌ଟି କାହା ଅନୁମତିରେ ପ୍ରବେଶ କରିଥିଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମହିଳାଙ୍କୁ ରୋଜଗାର ଦେଉଛି ସବାଇଘାସ

**ରଞ୍ଜନ କୁମାର ପ୍ରଧାନ**
**ବାରିପଦା ଅଫିସ,୨୫।୭**


ମହିଳାମାନେ ସବାଇଘାସରେ ବିଭିନ୍ନ ଉପକରଣ ତିଆରି କରୁଛନ୍ତି।

- ରାଜ୍ୟ ବାହାରେ ବଢୁଛି ଆଦର
- ସ୍ୱୟଂ ସହାୟିକା ଗୋଷ୍ଠୀ ପାଲଟିଛି ପ୍ରେରଣା

ସବାଇ ଘାସରେ ପ୍ରସ୍ତୁତ ସୁନ୍ଦର ହସ୍ତକଳା ଓ ବିଭିନ୍ନ ଘରକରଣା ଜିନିଷର ଚାହିଦା ରହିଛି। ଫୁଲ ଚାଙ୍ଗୁଡ଼ି,ପାଛିଆ, ବ୍ୟାଗ୍ ସହିତ ବିଭିନ୍ନ ଉପକରଣ ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରୁଛି। ମୟୂରଭଞ୍ଜ ଜିଲାର ଅଧିକାଂଶ ମହିଳା ଏହାଦ୍ୱାରା ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ସେମାନେ ତିଆରି କରୁଥିବା ଉପକରଣ ରାଜ୍ୟର ବିଭିନ୍ନ ମେଳା ଓ ମହୋତ୍ସବରେ ବିକ୍ରି ହେଉଛି। ମୁମ୍ବାଇ, ଅହମ୍ମଦାବାଦ୍, ଦିଲ୍ଲୀ ଓ କୋଲକାତାର ବିଭିନ୍ନ ଷ୍ଟଲରେ ମଧ୍ୟ ଏହି ସାମଗ୍ରୀ ଉପଲବ୍ଧ ହୋଇପାରୁଛି।

ଜିଲାର ବିଭିନ୍ନ ସ୍ଥାନରେ ସବାଇ ଘାସ ଚାଷ କରାଯାଉଛି। ଅଧିକାଂଶ ଲୋକ ଏହି ଘାସରୁ ରଶି ତିଆରି କରି ବିକ୍ରି କରୁଛନ୍ତି। ହେଲେ ଆଉ କେତେକ ମହିଳା ଦୁଇ ପାଦ ଆଗେଇ ଏଥିରେ ଘରକରଣା ଜିନିଷ ତିଆରି କରୁଛନ୍ତି। ଏହାକୁ ଭଲ ଦାମରେ ବିକ୍ରି କରି ସେମାନେ ବେଶ୍ ଦି'ପଇସା ରୋଜଗାର କରୁଛନ୍ତି। ବାରିପଦା ବ୍ଲକ ବଡ଼ଯୋଡ଼ ପଞ୍ଚାୟତ ଗୁହାଳଡ଼ିହି ଗ୍ରାମ ସବାଇ ଉତ୍ପାଦନ କେନ୍ଦ୍ରର ମହିଳାମାନେ ବର୍ତ୍ତମାନ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ୨୦୧୧ରେ ମାତ୍ର ୧୧ ସଦସ୍ୟାଙ୍କୁ ଗଠିତ ହୋଇଥିବା ଏହି ଗ୍ରୁପ ବ୍ୟାଙ୍କ୍‌ରୁ କିଛି ଟଙ୍କା ଋଣ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ୨୦୧୩ରେ ଓରମାସ୍ ତାଙ୍କୁ ସହଯୋଗର ହାତ ବଢ଼ାଇବା ସହିତ ସେମାନେ ଉତ୍ପାଦନ କରୁଥିବା ବିଭିନ୍ନ ଜିନିଷକୁ ମାର୍କେଟିଂ କରିବାରେ ସହାୟକ ହୋଇଥିଲା। ସେହିଭଳି ଓରମାସ୍ ପକ୍ଷରୁ ମହିଳାମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଫଳରେ ମହିଳାମାନେ ବର୍ତ୍ତମାନ ମେଶିନ୍ ଓ ହାତରେ ବିଭିନ୍ନ ସାମଗ୍ରୀ ତିଆରି କରିବାରେ ପାରଙ୍ଗମ ହୋଇ ପାରିଛନ୍ତି। ଏହି ଗ୍ରୁପରେ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ୧୩ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ୬୧ ସଦସ୍ୟା ରହିଛନ୍ତି। ସେମାନଙ୍କର ମାସିକ ଆୟ ୫ରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ହେଉଛି। ଯେଉଁ ମାସରେ ଜିନିଷର ଚାହିଦା ରହୁଛି, ସେହି ମାସରେ ଆୟ ଅଧିକ ହେଉଛି। ଗ୍ରୁପର ସମ୍ପାଦକ ଉଷାରାଣୀ ନାୟକ କୁହନ୍ତି, ମହିଳାମାନେ ସକାଳ ୧୦ଟାରୁ ଘର କାମ ସାରି ବିଭିନ୍ନ ସାମଗ୍ରୀ ତିଆରି କରୁଛନ୍ତି। କିଛି ଘାସ ଚାଷ କରାଯାଉଥିବା ବେଳେ ଅବଶିଷ୍ଟ କିଣା ଯାଉଥିବା ସେ ପ୍ରକାଶ କରିଥିଲେ। ଜିଲାର ଉଦଳା, ବେତନଟୀ, କୁଳିଅଣା, ଶୁଳିଆପଦା ଆଦି ବ୍ଲକରେ ମଧ୍ୟ ଅନ୍ୟ ମହିଳାମାନେ ସବାଇ ଉତ୍ପାଦନ କେନ୍ଦ୍ର କରି ବିଭିନ୍ନ ଉପକରଣ ପ୍ରସ୍ତୁତ କରୁଛନ୍ତି। ଜିଲା ଓରମାସ୍‌ର ଡେପୁଟି ସିଇଓ ବିମାନ ମଲ୍ଲ କୁହନ୍ତି ୨୦୧୩ରେ ଉକ୍ତ କ୍ଲଷ୍ଟରକୁ ସହାୟତା ପ୍ରଦାନ କରାଯାଇଥିଲା। ମହିଳମାନଙ୍କୁ ଲୋନ୍ ଦିଆଯିବା ସହିତ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ସେମାନେ ସୁନ୍ଦର ଜିନିଷ ଉତ୍ପାଦନ କରିବା ସହ ଭଲ ରୋଜଗାର କରିପାରୁଛନ୍ତି। ଏହାଦ୍ୱାରା କେବଳ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇନାହାନ୍ତି ବରଂ ନିଜର ସ୍ୱତନ୍ତ୍ର ପରିଚୟ ମଧ୍ୟ ତିଆରି କରି ପାରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦେଲେ ହାଇକୋର୍ଟ

**କଟକ ଅଫିସ,୨୫।୭**

- ପୁରୁଣା ମାମଲାର ଶୁଣାଣି ପାଇଁ ବସିବ ସ୍ୱତନ୍ତ୍ର ବେଞ୍ଚ
- ନିୟୋଜିତ ହେବେ ସ୍ୱତନ୍ତ୍ର କୋର୍ଟ ମିତ୍ର
- ଅସୁସ୍ଥ, ୭୦% ଦଣ୍ଡ ଭୋଗିଥିବା କଏଦୀଙ୍କୁ ଅଗ୍ରାଧିକାର



ବହୁ ବର୍ଷ ହେଲା ବିଚାରାଧୀନ ଥିବା ମାମଲାର ଶୁଣାଣି ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୁପ୍ରିମ୍‌କୋର୍ଟ ମାଗିଥିବା 'ପ୍ଲାନ୍ ଅଫ୍ ଆକ୍ସନ୍'ର ଜବାବ ରଖିଛନ୍ତି ଓଡ଼ିଶା ହାଇକୋର୍ଟ। ସତ୍ୟପାଠରେ ହାଇକୋର୍ଟ ଦର୍ଶାଇଛନ୍ତି ଯେ ପୁରୁଣା ମାମଲାଗୁଡ଼ିକର ଶୁଣାଣି ପାଇଁ ସ୍ୱତନ୍ତ୍ର ବେଞ୍ଚ ସହ କୋର୍ଟମିତ୍ର (ଆମିକସ୍ କ୍ୟୁରି)ଙ୍କୁ ନିଯୁକ୍ତି, ଅସୁସ୍ଥ ଓ ୭୦ ପ୍ରତିଶତ ଦଣ୍ଡ ଭୋଗିଥିବା କଏଦୀଙ୍କ ଆବେଦନର ଶୁଣାଣିକୁ ଅଗ୍ରାଧିକାର ଦିଆଯାଉଛି।

ଉଲ୍ଲେଖଯୋଗ୍ୟ, ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରା ଆଜୀବନ କାରାଦଣ୍ଡ ପାଇଥିବା ଜଣେ ଅଭିଯୁକ୍ତ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଓ ଜଷ୍ଟିସ ରବିନ୍ଦ୍ର ଭଟ୍ଟଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି ବେଳେ ଦେଶର ବିଭିନ୍ନ ହାଇକୋର୍ଟରେ ବହୁ ବର୍ଷ ଧରି ବିଚାରାଧୀନ ଥିବା ହଜାର ହଜାର ମାମଲା ନେଇ ଚିନ୍ତା ପ୍ରକଟ କରିଥିଲେ। ଏହାସହ 'ପ୍ଲାନ୍ ଅଫ୍ ଆକ୍ସନ' ଦାଖଲ କରିବାକୁ ଓଡ଼ିଶା ସମେତ ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ପାଟନା, ବମ୍ବେ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ହାଇକୋର୍ଟ ପକ୍ଷରୁ ରେଜିଷ୍ଟ୍ରାର୍ ଜେନେରାଲ ମଳୟ ରଞ୍ଜନ ଦାଶ ସୁପ୍ରିମ୍‌କୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ନ୍ୟାଶନାଲ ଜୁଡିସିଆଲ ଡାଟା ଗ୍ରୀଡ୍ (ଏନ୍‌ଜେଡିଜି) ଅନୁଯାୟୀ ୩୦ ବର୍ଷରୁ ଅଧିକ ସମୟ ହେଲା ୮ଟି କ୍ରିମିନାଲ୍ ଅପିଲ ବିଚାରାଧୀନ ରହିଛି। ୨୦ରୁ ୩୦ ବର୍ଷ ଭିତରେ ୮୩୨ଟି ଆପରାଧିକ ମାମଲା ବିଚାରାଧୀନ ଅଛି। ସେଥିରୁ ୪୯୦ଟି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ଦିଆଯାଇଥିବା ବେଳେ ଅନ୍ୟ ମାମଲା ବିଭିନ୍ନ କାରଣ ପାଇଁ ବିଚାରାଧୀନ ରହିଛି। ୧୦ରୁ ୨୦ ବର୍ଷ ମଧ୍ୟରେ ୮୮୮୪ଟି ଆପରାଧିକ ମାମଲାର ବିଚାର ଚାଲିଛି। ସେଥିରୁ ୩୭୨୪ଟି ମାମଲା ପ୍ରଦତ୍ତ ଦଣ୍ଡ ବିରୋଧରେ ଆବେଦନ, ୧୧୧ଟି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ରାୟ ବିରୋଧରେ ଆବେଦନ ରହିଛି। ଉପରୋକ୍ତ ତଥ୍ୟର ବର୍ଗୀକରଣ ଅନୁଯାୟୀ, ୭ ହଜାର ୧୨୨ ଜଣ ଦଣ୍ଡ ପାଇଥିବା ଅଭିଯୁକ୍ତ ୧୦ ବର୍ଷ ହେଲା ସେମାନଙ୍କ ଆବେଦନର ଚୂଡ଼ାନ୍ତ ଶୁଣାଣି ପାଇଁ ଅପେକ୍ଷା କରିଛନ୍ତି। ସେହିଭଳି ୨୭୬୦ଟି ସିଙ୍ଗଲ୍ ବେଞ୍ଚ ଓ ଡିଭିଜନ୍ ବେଞ୍ଚରେ ୧୪୬୫ଟି କ୍ରିମିନାଲ୍ ଅପିଲ୍ ବିଚାରାଧୀନ ରହିଛି। ୧୦ ବର୍ଷର ପୁରୁଣା ୩୮୩୨ଟି କ୍ରିମିନାଲ୍ ଅପିଲ୍‌ରେ ଜାମିନ ଦିଆଯାଇଛି। ବିଚାରାଧୀନ ମାମଲାର ଶୁଣାଣି ପାଇଁ ମହାନିର୍ଦ୍ଦେଶକ (ଜେଲ୍), ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ସଚିବଙ୍କ ସହ ଆଲୋଚନାକରି ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। କ୍ରିମିନାଲ୍ ଅପିଲ୍‌ଗୁଡ଼ିକର ଶୀଘ୍ର ଶୁଣାଣି ପାଇଁ ସ୍ୱତନ୍ତ୍ର ଭାବେ ଗୋଟିଏ ଡିଭିଜନ ବେଞ୍ଚ ଓ ୨ଟି ସିଙ୍ଗଲ୍ ବେଞ୍ଚ କରାଯିବ। ଏହି ବେଞ୍ଚକୁ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ ସହ କୋର୍ଟ ମିତ୍ରଙ୍କ ନିଯୁକ୍ତି ହେବ।



ଏକ ଅଜବ ଜୀବ ଇଣ୍ଡୋନେସିଆ ସମୁଦ୍ର ମଧ୍ୟରେ ଦେଖିବାକୁ ମିଳିଛି। ଏହି ବିଶାଳକାୟ ଜୀବକୁ ଦେଖି ଲୋକେ ଡରି ଯାଇଥିଲେ। ପରେ ଯାଞ୍ଚ କରିବାରୁ ଏହା ଏକ ବ୍ଲୁ ହ୍ୱେଲ୍‌ର ମୃତଦେହ ବୋଲି ଜଣାପଡ଼ିଥିଲା। ଏହାର ଲମ୍ବ ୭୫ ଫୁଟ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସାମୁଦ୍ରିକ ଜୀବଙ୍କ ମୃତ୍ୟୁ ଘଟୁଥିବାରୁ ପରିବେଶବିତ୍‌ମାନେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।



# ୱେଟର ପିନ୍ଧିଲେ ପିପିଇ କିଟ୍‌

**ହାଇଦ୍ରାବାଦ:** କରୋନା ସଂକ୍ରମଣ ରୋକିବା ପାଇଁ ଏବେ ସବୁଆଡ଼େ ଜାରି ହୋଇଛି କଟକଣା। ଏଥିପାଇଁ କେଉଁଠି ହେଲେ ବି ଭୋଜିଭାତର ମଜା ଉଠାଇ ହେଉନି। ହେଲେ କଟକଣା ଭିତରେ ଆନ୍ଧ୍ରପ୍ରଦେଶରେ ଏକ ବିବାହ ଭୋଜି ଆୟୋଜନ ହୋଇଛି, ଯେଉଁଠି ୱେଟରମାନେ ପିନ୍ଧିଥିଲେ ପିପିଇ କିଟ୍।

ଆନ୍ଧ୍ରପ୍ରଦେଶର କୋଟିର କ୍ରୀଷ୍ଣା ଜିଲା ଗୁଡ଼ିଭାଦାରେ ଥିବା ଏକ କ୍ୟାଟରିଂ ସର୍ଭିସ ସେଣ୍ଟରକୁ ତିନି ମାସ ପରେ ଏକ ଭୋଜି ଆୟୋଜନ ନିମନ୍ତେ ଅଫର ମିଳିଥିଲା। ଏକ ବିବାହ ଭୋଜିରେ ୨୦୦ଜଣଙ୍କ ପାଇଁ ସମ୍ପୃକ୍ତ ସଂସ୍ଥାକୁ ଭୋଜି ଆୟୋଜନ ନିମନ୍ତେ ଅର୍ଡର ଦିଆ ଯାଇଥିଲା। କରୋନାକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ମଧ୍ୟ ଜରୁରୀ ଥିଲା। ତେଣୁ ଆୟୋଜକମାନେ ସମସ୍ତ ପ୍ରସ୍ତୁତି କରି ଯାଇଥିଲେ। ତେଣୁ ୱେଟରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କୁ ପିପିଇ କିଟ୍ ପିନ୍ଧି ପରିବେଷଣ କରିବାର ଅନୁମତି ଦିଆଯାଇଥିଲା। ପ୍ରାୟ ୧୨ଜଣ ୱେଟର ଅତିଥିମାନଙ୍କୁ ପିପିଇ କିଟ୍ ପିନ୍ଧି ଖାଦ୍ୟ ପରିବେଷଣ କରିଥିଲେ।

ଭୋଜି ଶେଷରେ ସମସ୍ତ ପିପିଇ କିଟ୍‌ଗୁଡ଼ିକୁ ଠିକ୍ ଭାବରେ ନଷ୍ଟ ବି କରାଯାଇଥିଲା। କରୋନା ଭାଇରସ୍ କଟକଣା ପରେ ରାଜ୍ୟରେ ପ୍ରାୟ ସମସ୍ତ କ୍ୟାଟରିଂ ସର୍ଭିସ ବନ୍ଦ ରହିଥିଲା। କିନ୍ତୁ ଏବେ ତିନି ମାସ ପରେ ଏଭଳିଭାବେ କ୍ୟାଟରିଂ ସର୍ଭିସ ଲୋକଙ୍କୁ ଏକ ନୂଆ ରାସ୍ତା ଦେଖାଇ ପାରିଛି।

ଦ୍ୱିତୀୟ ଜନ୍ମବାର୍ଷିକୀ ଶୁଭେଚ୍ଛା

(କାହ୍ନା)
ଧନଞ୍ଜୟ ପରିଡ଼ା
କଣିପାଟିଆ, ଧର୍ମଶାଳା, ଯାଜପୁର
ଆଜି ଦ୍ୱିତୀୟ ଜନ୍ମଦିନ ଅବସରରେ ସମସ୍ତଙ୍କର ସ୍ନେହ, ଶୁଭେଚ୍ଛା ଓ ଆଶୀର୍ବାଦ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କୃପାରୁ ତୋର ଜୀବନ ଦୀର୍ଘାୟୁ ଓ ନିରାମୟ ହେଉ।
—:ଶୁଭେଚ୍ଛା ସହ:—
ଜେଜେ ବାପା: ବଟକୃଷ୍ଣ, ଜେଜେ ମା': ଶଶୀ, ବାପା: ଦେବା, ମା: ସୁନା, ଭଉଣୀ: ଦେବସ୍ମିତା, ବନ୍ଧୁ ଓ ପରିବାରବର୍ଗ।
ଧ-୧୭୭୬୬

## ବିଜୟର ଗାଥା ଗାଏ

# କାର୍‌ଗିଲ ବିଜୟ ଦିବସ



**କୌ**ଣସି ଦେଶ ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି କଲେ କିଭଳି ଶିକ୍ଷା ଦିଆଯାଏ ତାହାର ଦୃଷ୍ଟାନ୍ତ ହେଉଛି କାର୍‌ଗିଲ ଯୁଦ୍ଧ। ପଡ଼ୋଶୀ ପାକିସ୍ତାନର ବିଶ୍ୱାସଘାତକତା ଯୋଗୁ କାର୍‌ଗିଲ ଯୁଦ୍ଧ ହୋଇଥିଲା। ଏଥିରେ ଭାରତର ବିଜୟ ହୋଇଥିଲା ଜୁଲାଇ ୨୬, ୧୯୯୯ରେ। ଏଣୁ ଏହି ଯୁଦ୍ଧରେ ସହିଦ ଯବାନଙ୍କ ସ୍ମୃତି ଏବଂ ସମ୍ମାନାର୍ଥେ ଜୁଲାଇ ୨୬କୁ କାରଗିଲ ବିଜୟ ଦିବସ ଭାବେ ପାଳନ କରାଯାଉଛି। ଏହା କାରଗିଲ –ଦ୍ରାସ ସେକ୍ଟର ପାଳନ କରାଯାଏ ଓ ଦିଲ୍ଲୀ ଇଣ୍ଡିଆ ଗେଟରେ ଅମର ଯବାନ ଜ୍ୟୋତିରେ ସହିଦ ଯବାନଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଇଥାନ୍ତି। ଶତ୍ରୁ କବଳରୁ ଦେଶକୁ ରକ୍ଷାକରି ଏହାର ଅଖଣ୍ଡତା ବଜାୟ ରଖିବା ପାଇଁ ପ୍ରାଣ ବିସର୍ଜନ କରିଥିବା ଯବାନମାନଙ୍କୁ ଏହି ଦିବସରେ ସ୍ମରଣ କରାଯାଇଥାଏ। ସ୍ୱାଧୀନତା ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ କଶ୍ମୀରକୁ ନେଇ ତିକ୍ତତା ଲାଗି ରହିଛି। ପାକିସ୍ତାନ ସହିତ ବିଭିନ୍ନ ସମୟରେ ଶାନ୍ତିଚୁକ୍ତି ହୋଇ ବି ପାକିସ୍ତାନ ତାହା ବାରମ୍ବାର ଉଲଂଘନ କରି ସନ୍ତ୍ରାସବାଦୀମାନଙ୍କୁ ଅନୁପ୍ରବେଶ କରାଇ ଭାରତରେ ଅସ୍ଥିରତା ସୃଷ୍ଟି କରିବାରେ ଲାଗିଛି। ୧୯୯୯ ଫେବୃୟାରୀ ୨୧ରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଏବଂ ପାକିସ୍ତାନର ପ୍ରତିପକ୍ଷ ନୱାଜ ସରିଫ୍‌ଙ୍କ ମଧ୍ୟରେ ଲାହୋର ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ପାକିସ୍ତାନୀ ସେନା କାର୍‌ଗିଲରେ ଅନୁପ୍ରବେଶ କରି ଜବରଦଖଲ କରିଥିଲା। ୧୯୯୯ ମସିହା ମେ ମାସରେ ସର୍ବପ୍ରଥମେ ଭାରତୀୟ ସୈନ୍ୟବାହିନୀ ଉପରେ ସିଧାସଳଖ ଆକ୍ରମଣ ଆରମ୍ଭ କରିଥିଲେ। ପରେ ଭାରତ ଆରମ୍ଭ କରିଥିଲା ଅପରେସନ୍ ବିଜୟ। ଏଥିରେ ଭାରତୀୟ ସେନା ପାକିସ୍ତାନୀ ସେନା ଅନୁପ୍ରବେଶର ଦୃଢ଼ ଜବାବ ଦେଇଥିଲା। ଏହି ଯୁଦ୍ଧରେ ଭାରତର ୫୨୭ ଯବାନ ସହିଦ ହେବା ସହ ୧୩୬୩ ଯବାନ ଆହତ ହୋଇଥିଲେ। ୬୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧରେ ଭାରତୀୟ ସେନା ପାକିସ୍ତାନ ଅଧିକୃତ ଅଞ୍ଚଳକୁ ମୁକ୍ତ କରିଥିଲା ଜୁଲାଇ ୨୬ ତାରିଖରେ। କାର୍‌ଗିଲ ହିଲ୍ ଉପରେ ଉଡ଼ାଇଥିଲା ତ୍ରିରଙ୍ଗା। କାର୍‌ଗିଲ ଯୁଦ୍ଧକୁ ଦୀର୍ଘ ୨୦ ବର୍ଷ ଅତିକ୍ରାନ୍ତ ହୋଇଯାଇଛି। ହେଲେ ଏହି ଦିବସ ଆମକୁ ମନେ ପକାଇଦେଉଛି ଆମ ବୀରତ୍ୱର ଗାଥା। ଜାତୀୟତା ଭାବ ବି ଉଦ୍ରେକ କରୁଛି। ପ୍ରତ୍ୟେକ ଭାରତୀୟ ଦେଶର ଅଖଣ୍ଡତା ବଜାୟ ରଖିବା ପାଇଁ ଶପଥ ନେବା ଲାଗି ଏହି ଦିବସ ଏକ ସୁଯୋଗ ବି ଆଣିଦେଇଛି।

# ରେକର୍ଡ କଲା 'ଦିଲ୍ ବେଚାରା'

## ଲୁହରେ ଭିଜାଇଲା ସୁଶାନ୍ତଙ୍କ ଶେଷ ସିନେମା



**ନୂଆଦିଲ୍ଲୀ:** ସୁଶାନ୍ତ ସିଂ ରାଜପୁତଙ୍କ ଅଭିନୀତ ଶେଷଫିଲ୍ମ 'ଦିଲ୍ ବେଚାରା'କୁ ଫ୍ୟାନ୍ସ ଦେଇଛନ୍ତି ବିପୁଳ ସମର୍ଥନ। ଲଭ୍, ଇମୋଶନରେ ଭରପୂର ଏହି ସିନେମା ରିଭ୍ୟୁ ଏଗ୍ରିଗେଟର ୱେବସାଇଟ୍ ଆଇଏମ୍‌ଡିବିରେ ସର୍ବାଧିକ ରେଟିଂ ହାସଲ କରିଛି। ଶନିବାର ଅପରାହ୍ନ ୩ଟା ସୁଦ୍ଧା ଏହି ଚଳଚ୍ଚିତ୍ରକୁ ୧୦ରୁ ୯.୮ ଷ୍ଟାର୍ ମିଳିଛି। ଏହି ସିନେମାକୁ ଆଇଏମ୍‌ଡିବିର ୩୧,୨୮୪ ୟୁଜର୍ସଙ୍କ ମଧ୍ୟରୁ ୯୨.୭% ଅର୍ଥାତ୍ ୨୮,୯୯୧ ଜଣ ୧୦ରୁ ୧୦ ଷ୍ଟାର ରେଟିଂ ଦେଇଛନ୍ତି। ସେହିପରି ୨.୩% ଅର୍ଥାତ୍ ୭୨୭ଜଣ ୧୦ରୁ ୯ ଏବଂ ୧.୩% ଅର୍ଥାତ୍ ୪୧୧ ଜଣ ୟୁଜର୍ସ ସବୁଠାରୁ କମ୍ ଷ୍ଟାର ଦେଇଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟା ସାଢ଼େ ୭ଟାରେ ଫିଲ୍ମ ରିଲିଜ୍ ହେବାର ୩୦ ମିନିଟ୍ ପରେ ୨୧ ହଜାର ୟୁଜର୍ସ ନିଜର ରିଭ୍ୟୁ ଦେଇଥିଲେ। ଉକ୍ତ ସମୟରେ ଫିଲ୍ମର ରେଟିଂ ୧୦୦% ଅର୍ଥାତ୍ ୧୦ରୁ ୧୦ ଷ୍ଟାର ରହିଥିଲା।

### କ୍ରାଶ୍ ହୋଇଗଲା ହଟ୍‌ଷ୍ଟାର

ସୁଶାନ୍ତଙ୍କ ରହସ୍ୟମୟ ମୃତ୍ୟୁ ଉପରୁ ପରଦା ଉଠି ନ ଥିବାବେଳେ ସମସ୍ତଙ୍କ ଅପେକ୍ଷା ଥିଲା 'ଦିଲ୍ ବେଚାରା' ଉପରେ। ନିଜର ସ୍ମିତହାସ୍ୟ ଏବଂ ଆକ୍ଟିଂ ପାଇଁ ହଜାର ହଜାର ପ୍ରଶଂସକଙ୍କ ମନରେ ଘର କରିଥିବା ସୁଶାନ୍ତଙ୍କ ପ୍ରତି ଭଲପାଇବା ଅଜାଡ଼ି ହୋଇପଡ଼ିଛି ଏହି ଫିଲ୍ମରେ। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଦିଲ୍ ବେଚାରାକୁ ଓଟିଟି ପ୍ଲାଟ୍‌ଫର୍ମ 'ଡିଜ୍‌ନୀ ପ୍ଲସ ହଟ୍‌ଷ୍ଟାର'ରେ ରିଲିଜ ହୋଇଥିଲା। ସୁଶାନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ପୂର୍ବକ ଏହାକୁ ଦେୟମୁକ୍ତ କରାଯାଇଛି। ଏହାକୁ ଦେଖିବାକୁ ଦର୍ଶକମାନଙ୍କ ଭିତରେ ଏମିତି ଉତ୍କଣ୍ଠା ଦେଖାଦେଇଥିଲା ଯେ, ଶୁକ୍ରବାର ରାତି ୯ଟା ୩୬ରେ ଥରେ ଡିଜ୍‌ନୀ ହଟ୍‌ଷ୍ଟାର ସାଇଟ୍ କ୍ରାଶ ହୋଇଯାଇଥିଲା। ଫିଲ୍ମମେକର 'ହଁସଲ ମେହେଟା' ଏ ସମ୍ପର୍କରେ ଟୁଇଟ୍ କରି ସୂଚନା ଦେଇଥିଲେ।

### ମୁକେଶ ଛାବଡ଼ାଙ୍କ ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ

କାଷ୍ଟିଂ ଡାଇରେକ୍ଟରରୁ ଫିଲ୍ମ ନିର୍ଦ୍ଦେଶକ ପାଲଟିଥିବା ମୁକେଶ ଛାବଡ଼ାଙ୍କ ପ୍ରଥମ ନିର୍ଦ୍ଦେଶିତ ଫିଲ୍ମ 'ଦିଲ୍ ବେଚାରା'। ଏହା ହେଉଛି ହଲିଉଡ୍ ଫିଲ୍ମ 'ଦି ଫଲ୍ଟ ଇନ୍ ଆୱାର ଷ୍ଟାର୍ସ'ର ହିନ୍ଦୀ ରିମେକ୍। ସୁଶାନ୍ତଙ୍କ ଅପୋଜିଟ୍‌ରେ ଥିବା ଅଭିନେତ୍ରୀ ସଞ୍ଜନା ସାଂଘୀ ଏହି ସିନେମାରୁ କ୍ୟାରିୟର ଆରମ୍ଭ କରିଛନ୍ତି। ଡେବ୍ୟୁରେ ସଞ୍ଜନାଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କ ଢେର୍ ପ୍ରଶଂସା ସାଉଁଟିଛି। ଶାଶ୍ୱତ ଚାଟାର୍ଜୀ, ସ୍ୱସ୍ତିକା ମୁଖାର୍ଜୀ, ସୁନୀତ ଟଣ୍ଡନ୍, ସୁରେଶ ଆରୋରା, ବହାରୁଲ୍ ଆରୋରା ପ୍ରମୁଖ ବିଭିନ୍ନ ଭୂମିକାରେ ଅଛନ୍ତି। ସୈଫ୍‌ଅଲ୍ଲୀ ଖାନ୍‌ଙ୍କ ଛୋଟିଆ ଅବଧିର ରୋଲ୍ ମଧ୍ୟ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି।

### ଯନ୍ତ୍ରଣା ଭିତରେ ଜୀବନ

ଚଳଚ୍ଚିତ୍ରର ନାୟକ ଏମାନୁଏଲ୍ ଜୁନିୟର ରାଜକୁମାର ଓରଫ୍ ମ୍ୟାନି (ସୁଶାନ୍ତ) ଅଷ୍ଟିଓ ସାର୍କୋମା ଭଳି ଦୁରାରୋଗ୍ୟ ବ୍ୟାଧିରେ ପିଡ଼ିତ। ଏହି ଜଟିଳ ରୋଗ ପାଇଁ ସେ ହରାଇଛନ୍ତି ନିଜର ଗୋଟିଏ ଗୋଡ଼। ଅପରପକ୍ଷେ ନାୟିକା କିଜି ବାସୁ (ସଞ୍ଜନା ସାଂଘୀ) ମଧ୍ୟ ଥାଇରଏଡ୍ କ୍ୟାନ୍‌ସରରେ ପିଡ଼ିତ। ନକାରାତ୍ମକ ଚିନ୍ତାଧାରା, ଧରାବନ୍ଧା ଜୀବନ ଏବଂ ଆସନ୍ନ ମୃତ୍ୟୁକୁ ଚାହିଁ ଛଟପଟ ହେଉଥିବା କିଜିଙ୍କୁ ଜୀବନ ଜିଇବାର ରାହା ଦେଖାଉଛନ୍ତି ଖୁସ୍‌ମିଜାଜ୍‌ର ମ୍ୟାନି। ଜୀବନ ପାଇଁ ସଂଘର୍ଷ କରୁଥିବା ଦୁଇ ମଣିଷଙ୍କ ଭିତରେ ସୃଷ୍ଟି ହୋଇଥିବା ସମ୍ପର୍କ, ଭଲପାଇବା, ବଳିଦାନକୁ ଅତି ନିଖୁଣ ଭାବେ ଦର୍ଶାଯାଇଛି ଦିଲ୍ ବେଚାରାରେ। ଏହି ଚଳଚ୍ଚିତ୍ର ଶାଶ୍ୱତ ପ୍ରେମର ଏକ ନିଆରା ଉଦାହରଣ।




# 'ପର୍ସନାଲ କଥା ଶେୟାର କରେନି

**ମୁମ୍ବାଇ:** ବଲିଉଡ୍ ଏବଂ ଟେଲି ଦୁନିଆର ଅଭିନେତା ଅଭିନେତ୍ରୀଙ୍କୁ ସବୁବେଳେ ଟ୍ରୋଲ୍ ହେବାକୁ ପଡୁଛି। ସୋସିଆଲ ମିଡିଆରେ ସେମାନେ ଯଦି କୌଣସି ପୋଷ୍ଟ କରିଥାନ୍ତି ତାହେଲେ କେହି କେହି ସେମାନଙ୍କୁ ହଇରାଣ କରିବା ପାଇଁ ସବୁ ସୀମାର ଉଲ୍ଲଂଘନ ମଧ୍ୟ କରିଥାନ୍ତି। କେହି କେହି ଅଭିନେତ୍ରୀଙ୍କୁ ବଳାତ୍କାରର ଧମକ୍ ମଧ୍ୟ ଦେଇଥାନ୍ତି। ଏମିତି ଜଣେ ଅଭିନେତ୍ରୀ ହେଉଛନ୍ତି ନୀତି ଟେଲର। ଦେଖିବାକୁ ଯେମିତି ସୁନ୍ଦରୀ ତାଙ୍କ ମଧ୍ୟରେ ଟ୍ୟାଲେଣ୍ଟ ମଧ୍ୟ ସେମିତି। ଏମ୍‌ଟିଭିରୁ କ୍ୟାରିୟର ଆରମ୍ଭ କରି ବେଶ୍ ସଫଳ ହୋଇଛନ୍ତି। ନିକଟରେ ନୀତି ଟେଲର କହିଛନ୍ତି ସୋସିଆଲ ସାଇଟ୍‌ରେ କୌଣସି ପୋଷ୍ଟ କରିବାକୁ ଚାହୁଁଥିଲେ ଶହେ ଥର ଭାବିବାକୁ ପଡ଼େ। ସେଥିଲାଗି ସେ ତାଙ୍କ ପର୍ସନାଲ ଲାଇଫ୍‌ର କଥା ସୋସିଆଲ ସାଇଟ୍‌ରେ ଶେୟାର କରିବାକୁ ପସନ୍ଦ କରନ୍ତି ନାହିଁ। ନୀତିଙ୍କୁ 'କୈସି ହୈ ୟାରିୟାଁ', 'ଇସକ୍‌ବାଜ୍' ଏବଂ 'ୟେ ହେ ଆଶିକୀ' ଭଳି ସିରିୟଲରେ ଦମ୍‌ଦାର ଅଭିନୟରେ ଦେଖିବାକୁ ମିଳିଛି। ନୀତିଙ୍କୁ ବାରମ୍ବାର ଟ୍ରୋଲ କରାଯାଉଥିଲା ବୋଲି ସେ ତାଙ୍କ ଟ୍ୱିଟର ପେଜ୍‌ରେ ଲେଖିଛନ୍ତି। ସେ ଏହାର ଉତ୍ତରରେ ଲେଖିଛନ୍ତି ଯେ, ତାଙ୍କ ଘରର ସବୁ ଖବର ନେବାପାଇଁ ତାଙ୍କ ୱାଚ୍‌ମ୍ୟାନଙ୍କୁ ପଇସା ଦିଆଯାଇଥିଲା। ଏପରିକି ତାଙ୍କର ଫଟୋ ଗୁଡ଼ିକରେ ଖରାପ ଆନିମେଶନ କରି ସୋସିଆଲ ସାଇଟ୍‌ରେ ଟ୍ରୋଲ କରାଯାଉଥିଲା। ସେ ଏହା ଜାଣିବାପରେ ଖୁବ୍ ରାଗିଯାଇଥିଲେ। ଏବଂ ଯେଉଁମାନେ ଏପରି କରିଥିଲେ ସେ ତାଙ୍କୁ କହିଥିଲେ ଯେ, 'ମୁଁ ଯେମିତି ସେମିତି ରହିବି'। କାହା କଥାରେ ପରିବର୍ତ୍ତନ ହୋଇପାରିବି ନାହିଁ। ମୁଁ ମୋର ଫ୍ୟାବ୍। ସବୁ ମଣିଷ ମଧ୍ୟରେ କିଛି ଭଲ ଏବଂ ଖରାପ ଗୁଣ ଥାଏ। ଯେଉଁମାନେ ଏପରି ମୋତେ ନେଇ କରିଛନ୍ତି ମୁଁ ତାଙ୍କୁ କ୍ଷମା କରିଦେଉଛି। ମୋ ଘର ଲୋକ ଏବଂ ମୋର ଫ୍ୟାନମାନଙ୍କୁ ମୁଁ ବହୁତ ଭଲ ପାଏ। ସମସ୍ତେ ଭଲରେ ରହନ୍ତୁ ବୋଲି ନୀତି ତାଙ୍କ ପୋଷ୍ଟରେ ଲେଖିଛନ୍ତି।



# ପିପିଏଫ୍ ଟଙ୍କା ଉଠାଇ ଗରିବଙ୍କୁ ବାଣ୍ଟିଲେ

**ମୁମ୍ବାଇ:** କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବାରୁ ଗରିବଙ୍କୁ ସାହାଯ୍ୟ କରିବା ପାଇଁ ଅନେକେ ନିଜ ସାମର୍ଥ୍ୟରୁ ବି ଅଧିକ କରିବାକୁ ପଛାଉ ନାହାନ୍ତି। ଏମିତି ଜଣେ ଭିନ୍ନ ମଣିଷ ହେଉଛନ୍ତି ମିଗ୍‌ଜା ଏବଂ ତାଙ୍କ ପତ୍ନୀ ଫେଜ୍। ଏହି ଦମ୍ପତି ଏବେ ତାଙ୍କ ପିପିଏଫ୍ ଟଙ୍କା ଉଠାଇ ସେଥିରେ ଗରିବ ଲୋକଙ୍କୁ ରାଶନ ସାମଗ୍ରୀ ବାଣ୍ଟୁଛନ୍ତି। ମୁମ୍ବାଇର ମଲାଡ଼ ଅଞ୍ଚଳରେ ଏହି ଦମ୍ପତି ଚାକିରି ଜୀବନ ସରିବା ପରେ ଏକ ସ୍କୁଲ ଖୋଲିଥିଲେ। ଏବେ କରୋନା ପାଇଁ ଅନେକ ଦିନ ଧରି ସ୍କୁଲ ବନ୍ଦ ଥିବାରୁ ସେ ସବୁ ପିଲାଙ୍କର ସ୍କୁଲ ଫି ଛାଡ଼ କରିଛନ୍ତି। ଏହା ସହିତ ନିଜର ସମସ୍ତ ସଞ୍ଚିତ ଟଙ୍କାକୁ ଗରିବ ଲୋକଙ୍କ ପାଇଁ ଦାନ କରିବାରେ ଲାଗିଛନ୍ତି।

ପ୍ରଥମେ ଏହି ଦମ୍ପତି ଆଖପାଖ ଅଞ୍ଚଳରେ ନିଜ ସଞ୍ଚୟ ଟଙ୍କାରେ ଜରୁରୀ ସାମଗ୍ରୀ ବାଣ୍ଟୁଥିଲେ। କିନ୍ତୁ ପରେ ବହୁ ସଂଖ୍ୟାରେ ଲୋକ ଅସହାୟ ହୋଇ ଖାଇବାକୁ ପାଉ ନ ଥିବା ସେ ଅନୁଭବ କରିଥିଲେ। ତେଣୁ ସଞ୍ଚୟ ଟଙ୍କା ସରିଯିବା ପରେ ସେ ନିଜର ପିପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଇ ଲୋକଙ୍କ ପାଇଁ ରାଶନ କିଣି ବାଣ୍ଟିବା ସହିତ ଭୋଜନ ମଧ୍ୟ ବାଣ୍ଟୁଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଦମ୍ପତି ମୋଟ ୪.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲେଣି।

# ଗୋବର ଗଣେଶ

**ଅହମ୍ମଦାବାଦ:** ଗାଈ ଗୋବରରେ ତିଆରି ହେବ ଗଣେଶଙ୍କ ପ୍ରତିମୂର୍ତ୍ତି। ଏଥର ଗୁଜରାଟରେ ଗଣେଶ ପୂଜାରେ ଏହି ଗୋବରରେ ତିଆରି ଗଣେଶ ମୂର୍ତ୍ତି ପୂଜା କରାଯିବ। ଅହମ୍ମଦାବାଦରେ ଏଭଳି ଅପିଲ କରିଛି ରାଷ୍ଟ୍ରୀୟ କାମଧେନୁ ଆୟୋଗ। ଗୋବରରେ ତିଆରି ଗଣେଶ ମୂର୍ତ୍ତି ପୂଜା କରିବା ଫଳରେ ଏକ ସମୟରେ ପରିବେଶ ପ୍ରଦୂଷଣକୁ ରୋକାଯିବା ସହିତ ମେକ୍ ଇନ୍ ଇଣ୍ଡିଆ, ଗ୍ରୀନ୍ ଇଣ୍ଡିଆ ଓ କ୍ଲିନ୍ ଇଣ୍ଡିଆର ଅଭିଯାନକୁ ସାର୍ଥକ କରାଯାଇପାରିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

କରୋନା ସଂକ୍ରମଣ ଯୋଗୁଁ ଗୁଜରାଟରେ ଥିବା ମୂର୍ତ୍ତି କାରିଗରମାନେ ନିଜ ନିଜ ପ୍ରଦେଶକୁ ଚାଲି ଯାଇଛନ୍ତି। ତେଣୁ ଏଥର ସେଠାରେ ଗଣେଶ ଚତୁର୍ଥୀରେ ପ୍ଲାଷ୍ଟର ଅଫ୍ ପ୍ୟାରିସ୍‌ରେ ତିଆରି ମୂର୍ତ୍ତି ମିଳିବା ସମ୍ଭବ ନୁହେଁ। ତେଣୁ ଏଭଳି ଏକ ସମୟରେ ସବୁ ରାଜ୍ୟରେ ଯଦି ଗୋବର ଗଣେଶଙ୍କର ପୂଜା କରାଯାଏ ତେବେ ପରିବେଶକୁ ରକ୍ଷା କରିବା ସହିତ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ମଧ୍ୟ ସଜାଡ଼ି ହେବ। ଏସବୁକୁ ଦୃଷ୍ଟିରେ ରଖି ଏବେ ରାଜ୍ୟର କେତେକ ସ୍ଥାନରେ ଗୋଶାଳାରେ ଗଣେଶ ମୂର୍ତ୍ତି ତିଆରି କାମ ଆରମ୍ଭ ହୋଇଛି। ଧୀରେ ଧୀରେ ଏହି ମୂର୍ତ୍ତିକୁ ଅନ୍ୟ ରାଜ୍ୟରେ ମଧ୍ୟ ଲୋକପ୍ରିୟ କରାଇବାକୁ ଉଦ୍ୟମ କରାଯିବ ବୋଲି ଆୟୋଗ ପକ୍ଷରୁ କୁହାଯାଇଛି।



ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଅମୂଲ୍ୟ ଦାସ
(ପ୍ରାକ୍ତନ ଅଧ୍ୟକ୍ଷ)
ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ, କ୍ଷତ୍ରିୟବରପୁର, ଗଞ୍ଜାମ
ତିରୋଧାନ: ୨୬ ଜୁଲାଇ ୨୦୧୯
ଆପଣ ଥିଲେ ଭଞ୍ଜଭୂମିର ଜଣେ ଶ୍ରେଷ୍ଠ ଦିଗ୍‌ଦର୍ଶନ। ଶାନ୍ତିର ସେବକ, ପ୍ରଗତିର ମିତ ଓ ସୃଜନଶୀଳତାର ଅଦ୍ଭୁତ ଶକ୍ତିପୀଠ। ଗଞ୍ଜାମ ଜିଲ୍ଲାର ଶିକ୍ଷା,ସାହିତ୍ୟ, ସମାଜସେବା ଓ ପ୍ରକୃତି ସୁରକ୍ଷାର ଏକ ମୂର୍ତ୍ତିମନ୍ତ ପ୍ରତୀକ। ଶିକ୍ଷାଜଗତର ଜ୍ୟୋତି ଆଉ ମଣିଷ ଗଢ଼ିବା ବିଦ୍ୟା ବିହାରର ମହାନ୍ ସାଧକ। ଆଜିର ଅବିସ୍ମରଣୀୟ ପ୍ରଥମ ଶ୍ରାଦ୍ଧଦିବସ ଅବସରରେ ଆପଣଙ୍କୁ ଭାବ ଓ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
:ଆପଣଙ୍କ ଶୋକସନ୍ତପ୍ତ:
ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟ, କ୍ଷତ୍ରିୟବରପୁର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ। ପୁରାତନ ଛାତ୍ର ସଙ୍ଗଠନ (ASCAA), କ୍ଷତ୍ରିୟବରପୁର, ଗଞ୍ଜାମ। ଅମୂଲ୍ୟ ଭାଇଙ୍କ ସ୍ମୃତି କମିଟି, ବନ୍ଧୁ, ସହକର୍ମୀ ଓ ପରିବାରବର୍ଗ।
ଧ-୬୬୬୪୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଚୌଧୁରୀ ଅଭିରାମ ଦାଶ
ବେଣ୍ଟପୁର ଖମାର, ବାଲିଅନ୍ତା
ଆବିର୍ଭାବ: ୨୧।୦୮।୧୯୪୯
ତିରୋଧାନ: ୧୬।୦୭।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
—:ଶୋକସନ୍ତପ୍ତ:—
ପୁଅ: ଟୁଲୁ, ବୋହୂ: ଲିଲି, ଝିଅ–ଜ୍ୱାଇଁ, ନାତି–ନାତୁଣୀ: ଲିଟନ୍, ଲିଙ୍କନ, ବବ୍‌ଲି, ପୁପୁ ଓ ବନ୍ଧୁ ପରିବାରବର୍ଗ।
ଧ-୪୬୨୮୫

# ଆଳସ୍ୟ...

ସଫଳତାର ସ୍ୱାଦ ଚାଖିବାକୁ କିଏ ବା ନ ଚାହେଁ। ହେଲେ ମଣିଷର ସବୁଠୁ ବଡ଼ ଶତ୍ରୁ ହେଉଛି ଆଳସ୍ୟ, ଯାହା କର୍ମନିଷ୍ଠା ଏବଂ ଦୃଢ଼ ମନୋବଳକୁ ବି କରିଦିଏ ଦୁର୍ବଳ । ଆଉ ସାଜିଥାଏ ସଫଳତାର ମାର୍ଗରେ ବାଧକ। ତେଣୁ ବର୍ତ୍ତମାନ କରୋନା ସମୟରେ ସ୍କୁଲ୍, କଲେଜ ଏବଂ ଅନେକ ଅଫିସ୍ ବନ୍ଦ ଥିବାରୁ ଘରେ ରହି ଅଳସୁଆ ହୋଇଯାଉଥିବା ଯୁବପିଢ଼ିଙ୍କୁ ଏବେଠୁ ସଜାଗ ହେବା ଆବଶ୍ୟକ। ଆଉ ନିଜ ଭବିଷ୍ୟତକୁ ସୁଦୃଢ଼ କରିବା ଲାଗି ଆଳସ୍ୟ ଦୂର କରି ସଫଳତା ମାର୍ଗରେ ଆଗେଇଚାଲିବାକୁ ହେବ...



ପ୍ରବଳମାତ୍ରାରେ ବ୍ୟାପୁଥିବା କରୋନା ମହାମାରୀ ଯୋଗୁ ବର୍ତ୍ତମାନ ପାଠପଢ଼ା ଏବଂ ଜବ୍ ଲାଇଫ୍ ଖୁବ୍ ପ୍ରଭାବିତ ହେଉଛି, ଯାହା କି ଦିନକୁ ଦିନ ବିଶେଷ କରି ଯୁବପିଢ଼ିଙ୍କୁ ଅଳସୁଆ କରିଦେଉଛି। ଅପରପକ୍ଷେ ଏହା ସେମାନଙ୍କ କର୍ମନିଷ୍ଠା ଏବଂ ଦୃଢ଼ ମନୋବଳକୁ ଦୁର୍ବଳ କରିଦେଉଛି। ତେଣୁ ଭବିଷ୍ୟତକୁ ସୁଦୃଢ଼ କରିବା ଲାଗି ଏହି ବିଶ୍ୱବ୍ୟାପୀ ମହାମାରୀ ବିପଦ ଟଳିବା ଯାଏ ଆଳସ୍ୟ ନାମକ ଶତ୍ରୁକୁ ନିଜ ଭିତରେ ସ୍ଥାନ ନ ଦେଇ ସଫଳତା ମାର୍ଗରେ ଆଗେଇଚାଲିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...

**ଆକ୍ଟିଭ୍ ରୁହନ୍ତୁ:** ବର୍ତ୍ତମାନ ପରିସ୍ଥିତିରେ ସୁରକ୍ଷିତ ରହିବା ଲାଗି ଘରେ ରହିବାକୁ ସମସ୍ତେ ବାଧ୍ୟ। ହେଲେ ଏହା ଯୋଗୁ ଅନେକ ଯୁବପିଢ଼ି ଅଳସୁଆ ହୋଇ ଯାଉଥିବାର ଦେଖିବାକୁ ମିଳୁଛି, ଯାହା କି ଧୀରେ ଧୀରେ ସେମାନଙ୍କ ଅଭ୍ୟାସରେ ପରିଣତ ହେବା ସହ ଭବିଷ୍ୟତକୁ ନଷ୍ଟ କରିଦେବାର କାରଣ ସାଜିପାରେ ସେ ଦିଗରେ ସେମାନେ ଅବଗତ ନୁହନ୍ତି। ତେଣୁ ଘରେ ରହିଲେ ସୁଦ୍ଧା ଆକ୍ଟିଭ୍ ଲାଇଫ୍ ଷ୍ଟାଇଲ୍ ଜିଇବା ପ୍ରତି ଗୁରୁତ୍ୱ ଦିଅନ୍ତୁ। ଘରେ ରହିବା ସମୟଗୁଡିକର କିପରି ସଦୁପଯୋଗ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**ବର୍ତ୍ତମାନଠୁ ହିଁ କରନ୍ତୁ:**
ଆଳସ୍ୟ ଏଭଳି ଏକ ବଦଭ୍ୟାସ ଯାହା ଥରେ ଲାଗି ଗଲେ ଏହାକୁ ଦୂରକରିବା ସମସ୍ତଙ୍କ ପାଇଁ ଏତେ ସହଜ ନୁହେଁ। ହେଲେ ଏହାଦ୍ୱାରା ଯଦି ଆପଣ ସଫଳତାଠାରୁ ଦୂରେଇଯାଉଥିବା ଅନୁଭବ କରୁଛନ୍ତି ଏବଂ ଏହାଠାରୁ ନିଜକୁ ଦୂରେଇ ରଖି କର୍ମକ୍ଷେତ୍ରରେ ଅଗ୍ରସର ହେବାକୁ ଚାହୁଁଛନ୍ତି ତେବେ କାଲିଠାରୁ ଆଳସ୍ୟ ଛାଡି ଯଥା ସମୟରେ ସମସ୍ତ କାର୍ଯ୍ୟ ନିଶ୍ଚୟ କରିବି ନ ଭାବି ଶୁଭାରମ୍ଭ ବର୍ତ୍ତମାନଠାରୁ ହିଁ କରନ୍ତୁ।





**କାର୍ଯ୍ୟକୁ ନେଇ ତତ୍ପର ହୁଅନ୍ତୁ:** ଘରେ ଥିବାରୁ ଅନେକେ ଆଳସ୍ୟବଶତଃ କାର୍ଯ୍ୟକୁ ଟାଳିବା ବା ପରେ କରିବା ଭାବି ଅବହେଳା କରି ବସନ୍ତି। ହେଲେ ବାରମ୍ବାର ଏପରି କଲେ ଏହା ଧୀରେ ଧୀରେ ଅଭ୍ୟାସରେ ପରିଣତ ହୋଇଯିବ। ଫଳରେ ଆଜିର କାମ କାଲିକୁ, କାଲିର କାମ ପରେ କରିବା ଭାବୁ ଭାବୁ ଅନେକ ନୂଆ କାମ ଆସି ପହଞ୍ଚିଯିବା ସହ ପୁରୁଣା କାମ ସବୁଦିନ ଲାଗି ଅପୂର୍ଣ୍ଣ ରହିଯିବ। ତେଣୁ ନିଜର ପ୍ରତ୍ୟେକ କାର୍ଯ୍ୟକୁ ତତ୍ପରତାର ସହ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ।

**ପରିଣାମ ଚିନ୍ତା କରନ୍ତୁ:** ପ୍ରତ୍ୟେକ କାର୍ଯ୍ୟର ପରବର୍ତ୍ତୀ ସମୟରେ ପରିଣାମ କ'ଣ ହେବ କିମ୍ବା ଏହି କାର୍ଯ୍ୟ ଯଥା ସମୟରେ ସାରିବା ଦ୍ୱାରା କ'ଣ ଲାଭ ହେବ ସେ ବିଷୟରେ ଚିନ୍ତା କରନ୍ତୁ। ଦେଖିବେ ଏପରି କରିବା ଦ୍ୱାରା ଅଯଥାରେ ସମୟ ନଷ୍ଟ କରିବା, ଶୋଇ ରହିବା ଆଦି ଅଳସୁଆମି ଦୂର ହୋଇଯିବ। ଏପରି ଚିନ୍ତା କଲେ ହିଁ ଆଳସ୍ୟକୁ ସମ୍ପୂର୍ଣ୍ଣ ଦୂରରେ ରଖି ନିଜ କର୍ମ ଏବଂ କର୍ତ୍ତବ୍ୟ ପ୍ରତି ଧ୍ୟାନକେନ୍ଦ୍ରିତ କରିପାରିବେ।

**ଶୋଇବା ସମୟ ସୀମିତ ରଖନ୍ତୁ:** ଉଭୟ ଶାରୀରିକ ଏବଂ ମାନସିକ ସୁସ୍ଥତା ଲାଗି ପର୍ଯ୍ୟାପ୍ତ ପରିମାଣରେ ଶୋଇବା ନିତାନ୍ତ ଆବଶ୍ୟକ। ହେଲେ ଏହାର ଅର୍ଥ ନୁହେଁ ଆବଶ୍ୟକ କାର୍ଯ୍ୟକୁ ପଛରେ ପକାଇ ଶୋଇ ରହିବା। ତେଣୁ ଆଉ କିଛି ସମୟ ଶୋଇବା ପରେ ଉଠିଲେ କାମ ଶେଷ କରିବି ଭାବି ଶୋଇ ରୁହନ୍ତୁ ନାହିଁ। ବରଂ ଶୋଇବାର ନିର୍ଦ୍ଦିଷ୍ଟ ସମୟସୀମା ରଖନ୍ତୁ। ଏହାଦ୍ୱାରା ଆପଣଙ୍କୁ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ହେବ ଏବଂ ଆଳସ୍ୟ ବଦଳରେ ପ୍ରତ୍ୟେକ କାର୍ଯ୍ୟ ଯଥା ସମୟରେ ସାରିବା ଲାଗି ସମୟ ମିଳିବା ସହ ଆଗ୍ରହ ମଧ୍ୟ ବଢ଼ିବ।

**କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତୁ:** ଏଭଳି କେତେଜଣ ଅଛନ୍ତି ଯେଉଁମାନେ ଯଥା ସମୟରେ କାମ ନ କରି ଆବଶ୍ୟକ ସ୍ଥଳେ ଏକା ସମୟରେ ଅନେକ କାମ କରିବାକୁ ଚେଷ୍ଟା କରନ୍ତି। ହେଲେ କେବେ ଏହା ବଦଭ୍ୟାସ ହିଁ ସେମାନଙ୍କୁ ହତୋତ୍ସାହ କରିଥାଏ ଏବଂ ସେମାନେ ମାନସିକ ସ୍ତରରେ ଦୁର୍ବଳ ହୋଇପଡନ୍ତି। ଏହା ହିଁ ଅପରପକ୍ଷେ ମନରେ ଆଳସ୍ୟ ସୃଷ୍ଟି କରେ। ପରେ ସାରିବି ଭାବି ବିଶ୍ରାମ ନେବା ଆଳରେ ପୁରୁଣା କାମ ବଢ଼ି ବଢ଼ି ଚାଲେ। ତେଣୁ ଅଳସୁଆମି ଛାଡି ଏକ ସୂଚୀ ପ୍ରସ୍ତୁତ କରି ନିଜ କାର୍ଯ୍ୟପ୍ରଣାଳୀକୁ ବ୍ୟବସ୍ଥିତ କରନ୍ତୁ। ଅର୍ଥାତ୍ ସମୟ ହିସାବରେ କେତେ ଏବଂ କେଉଁ କାର୍ଯ୍ୟ ସାରିହେବ ନିର୍ଦ୍ଧାରିତ କରନ୍ତୁ। ଏହି ଅଭ୍ୟାସ ସଫଳତା ଆଣି ଦେବାରେ ସବୁଠୁ ବେଶି ସାହାଯ୍ୟ କରିବ।

**ଜୀବନଶୈଳୀ ପରିବର୍ତ୍ତନ କରନ୍ତୁ:** ଜୀବନଶୈଳୀ ମଧ୍ୟ ଅନେକଙ୍କଠାରେ ଆଳସ୍ୟ କରାଇବା ଲାଗି ଦାୟୀ। କହିବାର ତାତ୍ପର୍ଯ୍ୟ ବର୍ତ୍ତମାନ ଘରେ ରହୁଥିବାରୁ ଅନେକଙ୍କ ଜୀବନଶୈଳୀରେ ବହୁତ ପରିବର୍ତ୍ତନ ଘଟିଛି। ଘରେ ଆବଶ୍ୟକରୁ ଅଧିକ ଖାଇବା, ଶୋଇବା, ଦୀର୍ଘ ସମୟ ବସି ରହିବା, ଭିଡିଓ ଗେମ୍ ଖେଳିବା, ଟିଭି ଦେଖିବା ଇତ୍ୟାଦିର ଅଭ୍ୟାସ ମଧ୍ୟ ଅନେକଙ୍କୁ ଅଳସୁଆ କରିଦେଉଛି। ତେଣୁ ଏପରି ବଦଭ୍ୟାସ ଥିଲେ ବଦଳାନ୍ତୁ। ଲାଇଟ୍ ଏବଂ ହେଲ୍ଦି ଖାଦ୍ୟ ଖାଆନ୍ତୁ, ଆବଶ୍ୟକରୁ ଅଧିକ ଶୁଅନ୍ତୁ ନାହିଁ, ଏକ୍ସରସାଇଜ୍‌କୁ ନିଶ୍ଚିତ ଭାବେ ଜୀବନଶୈଳୀରେ ସାମିଲ କରନ୍ତୁ ଦେଖିବେ ଆଳସ୍ୟ କମିବା ସହ କାର୍ଯ୍ୟ ଦକ୍ଷତା ବଢ଼ିବ ଏବଂ ଆପଣ ଭବିଷ୍ୟତରେ ସଫଳତାର ସ୍ୱାଦ ଚାଖିପାରିବେ।

## ଏ ସପ୍ତାହର ପ୍ରଶ୍ନ

୧- ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପ୍ରାଇଭେଟ ସେକ୍ରେଟାରୀ ଭାବେ..... ନିଯୁକ୍ତି ପାଇଛନ୍ତି ?
୨- ପ୍ରସିଦ୍ଧ ମାଧବପୁର ମେଳା....... ରାଜ୍ୟରେ ଅନୁଷ୍ଠିତ ହୋଇଥାଏ ?
୩- ନିକଟରେ ଇଣ୍ଡୋନେସିଆ ମାଷ୍ଟର୍ସ ଟାଇଟଲ୍ ଜିତିଥିବା ବ୍ୟାଡ୍‌ମିଣ୍ଟନ୍ ଖେଳାଳି...... ?
୪- ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ.......... ମସିହାରେ ରାଷ୍ଟ୍ରୀୟକରଣ ହୋଇଥିଲା ?
୫- ଆମ ଦେଶରେ ସମୁଦାୟ .........ଟି ହାଇକୋର୍ଟ ରହିଛି ?

## ଗତ ଥରର ଉତ୍ତର

୧ ରୁଷିଆ
୨ ମଧ୍ୟ ପ୍ରଦେଶ
୩ ବୋଲିଭିଆ ଏବଂ ପେରୁ
୪ ଭୁବନେଶ୍ୱର, ଓଡ଼ିଶା
୫ ଡାଟା ସିକ୍ୟୁରିଟି କାଉନ୍ସିଲ ଅଫ୍ ଇଣ୍ଡିଆ

## ଉତ୍ତରଦାତା


ଅଖିଳେଶ ମହାପାତ୍ର, ଭୁବନେଶ୍ୱର


ଶେଖ୍ ୟାକୁବ୍, ଗୋପ୍


ନରେଶ କର, ହାଇଦ୍ରାବାଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀର ବିସ୍ମୟକର ଶପିଂ ମଲ୍




୧- ମଲ୍ ଅଫ ଆମେରିକା... ବ୍ଲୁମିଂଟନ୍, ମିନେସୋଟା
୨- ଦି ଫୋରମ୍ ଶପ୍......... ଲାସ୍ ଭେଗାସ୍
୩- କିଙ୍ଗ୍ ଅଫ୍ ପ୍ରୁସିଆ........ ଫିଲାଡେଲ୍‌ଫିଆ
୪- ୱେଷ୍ଟ ଏଡ୍‌ମଣ୍ଟନ୍ ମଲ୍... ଏଡ୍‌ମଣ୍ଟନ୍, ଆଲବେର୍ଟା
୫- ଦି ଭିଲାଜିଓ ମଲ୍.............. ଦୋହା
୬- ହାରୋଡସ୍ .............. ଲଣ୍ଡନ୍
୭- ୱାଫି ମଲ୍.............. ଦୁବାଇ
୮- ଗମ୍ କିଟାଇ ଗୋରୋଡ.............. ମସ୍କୋ
୯- ବେର୍ଜାୟା ଟାଇମ୍ସ ସ୍କୋୟାର୍.............. କୁଆଲାଲମ୍ପୁର
୧୦- ଫଣ୍ଡାକୋ ଡେଇ ଟେଡେସ୍କି.............. ଭେନିସ୍

**ଜା|ଣ|ନ୍ତୁ|ଦୁ|ନି|ଆ**

# ହ୍ରଦ ବଦଳାଏ ରଙ୍ଗ

**ଇଣ୍ଡୋନେସିଆରେ ଥିବା ବଡ଼ ବଡ଼ ପର୍ବତ ବା ରିବୁ (୧୦୦୦ମିଟରରୁ ଉଚ୍ଚ ପର୍ବତ)ରୁ ଅନେକ ସମୟରେ ଆଗ୍ନେୟ ଉଦ୍‌ଗିରଣ ହୋଇଥାଏ। ସେହି ରିବୁ ମଧ୍ୟରେ ଏକ ଆଗ୍ନେୟଗିରି ହେଉଛି କେଲିମୁଟୁ, ଯାହାକି ଏଠାରେ ଥିବା ତିନୋଟି ରଙ୍ଗ ବଦଳାଉଥିବା ହ୍ରଦ ପାଇଁ ବେଶ୍ ପ୍ରସିଦ୍ଧ। ଆସନ୍ତୁ ଜାଣିବା ଏହି ହ୍ରଦଗୁଡ଼ିକ ସମ୍ପର୍କରେ କିଛି ରୋଚକ ତଥ୍ୟ...**

▶କେଲିମୁଟୁ ପର୍ବତ ପାର୍ଶ୍ୱରେ ଥିବା ୩ଟି ହ୍ରଦର ନାମ ଟିୟୁ ଆଟା ମୁପୁ, ଟିୟୁ କୋ ଫାଇ ନୁୱା ମୁରି ଏବଂ ଟିୟୁ ଆଟା ପୋଲୋ। ଯାହାକି ଟାମ୍, ଟିନ୍ ,ଟାପ୍‌ର ଭାବେ ଜଣାଶୁଣା। ଏହାର ପାଣିର ରଙ୍ଗ ବାରମ୍ବାର ପରିବର୍ତ୍ତନ ହୋଇଥାଏ,ଯାହାକି ଉଭୟ ପର୍ଯ୍ୟଟକ ଏବଂ ଭୂତତ୍ତ୍ୱବିଦ୍‌ମାନଙ୍କୁ ଆକୃଷ୍ଟ କରିଥାଏ।

▶ଏହି ପର୍ବତ ଏବଂ ହ୍ରଦଗୁଡିକର ଗୋଟିଏ ପାର୍ଶ୍ୱ ପାଇନ୍‌ଗଛରେ ଆଚ୍ଛାଦିତ ହୋଇ ରହିଥିବା ବେଳେ ଅନ୍ୟ ପାର୍ଶ୍ୱରେ ଭରି ରହିଛି ବାଲି ଏବଂ ପଥର।

▶ଟାମ୍ ଜଳର ରଙ୍ଗ ସାଧାରଣତଃ ନୀଳ ହୋଇଥିବା ବେଳେ ଟିନ୍ ଏବଂ ଟାପ୍ ଜଳର ରଙ୍ଗ ଯଥାକ୍ରମେ ସବୁଜ ଏବଂ ଲାଲ୍। ତେବେ କେଲିମୁଟୁ ନ୍ୟାଶନାଲ ପାର୍କ ଅଫିସିଆଲ୍ସ ଏବଂ ଇଣ୍ଡୋନେସିଆନ୍ ଗାଇଡ୍ ବୁକ୍ ରିପୋର୍ଟ ମୁତାବକ ଏହି ଜଳର ରଙ୍ଗ ମଝିରେ ମଝିରେ ପରିବର୍ତ୍ତନ ହୋଇଥାଏ। ଏମିତିକି କେବେ କେବେ ଏହାର ରଙ୍ଗ କଳା ମଧ୍ୟ ହୋଇଯାଏ। ତେବେ ଏଭଳି ରଙ୍ଗ ପରିବର୍ତ୍ତନର ମୁଖ୍ୟ କାରଣ ହେଉଛି ସେଠାରେ ଆଗ୍ନେୟ ଉଦ୍‌ଗିରଣ ଯୋଗୁ ହେଉଥିବା ରାସାୟନିକ ପରିବର୍ତ୍ତନ।

▶କିଛି ବର୍ଷ ପୂର୍ବେ ଏହାର ରଙ୍ଗ ବଦଳି ଧଳା, ସବୁଜ ଏବଂ ଲାଲ୍ ଥିବା ବେଳେ ୨୦୦୯ରେ ପୁନର୍ବାର ବଦଳି କଳା, ସବୁଜ ଏବଂ କୋକାକୋଲା ବ୍ରାଉନ୍ ହୋଇଥିଲା। ସେହିଭଳି ଭାବରେ ଏଥିରେ ସର୍ବଦା ରଙ୍ଗ ପରିବର୍ତ୍ତନ ହେଉଛି।

▶ସେଠାକାର ବାସିନ୍ଦାମାନେ ଏହାର ରଙ୍ଗ ପରିବର୍ତ୍ତନକୁ ଅନ୍ୟ ଭାବେ ଗ୍ରହଣ କରନ୍ତି। ସେମାନଙ୍କ ମତରେ ଏହି ହ୍ରଦଗୁଡିକ ହେଉଛି ଆତ୍ମାଗୁଡିକର ବାସସ୍ଥଳୀ, ତାହା ପୁଣି ଭିନ୍ନ ଭିନ୍ନ ଅର୍ଥାତ୍ ଯୁବ, ବୃଦ୍ଧ ଏବଂ ଅନ୍ୟଟି ଧାର୍ମିକ। ସେହି ଅନୁଯାୟୀ ସେମାନେ ଏହାକୁ ନାମିତ ବି କରିଛନ୍ତି।



**ୟୁ|ଥ୍|ଆ|ଲ|ର୍ଟ**

# ବିଜୁଳି ମାରୁଥିଲେ

**୨୦୧୪ ନଭେମ୍ବର ୧୩ତାରିଖର 'ସାଇଣ୍ଟିଫିକ୍ ଆମେରିକାନ୍' ପତ୍ରିକା ଅନୁଯାୟୀ, ଜାଗତିକ ଉଷ୍ମତା ବୃଦ୍ଧି ପାଇଁ ଆଜିକାଲି ଅଧିକ ବିଜୁଳି ଘଡ଼ଘଡ଼ି ମାରୁଛି। ବାୟୁମଣ୍ଡଳର ତାପମାତ୍ରା ୧ ଡିଗ୍ରୀ ସେଲସିୟସ ବଢିଲେ, ବିଜୁଳି ଘଡଘଡି ସଂଖ୍ୟା ଅତି କମ୍‌ରେ ୫ ପ୍ରତିଶତ ବଢୁଛି। ଆଉ ଏଥିପାଇଁ ଦିନକୁ ଦିନ ସମଗ୍ର ପୃଥିବୀରେ ବଜ୍ରପାତଜନିତ ମୃତ୍ୟୁସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ପ୍ରାକୃତିକ ବିପତ୍ତି ରୋକିବା କଷ୍ଟକର ହୋଇଥିବାରୁ କେଉଁ ସବୁ ଦିଗପ୍ରତି ସଚେତନ ହେଲେ ବିଜୁଳି ମାରିବା ସମୟରେ ଜୀବନ ରକ୍ଷା କରିହେବ ଜାଣି ରଖନ୍ତୁ...**

➢ଘର ଅପେକ୍ଷା ବାହାରେ ଥିବା ବେଳେ ବିଜୁଳି ସଂସ୍ପର୍ଶରେ ଆସିବା ଯୋଗୁ ଅନେକ ଜୀବନ ହାନି ହୋଇଥିବା ନଜିର ରହିଛି। ତେଣୁ ସର୍ବପ୍ରଥମ କଥା ହେଉଛି ବାହାରକୁ ଯିବା ପୂର୍ବରୁ ରେଡିଓ, ଟିଭି, ଇଣ୍ଟରନେଟ୍ ଆଦିରୁ ପାଣିପାଗ ସୂଚନା ଦେଖି ନିଅନ୍ତୁ।

➢ବାହାରେ ଥିବା ବେଳେ ହଠାତ୍ ବର୍ଷା ପବନ ଓ ବିଜୁଳି ଘଡଘଡି ଆରମ୍ଭ ହୋଇଗଲେ କାଳ ବିଳମ୍ବ ନ କରି ଘର ଭିତରକୁ କିମ୍ବା କୌଣସି ସୁରକ୍ଷିତ ସ୍ଥାନକୁ ଚାଲିଯାଆନ୍ତୁ।





➢ଘଡ଼ଘଡ଼ି ମାରିବା ଆରମ୍ଭ ହେବା ମାତ୍ରେ ଘରର କବାଟ, ଝରକା ବନ୍ଦ କରିଦିଅନ୍ତୁ। ଘଡ଼ଘଡ଼ି ମାରୁଥିବା ସମୟରେ ଖାଲି ଚଟାଣରେ ବସନ୍ତୁ ନାହିଁ କିମ୍ବା ଶୁଅନ୍ତୁ ନାହିଁ। ଲୁହା ଗ୍ରିଲ୍, ଗେଟ୍, କବାଟ ଆଦି ଛୁଅନ୍ତୁ ନାହିଁ।

➢ବିଜୁଳି ଘଡ଼ଘଡ଼ି ହେବା ସମୟରେ ଅଧିକ ମହଲାଯୁକ୍ତ ଛାତ ଉପରେ କିମ୍ବା କୌଣସି ଟାୱାର ଭଳି ଅଧିକ ଉଚ୍ଚା ସ୍ଥାନରେ ରହିବା ଆଦୌ ସୁରକ୍ଷିତ ନୁହେଁ। ସେହିପରି ପାଣି ବିଦ୍ୟୁତ୍ ସୁପରିବାହୀ ହୋଇଥିବାରୁ ପୋଖରୀ, ନଦୀ, ସମୁଦ୍ର କିମ୍ବା ସୁଇମିଂପୁଲ୍ ଭିତରେ ଥିବା ସମୟରେ ବିଜୁଳି କରେଣ୍ଟ ଲାଗିବାର ଆଶଙ୍କା ବେଶି। ତେଣୁ ଏଭଳି ସ୍ଥାନରେ ଆଦୌ ନ ରହିବା ଭଲ।

➢ବର୍ଷା ଘଡ଼ଘଡ଼ି ସମୟରେ ଗଛମୂଳେ ଆଶ୍ରୟ ନେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ କିମ୍ବା ଇଲେକ୍ଟ୍ରିପୋଷ୍ଟ ଥିବା ସ୍ଥାନରେ ମଧ୍ୟ ଠିଆ ହୁଅନ୍ତୁ ନାହିଁ। କାରଣ ଘଡ଼ଘଡ଼ି ସମୟରେ ଏଭଳି ସ୍ଥାନ ବିପଦପୂର୍ଣ୍ଣ।

➢ଘଡ଼ଘଡ଼ି ମାରୁଥିବା ସମୟରେ ମୋବାଇଲ୍ ଫୋନ୍‌ରେ କଥା ହେବାଠାରୁ ଦୂରେଇ ରୁହନ୍ତୁ। ଏହାର ଡାଟା ଅନ୍ ଥିଲେ ଅଫ୍ କରନ୍ତୁ, ଚାର୍ଜରେ ବସିଥିଲେ ତୁରନ୍ତ କାଢ଼ିଦିଅନ୍ତୁ। ଫୋନ୍ ସୁଇଚ୍‌ଅଫ୍ କରିଦେବା ଭଲ। ନଚେତ୍ ଏହା ବ୍ଲାଷ୍ଟ ହେବା ଯୋଗୁ କାନ ନଷ୍ଟ ହେବା କିମ୍ବା ଜୀବନ ଯିବାର ବି ଆଶଙ୍କା ରହିଛି। କେବଳ ଏତିକି ନୁହେଁ ଘରେ ଥିବା ସମସ୍ତ ଇଲେକ୍ଟ୍ରୋନିକ୍ ଉପକରଣ ଅନ୍‌ପ୍ଲଗ୍ କରିଦିଅନ୍ତୁ।

## ଶନି ମନ୍ଦିରରୁ ଚୋରି

ପୁରୀ ଅଫିସ: ପୁରୀ ଷ୍ଟେଶନ ନିକଟ ଶନି ମନ୍ଦିରରୁ ଚୋରି ହୋଇଥିବା ଶନିବାର ଜିଆରପି ଥାନାରେ ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ ଶୁକ୍ରବାର ବିଳମ୍ବିତ ରାତିରେ ମନ୍ଦିରର ତାଲା ଭାଙ୍ଗି ଠାକୁରଙ୍କ ସୁନା କିରଟ ଓ ଆଖି ଚୋରି କରି ନେଇଛନ୍ତି। ସକାଳୁ ପୂଜକ ମନ୍ଦିରକୁ ଆସିବାରୁ ଚୋରି ବିଷୟରେ ଜାଣିପାରିଲେ। ପୋଲିସ ଏ ଦିଗରେ ତଦନ୍ତ ଚଳାଇଥିବା ବେଳେ ସନ୍ଦେହରେ ୭ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ତେବେ ମନ୍ଦିର ନିକଟରେ ପ୍ରାୟ ଅସାମାଜିକ ଯୁବକ ବସି ନିଶା ସେବନ କରିଥାନ୍ତି। ସେମାନଙ୍କ ମଧ୍ୟରୁ କେହି ଏଭଳି କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

# ୟୁନିଟ୍-୪ ମାର୍କେଟରୁ ପୁଣି ଏକାଧିକ ପଜିଟିଭ୍

**■୭୪ ମାଛ ବ୍ୟବସାୟୀଙ୍କ ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ନ ଆସିବାରୁ ଅସନ୍ତୋଷ**

**■ମାଛ ମାର୍କେଟ ପାଇଁ ଗୋଦାମ ବନ୍ଦ, ସମସ୍ୟାରେ ଅନ୍ୟ ବ୍ୟବସାୟୀ**

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ଶନିବାର ୟୁନିଟ୍-୪ ମାର୍କେଟରେ ଏହି ଟେଷ୍ଟ କରାଯାଇଥିଲା। ଏଥିରୁ ଏକାଧିକ ପଜିଟିଭ୍ ଚିହ୍ନଟ ହୋଇଥିବା ଓ ଏମାନଙ୍କ ମଧ୍ୟରୁ ଅଧିକାଂଶ ମାଛ ଗଦି ମାଲିକ ଏବଂ କର୍ମଚାରୀ ବୋଲି କୁହାଯାଉଛି। ଆଣ୍ଟିଜେନ୍ ଟେଷ୍ଟରେ ଶୀଘ୍ର ପଜିଟିଭ୍ ଜଣାପଡୁଥିବାବେଳେ ଆକ୍ରାନ୍ତ ସମ୍ପର୍କରେ ତୁରନ୍ତ ସୂଚନା ଦିଆଯାଇ ନ ଥିବାରୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ସପ୍ତାହରେ ଲଗାତାର ଦୁଇ ଦିନରେ ମାଛ ମାର୍ଗେଟରୁ ୭ ପଜିଟିଭ୍ ଚିହ୍ନଟ ହେବା ପରେ ୟୁନିଟ୍ -୪ ବଜାର ସିଲ୍ ହୋଇଥିଲା। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ବ୍ୟବସାୟୀଙ୍କର ଶନିବାର ଆଣ୍ଟିଜେନ୍ ଟେଷ୍ଟରୁ ଆଉ କେତେଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ଭୌମନଗର ହାଟ ବ୍ୟବସାୟୀ ସଂଘ ପକ୍ଷରୁ ଜଣାପଡ଼ିଛି। ତେବେ ଏହାର ରିପୋର୍ଟ ରବିବାର ଦିଆଯିବ ବୋଲି ବିଏମ୍‌ସି କମିଶନର କହିଛନ୍ତି।

ଭୌମନଗର ହାଟ ସଂଘ ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର କହିଛନ୍ତି, ମାଛ ଗଦିରେ ପଜିଟିଭ୍ ଚିହ୍ନଟ ପରେ ମାର୍କେଟରେ ଥିବା ପାଖାପାଖି ୭୦୦ ଗୋଦାମ ଏବେ ବନ୍ଦରହିଛି। ବ୍ୟବସାୟୀମାନେ ଏବେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରଥମରୁ ହିଁ କେବଳ ମାଛ ଗଦିରୁ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି, କିନ୍ତୁ ବିଏମ୍‌ସି ପକ୍ଷରୁ କାହିଁକି ସାରା ବଜାରକୁ ସିଲ୍ କରାଯାଇଛି। ଗୋଟିଏ ପଟେ କରୋନା ଦାଉକୁ ଅନ୍ୟ ପଟେ ଦୋକାନ ବଜାର ବନ୍ଦ ବ୍ୟବସାୟୀଙ୍କ ପେଟ ପୋଡିଦେଉଛି ବୋଲି ସେ କହିଛନ୍ତି। ଟେଷ୍ଟ ସରିଲା ପରେ ଦୋକାନ ବଜାର ଖୋଲା ହେବ କି ନାହିଁ ସେନେଇ ବିଏମ୍‌ସି ଅଧିକାରୀ ରିପୋର୍ଟ ଦେବେ। ତା' ପରେ ହାଟ ସିଲ୍ ହୋଇ ରହିବ କିମ୍ବା ସିଲ୍ ଖୋଲିବ ତାହା ଜଣାପଡିବ ବୋଲି ବିଏମ୍‌ସି ଅଧିକାରୀ କହୁଛନ୍ତି। ଯଦି ଶୀଘ୍ର ମାର୍କେଟ ଖୋଲିବା ଓ ବନ୍ଦ ନେଇ ବିଏମ୍‌ସି କିଛି ନିଷ୍ପତ୍ତି ନ ନିଏ, ତେବେ ବାଧ୍ୟତାମୂଳକ ବ୍ୟବସାୟୀମାନେ ଅନ୍ୟପନ୍ଥା ବାଛିବେ ବୋଲି ବଦ୍ରି କହିଛନ୍ତି।

## ଆଇଗିଣିଆ ଆଳୁ ଗଦି ସିଲ୍ କଲେ ବ୍ୟବସାୟୀ

ଭୁବନେଶ୍ୱର ଆଇଗିଣିଆ ଆଳୁ ଗଦିକୁ ଖୋଦ୍ ବ୍ୟବସାୟୀମାନେ ସିଲ୍ କରିଛନ୍ତି। ପ୍ରଥମେ ୨ଜଣ ଓ ଏବେ ୯ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଆଳୁ ଗଦିକୁ ସଂଯୋଗ କରୁଥିବା ରାସ୍ତାରେ ବ୍ୟବସାୟୀମାନେ ବଡ଼ ବଡ଼ ଗଛ ପକାଇ ପ୍ରବେଶ ଓ ପ୍ରସ୍ଥାନ ବନ୍ଦ କରିଛନ୍ତି। ଗଦିକୁ ଥରେ ବିଶୋଧନ କରାଯାଇଥିବାବେଳେ ବିଏମ୍‌ସି ଆଉ ଥରେ ଗଦିକୁ ବିଶୋଧନ କରୁ ବୋଲି ବ୍ୟବସାୟୀମାନେ ଦାବି କରିଛନ୍ତି। ତେବେ ଆଳୁ, ପିଆଜ ଓ ସବୁଜ ପନିପରିବା ନେଇ ଅନ୍ୟ ରାଜ୍ୟ ତଥା ଅନ୍ୟ ଜିଲାରୁ ବହୁ ଟ୍ରକ୍ ଓ କଣ୍ଟେନର ଆଇଗିଣିଆ ଗଦିକୁ ଆସୁଥିବାରୁ ପଜିଟିଭ୍ ବାହାରିବା ସ୍ୱାଭାବିକ୍। ସମସ୍ତ ବ୍ୟବସାୟୀ ଉଚିତ୍ ପଦକ୍ଷେପ ଗ୍ରହଣ କରି ବ୍ୟବସାୟ ଜାରି ରଖିଛନ୍ତି ବୋଲି ବ୍ୟବସାୟୀଙ୍କ ପକ୍ଷରୁ ଜଣାପଡ଼ିଛି।




ଭୁବନେଶ୍ୱର ମହାନଗର ନିଗମର ୬୭ ନଂ. ୱାର୍ଡରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ପକ୍ଷରୁ ଶନିବାର କରୋନା ଉପରେ ସଚେତନ କରାଯାଉଛି।

# ମର୍ଯ୍ୟାଦାଜନକ ସ୍ଥିତିରେ ଓଡ଼ିଆ ସାହିତ୍ୟ

ଭୁବନେଶ୍ୱର, ୨୫।୭(ବ୍ୟୁରୋ)

ଭାରତୀୟ ସାହିତ୍ୟ ପ୍ରଚ୍ଛଦପଟରେ ସମ୍ପ୍ରତି ଓଡିଆ ସାହିତ୍ୟ ମର୍ଯ୍ୟାଦାଜନକ ସ୍ଥାନରେ ରହିଛି। କେବଳ ଉଚ୍ଚାଙ୍ଗ ସାହିତ୍ୟର ସୃଷ୍ଟି କଲେ ହେବ ନାହିଁ, ବରଂ ଏହାର ବ୍ୟବହାର ବଢିଲେ ଓଡିଆ ସାହିତ୍ୟ ବଞ୍ଚିରହିବ ବୋଲି ପ୍ରସିଦ୍ଧ ଲେଖିକା ଡ. ପ୍ରତିଭା ରାୟ କହିଛନ୍ତି। ନୂଆଦିଲ୍ଲୀସ୍ଥିତ ଓଡ଼ିଆ ସମାଜ ପକ୍ଷରୁ 'ଓଡ଼ିଆ ଭାଷା ଓ ସାହିତ୍ୟ: କିଛି ଦୃଷ୍ଟି, କିଛି ଚିନ୍ତା' ପ୍ରସଙ୍ଗକୁ ନେଇ ଆୟୋଜିତ ୱେବିନାରରେ ମୁଖ୍ୟବକ୍ତାଭାବେ ଯୋଗଦେଇ ରାୟ କହିଥିଲେ, ସାହିତ୍ୟ ସର୍ବଦା ମାଟି ଓ ସମାଜ ସହ ସଂଶ୍ଳିଷ୍ଟ ହୋଇରହିଛି। ଏହା ବ୍ୟକ୍ତିକୈନ୍ଦ୍ରିକ ନୁହେଁ। ମାଟିରେ ଗୋଳେଇ ହୋଇ ଚରିତ୍ର ସହ ଏକାକାର ହୋଇ ସାହିତ୍ୟ ରଚନା କରିବାକୁ ହେବ। ସାହିତ୍ୟ ରଚନା ସମୟରେ ଆତ୍ମସମ୍ମାନ, ଆତ୍ମବିଶ୍ୱାସ ଓ ଆତ୍ମମର୍ଯ୍ୟାଦାକୁ ମନେରଖିବାକୁ ହେବ ବୋଲି ସେ କହିଥିଲେ।

ସାହିତ୍ୟିକା ପାରମିତା ଶତପଥୀଙ୍କ ସଂଚାଳନାରେ ଅନୁଷ୍ଠିତ ଏହି ୱେବିନାରରେ ବିଶିଷ୍ଟ ଲେଖକ ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ କହିଥିଲେ, ସାହିତ୍ୟ ନ ରହିଲେ ବିଶ୍ୱ ପରିଚାଳିତ ହେବନାହିଁ। ଆତ୍ମାର ଅଭିବ୍ୟକ୍ତି ହେଉଛି ସାହିତ୍ୟ ରଚନା। ମାତ୍ର ସାହିତ୍ୟ ଏବେ ମୁମୂର୍ଷୁ ଅବସ୍ଥାରେ। ୧୯୧୩ରେ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏପର୍ଯ୍ୟନ୍ତ କୌଣସି ଭାରତୀୟ ସାହିତ୍ୟିକ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ନ ହେବା ବିଡମ୍ବନାର ବିଷୟ ବୋଲି ସେ କହିଥିଲେ। ସ୍ୱାଧୀନତା ପୂର୍ବବର୍ତ୍ତୀ ସାହିତ୍ୟକୁ ପାଠ କଲେ ଜଣେ ଆବିଳତାମୁକ୍ତ ହେବ ଓ ତା'ର ଚେତନା ପରିଶୁଦ୍ଧ ହେବ ବୋଲି ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଧ୍ୟାପକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର କହିଥିଲେ। ପ୍ରାରମ୍ଭରେ ପଲ୍ଲୀବାଣୀର ମୁଖ୍ୟ ସମ୍ପାଦକ ରାମଚନ୍ଦ୍ର ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ସମାଜ ସଭାପତି ସିଦ୍ଧାର୍ଥ ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ମୃଦୁଳା ପ୍ରଧାନ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## କଂଗ୍ରେସ ଭବନରେ ଭୋଜି, ଥାନାରେ ମାମଲା

ଭୁବନେଶ୍ୱର, ୨୫।୭ (ବ୍ୟୁରୋ): ସହରରେ ଲକ୍‌ଡାଉନ୍ ଜାରି ରହିଥିବାବେଳେ କୋଭିଡ୍ ନିୟମକୁ ଉଲ୍ଲଂଘନ କରାଯାଇ କଂଗ୍ରେସ ଭବନରେ ଗତ ବୁଧବାର ୨୨ ତାରିଖରେ ଭୋଜିଭାତ ହୋଇଥିବା ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ମୁତାବକ, ଉକ୍ତ ଭୋଜିରେ କେତେଜଣ ନେତା ଓ କର୍ମୀ ସାମିଲ୍ ହୋଇଥିଲେ। ଏବେ ପୋଲିସ ସେମାନଙ୍କ ତାଲିକା କରିଥିବା ଜଣାଯାଇଛି। ତେବେ ତଦନ୍ତ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଥାନାଧିକାରୀ ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ପୂର୍ବରୁ ମଧ୍ୟ କୋଭିଡ କଟକଣା ଉଲ୍ଲଂଘନ କରି ମାଷ୍ଟରକ୍ୟାଣ୍ଟିନ ଛକରେ କେତେଜଣ କଂଗ୍ରେସ ନେତା ଏକତ୍ରିତ ହୋଇଥିବାରୁ ଜରିମାନା ଦେଇଥିଲେ।

## ରାସ୍ତାକଡ଼ରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ଡେଲାଙ୍ଗ, ୨୫।୭(ଡି.ଏନ.ଏ.)

ଡେଲାଙ୍ଗ ଥାନା ପୋସଲ ଛକ ନିକଟ ରାସ୍ତାକଡ଼ରୁ ଶନିବାର ଏକ ନବଜାତ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଛି। ପରେ ପୋଲିସ ସହାୟତାରେ ଏହି ଶିଶୁକନ୍ୟାକୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି। ଶନିବାର ଭୋର ୫ଟାରେ ସାଦପଡ଼ା ଗ୍ରାମର ଦୁର୍ଯ୍ୟୋଧନ ମହାପାତ୍ର ଶୌଚ ହେବାକୁ ପୋସଲ ଛକପଟୁ ଯିବାବେଳେ ଛୋଟ ପିଲା କାନ୍ଦିବାର ଶୁଣିଥିଲେ। ସେଠାରୁ ସେ ଶିଶୁକୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସା ପରେ ଦୁର୍ଯ୍ୟୋଧନ ତାଙ୍କ ସମ୍ପର୍କୀୟ ବେରବୋଇ ଗ୍ରାମର ସଞ୍ଜୟ ପ୍ରଧାନ ଓ ସ୍ତ୍ରୀ ଶୁଭଶ୍ରୀଙ୍କୁ କହିଥିଲେ। ସେମାନେ ଆସି ତାଙ୍କଠାରୁ ଶିଶୁଟିକୁ ଘରକୁ ନେଇଯିବା ସହ ଡେଲାଙ୍ଗ ହାଟ ଫାଣ୍ଡିରେ ଜଣାଇଥିଲେ। ଖବରପାଇ ପୋଲିସ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲେ। ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ଜିଲା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ୍ ରଥ ଓ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସଞ୍ଜୟଙ୍କ ଘରେ ପହଞ୍ଚି ଥିଲେ। ସେଠାରେ ସଞ୍ଜୟ ଓ ତାଙ୍କ ସ୍ତ୍ରୀ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଶିଶୁଟିକୁ ହସ୍ତାନ୍ତର କରିବା ବେଳେ ଭାବବିହ୍ୱଳ ହୋଇପଡ଼ିଥିଲେ। ଶିଶୁ ସୁରକ୍ଷା ଅଧିକାରୀ କୁହନ୍ତି, ଶିଶୁଟିର ଅଧିକ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯିବ। ଶିଶୁ ମଙ୍ଗଳ କମିଟିକୁ ନିଆଯିବ।

## ପ୍ଲାଜ୍‌ମା ଦେଲେ ୨ ପୋଲିସ କର୍ମଚାରୀ

କଟକ ଅଫିସ, ୨୫।୭




ଓଡ଼ିଶା ପୋଲିସର ଆଉ ଦୁଇଜଣ କର୍ମଚାରୀ ଶନିବାର ପ୍ଲାଜ୍‌ମା ଦାନ କରିଛନ୍ତି। ସେମାନେ ହେଲେ ଓଏସ୍‌ଏପି ତୃତୀୟ ବାଟାଲିଅନର ସିପାହି ତରୁଣ କୁମାର ଦାସ ଏବଂ ଓଏସ୍‌ଏପି ପ୍ରଥମ ଆଇଆର୍ ବାଟାଲିଅନର କନଷ୍ଟେବଳ ଟୁକୁନା ପ୍ରଧାନ। ଉଭୟ କଟକ ଏସ୍‌ସିବି ମେଡିକାଲ୍‌ର ପ୍ଲାଜ୍‌ମା ବ୍ୟାଙ୍କ୍‌ରେ ପ୍ଲାଜ୍‌ମା ଦାନ କରିଛନ୍ତି। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅଭୟ ଉଭୟଙ୍କୁ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ମଧ୍ୟ ଦୁଇଜଣ ପୋଲିସ କର୍ମଚାରୀ ପ୍ଲାଜ୍‌ମା ଦାନ କରିଥିଲେ।

# ଜେଲ ବିଭାଗର ଖୋଳତାଡ଼ ଆରମ୍ଭ

**ଜେଲରେ ଗ୍ୟାଙ୍ଗଷ୍ଟର ଟିଟୋଙ୍କ ଖଟି ଘଟଣା**

**■ଜେଲ କର୍ମଚାରୀ ଭିଡିଓ ଶୁଟ୍ କରିଥିବା ସନ୍ଦେହ**

**■ଖବରଦାତାଙ୍କୁ ମଗାଗଲା ଭାଇରାଲ ଭିଡିଓ ଫୁଟେଜ**

ଭୁବନେଶ୍ୱର, ୨୫।୭ (ବ୍ୟୁରୋ)

ଝାରପଡା ଜେଲରେ ଗ୍ୟାଙ୍ଗଷ୍ଟର ଟିଟୋ ରାଜ୍ କରୁଛନ୍ତି। ତାଙ୍କ ଗ୍ୟାଙ୍ଗର କେଜେଣ ସହଯୋଗୀ ସେଠାରେ ଥିବାରୁ ଜେଲ୍‌ରେ ମଧ୍ୟ ଗୋଷ୍ଠୀ କରିଛନ୍ତି। ଅନ୍ୟ କଏଦୀ ଓ କେତେଜଣ ଜେଲ କର୍ମଚାରୀ ମଧ୍ୟ ତାଙ୍କ କଥାରେ ଉଠ୍‌ବସ୍ ହେଉଛନ୍ତି। ଶୁକ୍ରବାର ଜେଲ ପରିସର ମଣ୍ଡପରେ ଟିଟୋ ତା'ର ୫ରୁ ଉର୍ଦ୍ଧ୍ୱ ସହଯୋଗୀ କଏଦୀଙ୍କ ସହ ବସି ଖଟି କରୁଥିବା ଭିଡ଼ିଓ ଭାଇରାଲ ହେବା ପରେ ଏଭଳି ଖବର ସାମ୍ନାକୁ ଆସିଛି। ଜେଲ୍ ଭିତରେ ଗ୍ୟାଙ୍ଗଷ୍ଟରଙ୍କ କାର୍‌ନାମା ପଦାକୁ ଆସିବା ପରେ ଜେଲ ବିଭାଗ ଅଡୁଆରେ ପଡିଛି। ଫଳରେ ବିଭାଗ ପକ୍ଷରୁ ଏହାର ଖୋଳତାଡ଼ ଆରମ୍ଭ ହୋଇଛି। କଏଦୀଙ୍କ ପାଖକୁ ମୋବାଇଲ୍ ଫୋନ୍ ଓ ନିଶାଦ୍ରବ୍ୟ କିପରି ଯାଉଛି ତାହା ବର୍ତ୍ତମାନ ବଡ଼ ପ୍ରଶ୍ନ ହୋଇଛି। ତେବେ ସବୁଥର ଭଳି ଜେଲ ବିଭାଗ ଏହି ଖୋଳତାଡ଼ ଲୋକଦେଖାଣିଆ ବୋଲି ମଧ୍ୟ ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ଭାଇରାଲ ହୋଇଥିବା ଟିଟୋଙ୍କ ଭିଡିଓକୁ ଜେଲର ଜଣେ କର୍ମଚାରୀ କରିଥିବା କୁହାଯାଉଛି। କାରଣ ପୂର୍ବରୁ ଜେଲ ଭିତରୁ ମିଳୁଥିବା ବେଆଇନ ସାମଗ୍ରୀ କର୍ମଚାରୀଙ୍କ ଦ୍ୱାରା ଭିତରକୁ ଯାଉଥିବା ଜଣାପଡିଛି। ତେଣୁ ଜେଲ ବିଭାଗ ଖବରଦାତାଙ୍କୁ ଉକ୍ତ ଭାଇରାଲ ଭିଡିଓ ଫୁଟେଜ ମାଗିଛି। ଅରିଜନାଲ ଭିଡିଓ ମିଳିବା ପରେ ଯାଞ୍ଚ କରାଯିବ। ଭିଡିଓଟି କେଉଁ ମୋବାଇଲରେ ରେକର୍ଡିଂ ହୋଇଛି, ଜେଲ କର୍ମଚାରୀଙ୍କ ମଧ୍ୟରୁ କାହାର ଯଦି ଉକ୍ତ ମଡେଲର ମୋବାଇଲ ଫୋନ୍ ରହିଥିବା ଜଣାପଡିବ ଓ ତାଙ୍କୁ ଚିହ୍ନଟ କରାଯିବ ବୋଲି ଜେଲ ବିଭାଗ ସୂତ୍ରରୁ ଜଣାପଡିଛି। ଏନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଧୀରେନ ନାଥ ବାରିକ କହିଛନ୍ତି, କମିଶନରେଟ ପୋଲିସ ଘଟଣାର ତଦନ୍ତ କରୁଛି। ଏହାସହ ଜେଲ ବିଭାଗ ମଧ୍ୟ ଖୋଳତାଡ଼ ଚଳାଇଛି। ଭାଇରାଲ ପଛରେ ଜେଲ କର୍ମଚାରୀଙ୍କ ସମ୍ପୃକ୍ତି ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ୫ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା

ପୁରୀ ଅଫିସ, ୨୫।୭

ପୁରୀ ଜିଲାରେ ଶନିବାର ୯୦ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲାର ୫ଟି ସ୍ଥାନରେ କଣ୍ଟେନମେଣ୍ଟ କଟକଣା ଲଗାଯାଇଛି। ବ୍ରହ୍ମଗିରି ବ୍ଲକର ୪ଟି ସ୍ଥାନ ଏବଂ ପିପିଲି ବ୍ଲକର ଗୋଟିଏ ଜାଗାରେ ଜିଲା ପ୍ରଶାସନ ଏହି କଟକଣା ଲଗାଇଛି। ବ୍ରହ୍ମଗିରି ବ୍ଲକର ବ୍ରହ୍ମଗିରି ପଞ୍ଚାୟତର ଅଲାରପୁର ଗୋପ, ବାଲିସାହି, ରାହାଡ଼ମଲ୍ଲ ପଞ୍ଚାୟତର ଭାଟପଡା ଏବଂ କାଣ୍ଡଗୋଦା ପଞ୍ଚାୟତର ହରପଦା ଗାଁକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି। ସେହିପରି ପିପିଲି ବ୍ଲକର ଜଗନ୍ନାଥପୁର ପଞ୍ଚାୟତର ଲୋହାପୁର ଗାଁକୁ ମଧ୍ୟ କଣ୍ଟେନମେଣ୍ଟ ଜୋନ କରାଯାଇଛି। ଶନିବାର ସକାଳ ୭ଟାରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉପରୋକ୍ତ ୫ଟି ସ୍ଥାନରେ ଏହି କଟକଣା ବଳବତ୍ତର ରହିଛି। ଏହି ଅଞ୍ଚଳର ଲୋକେ ବାହାରକୁ ଆସିବେ ନାହିଁ କିମ୍ବା ବାହାର ଲୋକ ସମ୍ପୃକ୍ତ ଅଞ୍ଚଳକୁ ପ୍ରବେଶ କରିପାରିବେ ନାହିଁ । ଏହା ପରିସରରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦୋକାନ ବଜାର ବନ୍ଦ କରିଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ଅତ୍ୟାବଶ୍ୟକ ସେବା ଓ ଦ୍ରବ୍ୟ ଯୋଗାଣ ନିମନ୍ତେ ବ୍ରହ୍ମଗିରି ବିଡିଓ ଏବଂ ପିପିଲି ବିଡିଓଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ୩ କରୋନା ରୋଗୀଙ୍କ ଡାଏଲିସିସ୍

କଟକ ଅଫିସ, ୨୫।୭: ଏସ୍‌ସିବିରେ ୩ଜଣ କିଡ୍‌ନୀ ଫେଲ୍ୟୁୟର କରୋନା ଆକ୍ରାନ୍ତ ରୋଗୀଙ୍କ ଶନିବାର ଡାଏଲିସିସ କରାଯାଇଛି। ଏହି ୩ ରୋଗୀଙ୍କ ପାଇଁ ନେଫ୍ରୋଲୋଜି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ସମସ୍ତ ସାବଧାନତା ଅବଲମ୍ବନ କରାଯାଇଥିଲା। ସମସ୍ତ କର୍ମଚାରୀ ବ୍ୟକ୍ତିଗତ ସୁରକ୍ଷା କିଟ୍ ପିନ୍ଧିଥିଲେ। ଡାଏଲିସିସ୍ ଶେଷ ହେବା ପରେ ସମସ୍ତ ରୋଗୀଙ୍କୁ ପୁଣି ଆଇସୋଲେଶନ ୱାର୍ଡକୁ ପଠାଇ ଦିଆଯାଇଛି। ଡାଏଲିସିସ୍ ପାଇଁ ନିୟୋଜିତ ହୋଇଥିବା ସମସ୍ତ ମେଶିନର ବିଶୋଧନ କରାଯାଇଛି। ଏହି ୩ଟି ମେଶିନକୁ କିଛି ଦିନ ପାଇଁ ରୋଗୀ ସେବାରେ ବ୍ୟବହାର କରାଯିବ ନାହିଁ। ଆଇସୋଲେଶନ ୱାର୍ଡରେ ଆଉ ଜଣେ ନେଗେଟିଭ ରିପୋର୍ଟ ଥିବା ରୋଗୀଙ୍କର ମଧ୍ୟ ଡାଏଲିସିସ କରାଯାଇଛି। ଲକ୍‌ଡାଉନରୁ ଏଯାବତ୍ ନେଫ୍ରୋଲୋଜି ବିଭାଗରେ ପ୍ରାୟ ୪୫୦୦ ଡାଏଲିସିସ କରାଯାଇଛି। ଶନିବାର ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗର ମିଳିତ ସହାୟତାରେ ହୋଇଥିବା ଟ୍ରାନ୍ସପ୍ଲାଣ୍ଟକୁ ମିଶାଇ ମୋଟ ଦୁଇଟି ଟ୍ରାନ୍ସପ୍ଲାଣ୍ଟ କରାଯାଇଥିବା ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### ୩ ୱାର୍ଡ ୭୨ଘଣ୍ଟା ଶଟ୍‌ଡାଉନ

କଣ୍ଟାପଡ଼ା, ୨୫।୭(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ବ୍ରାହ୍ମଣବାଟୀ ପଞ୍ଚାୟତର ଜଣେ ବ୍ୟକ୍ତି କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ଗାୟତ୍ରୀ ରାଉତରାୟ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ବଡବିଲି ଗ୍ରାମର ୯, ୧୦ ଓ ୧୧ନଂ. ୱାର୍ଡକୁ ୭୨ଘଣ୍ଟା ପର୍ଯ୍ୟନ୍ତ ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ସନ୍ଧ୍ୟା ୬ଟାରୁ ଆସନ୍ତା ୨୮ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଏହି ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟତୀତ ସମସ୍ତ ଦୋକାନ ଏବଂ ବଡବିଲ ସାପ୍ତାହିକ ହାଟ ବନ୍ଦ ରହିବ। କୌଣସି ବ୍ୟକ୍ତି ଗ୍ରାମରୁ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ରାଉତରାୟ କହିଛନ୍ତି।

### ୩ ୱାର୍ଡ ୪ଦିନ ଶଟ୍‌ଡାଉନ

ଚୌଦ୍ୱାର, ୨୫।୭(ଡି.ଏନ୍.ଏ.): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖିଡ଼ି ପଞ୍ଚାୟତର ମାହଳପଡା ଗ୍ରାମର ଜଣେ ୩୮ବର୍ଷୀୟ ପୁରୁଷ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସରପଞ୍ଚ ଶାନ୍ତିପ୍ରିୟ ମହାନ୍ତି ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଉକ୍ତ ଗ୍ରାମର ୩ଟି ୱାର୍ଡକୁ ୪ଦିନ ଲାଗି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଶନିବାର ପୂର୍ବାହ୍ନ ୧୦ଟାରୁ ୨୯ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଏହି କଟକଣା ବଳବତ୍ତର ରହିବ। ଅଗ୍ନିଶମ ବିଭାଗ ପକ୍ଷରୁ ଏହି ଗ୍ରାମକୁ ସାନିଟାଇଜ୍ କରାଯାଇଛି। ଲୋକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଛି ବୋଲି ସରପଞ୍ଚ ମହାନ୍ତି କହିଛନ୍ତି।

### ଅନ୍ତର୍ଜାତୀୟ ଅନ୍‌ଲାଇନ୍ କଳା ପ୍ରଦର୍ଶନୀ ଉଦ୍‌ଯାପିତ

ପୁରୁଣା ଭୁବନେଶ୍ୱର, ୨୫।୭(ଡି.ଏନ୍.ଏ.): ହାଇଦ୍ରାବାଦର କଳାମିତ୍ର ଫାଉଣ୍ଡେଶନ ଓ ଧଉଳି ଚାରୁକଳା ମହାବିଦ୍ୟାଳୟ ଦ୍ୱାରା ଆୟୋଜିତ ୧୦ଦିନିଆ ଅନ୍ତର୍ଜାତୀୟ ଅନଲାଇନ୍ କଳା ପ୍ରଦର୍ଶନୀ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଗୁଗଲମିଟ୍ ଜରିଆରେ ଲଳିତକଳା ଏକାଡେମୀ, ନୂଆଦିଲ୍ଲୀର ଅବସରପ୍ରାପ୍ତ ଆଡମିନିଷ୍ଟ୍ରେଟର ସି.ଏସ୍.କ୍ରିଷ୍ଣା ସେଠୀ, ଓଡ଼ିଶା ଲଳିତକଳା ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଓ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ ଏବଂ ହଙ୍ଗେରୀର ଶିଳ୍ପୀ ଡୁରୋସ୍ ମାର୍ଗାରେଟ ପ୍ରମୁଖ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପରେ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ପ୍ରଦର୍ଶନୀର ରଙ୍ଗୀନ ପୁସ୍ତକକୁ ଅତିଥିଙ୍କ ସମ୍ମୁଖରେ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଶିଳ୍ପୀ ମନୋରଞ୍ଜନ ହେରାଥେ, ହାଗୋପ୍ ସୁଲାହନ, ପିନାଲ ପଞ୍ଚାଲ, ପଞ୍ଚାନନ୍ ସାମଲ୍, ଏମ୍.ରମେଶ ଓ କେ.ଏମ୍.ସରବରନନ୍‌ଙ୍କ ସ୍ୱନିର୍ମିତ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିରୋଜ ମିତ୍ର, ସୁନିତା ଲାମ୍ବା, ଭି. ଉମାଶଙ୍କର, ଭି.ଭି. ନିମ୍ଭୋଲ କର, ରବିନାରାୟଣ ଗୁପ୍ତା, ମୁନୁ ସ୍ୱାମୀ, ଗୋବିନ୍ଦ ରେଡ୍ଡି, ଲିପିଶ୍ରୀ ନାୟକ, ସସ୍ମିତା କମିଲା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅଧାପକ ବିଶ୍ୱକାନ୍ତ ପଣ୍ଡା, ଏମ୍.ରମେଶ ସଂଯୋଜନା କରିବା ସହ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ୍ ସାମଲ ପରିଚାଳନା କରିଥିଲେ।

# କରୋନା ବେଳେ ରକ୍ତ ସଙ୍କଟ ଏଡ଼ାଇବ ରକ୍ତଦାନ ଶିବିର

କଟକ ଅଫିସ, ୨୫।୭

ବାରବାଟୀ ଷ୍ଟାଡିୟମସ୍ଥିତ ସଚିନ ତେନ୍ଦୁଲକର ଇନ୍‌ଡୋର ହଲ୍‌ରେ ଓଡ଼ିଶା ମୋ' ପରିବାର ଓ ଜୀବନ ବିନ୍ଦୁର ମିଳିତ ଆନୁକୂଲ୍ୟରେ ସାତଦିନିଆ ରକ୍ତଦାନ ଶିବିର ଚାଲିଛି। ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ୩୭ ଓ ଶନିବାର ଦ୍ୱିତୀୟ ଦିନରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଓଡ଼ିଶା ମୋ' ପରିବାର ସଂଯୋଜକ ଅରୂପ ପଟ୍ଟନାୟକ, ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଦେବୀପ୍ରସାଦ ମିଶ୍ର, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ପ୍ରଭାତ ବିଶ୍ୱାଳ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କରୋନା ମହାମାରୀ ସମୟରେ ଦେଖାଦେଉଥିବା ରକ୍ତ ସଙ୍କଟ ଏଡ଼ାଇବା ପାଇଁ ଏହି ଉଦ୍ୟମ ବୋଲି ଆୟୋଜକ ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରେସ ବିବୃତ୍ତିରେ କହିଛନ୍ତି। ଜୀବନ ବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ, ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ବିଶ୍ୱଜିତ ମହାନ୍ତି, ଧର୍ମେଶ ନାୟକ, ସନ୍ତୋଷ ମହାପାତ୍ର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ହୋମିଓପାଥି ବଣ୍ଟନ

ପୁରୀ ଅଫିସ, ୨୫।୭

କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସଙ୍ଗଠନ ପକ୍ଷରୁ ଏଥିପାଇଁ ହୋମିଓପାଥିକ ଔଷଧ ବଣ୍ଟାଯାଉଛି। ଭାରତ ବିକାଶ ପରିଷଦ ଶ୍ରୀଜଗନ୍ନାଥ ଧାମ ଶାଖା ପକ୍ଷରୁ ଶନିବାର ଅଠରନଳା ନିକଟ ନୀଳଚକ୍ର ନଗର ଅଧିବାସୀଙ୍କୁ ହୋମିଓପାଥି ଔଷଧ ଆର୍ସେନିକ ଆଲବମ୍ ୩୦ ବଣ୍ଟାଯାଇଛି। ୨୫୦ ପରିବାରର ୧୨୬୭ ଜଣଙ୍କୁ ଏହା ଦିଆଯିବା ସହ ସମସ୍ତଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇ ସାମାଜିକ ଦୂରତା ଏବଂ ମାସ୍କ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରାନ୍ତୀୟ ସଙ୍ଗଠନ ସଚିବ ସୌମେନ୍ଦ୍ର ଦାସଙ୍କ ସଂଯୋଜନାରେ ଅର୍ଥ ସଚିବ ଗୌରାଙ୍ଗ ମିଶ୍ର, ଆଇନଜୀବୀ ଲାଲା ଅନନ୍ତ ସିଂ, ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଏହାକୁ ପରିଚାଳନା କରିଥିଲେ। ସେହିପରି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହି ହୋମିଓପାଥି ଔଷଧ ବଣ୍ଟନ କରାଯାଉଛି। ମ୍ୟୁନିସିପାଲିଟିର ୨୫, ୨୬, ୩୧ ଓ ୩୨ ନମ୍ବର ୱାର୍ଡରେ ପ୍ରାୟ ୪,୩୦୦ ପରିବାରକୁ ଏହି ହୋମିଓପାଥିକ ବଣ୍ଟନ କରାଯାଇଛି ବୋଲି ଆଞ୍ଚଳିକ ହୋମିଓପାଥିକ ଗବେଷଣା ଅଧିକାରୀ ଡା. ଉମାକାନ୍ତ ପୃଷ୍ଟି ସୂଚନା ଦେଇଛନ୍ତି।

# କମ୍ପାନୀ ସିଇଓ ଆଶା ଦେଖାଇ ୨୦ଲକ୍ଷ ଲୁଟ୍

**ଶିକ୍ଷିତଙ୍କୁ ସାଇବର ଅପରାଧୀଙ୍କ ଟାର୍ଗେଟ**

**■ଇଣ୍ଟରନେଟ୍‌ରେ ସର୍ଚ୍ଚ କଲେ ମିଳୁଛି ଏକାଧିକ ଫେକ୍ ୱେବ୍‌ସାଇଟ୍**

**■ଚାକିରି ଦେବା ବାହାନାରେ ଲୁଟୁଛନ୍ତି ଟଙ୍କା**

ଭୁବନେଶ୍ୱର, ୨୫।୭ (ବ୍ୟୁରୋ)

କରୋନା ଓ ଲକ୍‌ଡାଉନ୍ ଯୋଗୁ ଲକ୍ଷ ଲକ୍ଷ ଲୋକ ଚାକିରି ହରାଇଛନ୍ତି। ବହୁ ଶିକ୍ଷିତ ଯୁବତୀଯୁବକ ବାହାର ରାଜ୍ୟ ଓ ଦେଶରୁ ଘରକୁ ଫେରି ବେକାର ବସିଛନ୍ତି। ଏବେ ସେମାନେ ନୂଆ ଚାକିରି ପାଇବା ଆଶାରେ ଇଣ୍ଟରନେଟ୍ ଓ ସୋସିଆଲ ମିଡିଆରେ ଖୋଜାଖୋଜି କରୁଛନ୍ତି। ଏହାର ସୁଯୋଗ ନେଇ ସାଇବର ଠକମାନେ ସକ୍ରିୟ ହୋଇପଡିଛନ୍ତି। ଚାକିରି ଯୋଗାଇ ଦେବା ନାଁରେ ଏକାଧିକ ଫେକ୍ ୱେବ୍‌ସାଇଟ୍ ଖୋଲି ଠକେଇ କରୁଛନ୍ତି। ଏହିଭଳି ଏକ ଠକେଇର ଶିକାର ହୋଇଛନ୍ତି ପଟିଆ ଫାଲ୍‌କନ୍ ରେସିଡେନ୍ସିରେ ରହୁଥିବା ପଙ୍କଜ କୁମାର ଦାଶ। ତାଙ୍କଠାରୁ ସାଇବର ଠକମାନେ ୨୦ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇଛନ୍ତି। ସେ ଏନେଇ ପ୍ରଥମେ ଇନ୍‌ଫୋସିଟି ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ କଟକ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କିଛି ବି ସୁରାକ ପାଇପାରୁନି।

ଅଭିଯୋଗ ଅନୁଯାୟୀ, ପଙ୍କଜ ଏକ ଘରୋଇ ସଂସ୍ଥାରେ ଜେନେରାଲ ମ୍ୟାନେଜର(ଜିଏମ) ଅଛନ୍ତି। ସେ ଏକ ଭଲ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) କିମ୍ବା ଭାଇସ୍ ପ୍ରେସିଡେଣ୍ଟ ପଦ ସନ୍ଧାନରେ ଥିଲେ। ଏଥିପାଇଁ ସେ ଗୁଗଲ୍‌ରେ ସର୍ଚ୍ଚ କରିବାବେଳେ ଏକ ୱେବ୍‌ସାଇଟ୍ (www.recruitmentzone.in) ପାଇଥିଲେ। ସେଥିରେ ସେ ନିଜର ବାୟୋଡାଟା ଅପ୍‌ଲୋଡ଼ କରିଥିଲେ। କିଛିଦିନ ପରେ ପଙ୍କଜଙ୍କ ମୋବାଇଲ୍ ଫୋନ୍‌କୁ ଏକ କଲ୍ ଆସିଥିଲା। ଏକ ବଡ଼ କମ୍ପାନୀରେ ସିଇଓ ଚାକିରି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କହିବା ସହ ଏହି ସହଯୋଗ ପାଇଁ ତାଙ୍କ ସଂସ୍ଥା ଟଙ୍କା ନେଉଥିବା କହିଥିଲେ। କରୋନା ଆଳ ଦେଖାଇ ଅନ୍‌ଲାଇନ୍‌ରେ ପଙ୍କଜଙ୍କଠାରୁ ୨୦ ଲକ୍ଷ ୩୦ ହଜାର ଟଙ୍କାନେବା ସହ ଜାଲ୍ ରସିଦ୍ ପଠାଇଥିଲେ ଉକ୍ତ ଠକ। ହେଲେ ପରେ ଚାକିରି ନେଇ କିଛି ବି ଚିଠି ଆସି ନ ଥିଲା। ପରେ ପଙ୍କଜ କଲ୍ ଆସିଥିବା ଉକ୍ତ ନମ୍ବରକୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ବହୁଦିନ ଧରି ବନ୍ଦ ରହିବାରୁ ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ଉକ୍ତ ୱେବ୍‌ସାଇଟ୍ ଜାଲ୍ ବୋଲି ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

କେବଳ ପଙ୍କଜ ନୁହେଁ, ରଜଧାନୀର ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଭଳି ଠକେଇର ଶିକାର ହୋଇଥିବା ଜଣାପଡିଛଇ। କେତେଜଣ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଆଉ କେତେଜଣ ଲାଜରେ ଚୁପ୍ ରହିଛନ୍ତି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି, ଅଭିଯୋଗକୁ ଗୁରୁତ୍ୱର ସହ ନିଆଯାଇ ତଦନ୍ତ ଚାଲିଛି। ଅପରାଧୀମାନେ ଦେଶ ବାହାରେ ରହି ଏଭଳି କରୁଥିବାରୁ ଧରିବା ମୁସ୍କିଲ ହେଉଛି। ସାଇବର ଅପରାଧରୁ ରକ୍ଷା ପାଇବା ପାଇଁ ଆସନ୍ତା ସପ୍ତାହରୁ ଲୋକଙ୍କୁ ସଚେତନ କରିବୁ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଜୁଲାଇ ୨୬/୨୦୨୦ Sunday, July 26/2020


## ଦକ୍ଷିଣ ଆଫ୍ରିକା ମହିଳା ଦଳରେ ୩ ପଜିଟିଭ୍

**ଜୋହାନ୍ସବର୍ଗ,୨୫।୭(ପି.ଟି.):** ଇଂଲଣ୍ଡ ଗସ୍ତ ପାଇଁ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବାକୁ ଥିବା ଦକ୍ଷିଣ ଆଫ୍ରିକା କ୍ରିକେଟ ଦଳର ୩ ଜଣ ସଦସ୍ୟ କରୋନ ପଜିଟିଭ୍ ବୋଲି ଜଣାପଡିଛି। ଜଣେ ସପୋର୍ଟ ଷ୍ଟାଫ୍‌ଙ୍କ ସହିତ ୩ ଜଣ ସଦସ୍ୟଙ୍କୁ କ୍ୟାମ୍ପରୁ ପ୍ରତ୍ୟାହାର କରି ନିଆଯାଇଛି ବୋଲି କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍ଏ) ତରଫରୁ ସୂଚନା ଦିଆଯାଇଛି। ଜୁଲାଇ ୨୭ ତାରିଖରୁ ପ୍ରିଟୋରିଆରେ ଏହି ପ୍ରଶିକ୍ଷଣ ଶିବିର ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ। ଏମାନଙ୍କୁ ୧୦ ଦିନ ପାଇଁ ସେଲ୍ଫ ଆଇସୋଲେଶନରେ ରହିବାକୁ ହେବ ଓ ସେମାନେ ଟ୍ରେନିଂ କ୍ୟାମ୍ପରେ ଯୋଗ ଦେବେନାହିଁ ବୋଲି ସିଏସ୍ଏ ସ୍ପଷ୍ଟ କରିଛି। ଏହି ୩ଜଣ ସଦସ୍ୟମାନଙ୍କଠାରେ ସାମାନ୍ୟ ଲକ୍ଷଣ କିମ୍ବା ଆଦୌ କିଛି ଲକ୍ଷଣ ଦେଖାଯାଇନାହିଁ। ତେବେ ମେଡିକାଲ ଟିମ୍ ଏମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ସିଏସ୍ଏ ମେଡିକାଲ କମିଟି ପ୍ରୋଟୋକଲ ଅନୁଯାୟୀ ବାକି ଖେଳାଳିମାନେ ଅଭ୍ୟାସ କରିବେ। ଖେଳାଳି ଓ ସପୋର୍ଟଷ୍ଟାଫ୍‌ଙ୍କୁ ନେଇ ସିଏସ୍ଏ ୩୪ଟି ଟେଷ୍ଟ କରିଛି। ଦ୍ୱିତୀୟ ଟ୍ରେନିଂ କ୍ୟାମ୍ପ ପୂର୍ବରୁ ପୂରା ଦଳ ଓ ସପୋର୍ଟଷ୍ଟାଫ୍‌ମାନଙ୍କର ଦ୍ୱିତୀୟ ରାଉଣ୍ଡ ଟେଷ୍ଟ କରାଯିବ। ପ୍ରସ୍ତାବିତ ଇଂଲଣ୍ଡ ଗସ୍ତ ପାଇଁ ଦକ୍ଷିଣ ଆଫ୍ରିକା ପ୍ରସ୍ତୁତି ଆରମ୍ଭ କରିଛି। ଆସନ୍ତାବର୍ଷ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବାରୁ ପ୍ରସ୍ତୁତି ନିମନ୍ତେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡରେ ସେପ୍ଟେମ୍ବରରେ କେତୋଟି ସୀମିତ ଓଭର ମ୍ୟାଚ୍ ଖେଳିବ।

# ୱେଷ୍ଟଇଣ୍ଡିଜର ବ୍ୟାଟିଂ ବିପର୍ଯ୍ୟୟ

**ମାଞ୍ଚେଷ୍ଟର,୨୫।୭(ଏପି)**

ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ କ୍ରିକେଟ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଇଂଲଣ୍ଡ ପ୍ରଥମ ଇନିଂସରେ ସମ୍ମାନଜନକ ସ୍କୋର କରିଛି। ଦଳ ୧୧୧.୫ ଓଭରରେ ୩୬୯ ରନ କରି ଦ୍ୱିତୀୟ ଦିବସ ମଧ୍ୟାହ୍ନ ଭୋଜନ ବିରତି ପୂର୍ବରୁ ଅଲ୍‌ଆଉଟ ହୋଇଯାଇଛି। ଟେଲଏଣ୍ଡର ଷ୍ଟୁଆର୍ଟ ବ୍ରଡ୍ ୪୫ ବଲର ସମ୍ମୁଖୀନ ହୋଇ

### ଅନ୍ତିମ ଟେଷ୍ଟ

୯ ଚୌକା ଓ ୧ ଛକା ସହାୟତାରେ ଦ୍ରୁତ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳି ୱେଷ୍ଟଇଣ୍ଡିଜ ବୋଲରଙ୍କୁ ନିରାଶ କରିଥିଲେ। ଜବାବରେ ୱେଷ୍ଟଇଣ୍ଡିଜ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଖବର ନେବା ବେଳକୁ ଦଳ ୪୩ ଓଭରରେ ୬ଉଇକେଟ ହରାଇ ୧୧୪ ରନ କରିଛି। ଦଳ ଇଂଲଣ୍ଡର ପ୍ରଥମ ଇନିଂସ ସ୍କୋରଠାରୁ ଆହୁରି ୨୫୫ ରନ ପଛରେ ରହିଛି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୫୮/୪ରୁ ଖେଳ ଆରମ୍ଭ କରି ଇଂଲଣ୍ଡ କ୍ରମାଗତ ୪ ଓଭରରେ ଗୋଟିଏ ଲେଖାଏ ଉଇକେଟ ହରାଇ ବିପର୍ଯ୍ୟୟରେ ପଡି ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଓଲି ପୋପ୍ ୯୧ ରନରୁ ଖେଳ ଆରମ୍ଭ କରି ଆଉ କୌଣସି ରନ୍ ସଂଗ୍ରହ କରି ନ ପାରି ଶାନନ ଗାବ୍ରିଏଲ୍‌ଙ୍କ



ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଷ୍ଟୁଆର୍ଟ ବ୍ରଡ୍।

ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ସେହିପରି ୫୬ ରନରୁ ଖେଳ ଆରମ୍ଭ କରି ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋଶ ବଟ୍‌ଲର ୬୭ରନର ଶତକୀୟ ପାଳି ଖେଳି ଦ୍ୱିତୀୟ ସ୍ଲିପ୍‌ରେ ଜାସନ ହୋଲ୍ଡରଙ୍କୁ ଲୋ କ୍ୟାଚ୍ ଦେଇ ଗାବ୍ରିଏଲ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ବଟଲରଙ୍କ ପୂର୍ବରୁ କ୍ରିସ୍ ୱୋକ୍ସ ୧ ରନ କରିଥିବା ବେଳେ କେମର ରୋଚ୍‌ଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୩ ରନ କରିଥିବା ଜୋଫ୍ରା ଆର୍ଚର ରୋଚ୍‌ଙ୍କ ବଲ୍‌ରେ ସ୍ଲିପ୍‌ରେ ହୋଲ୍ଡରଙ୍କ ହାତରେ ଧରାପଡିଥିଲେ। ଏହାପରେ ରୋଷ୍ଟନ ଚେଜ୍‌ଙ୍କ ବଲ୍‌ରେ ଡିପ୍ ମିଡ୍‌ଉଇକେଟ୍‌ରେ ଜର୍ମେନ ବ୍ଲାକ୍‌ଉଡ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପୂର୍ବରୁ ବ୍ରଡ୍ ୬୨ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ୩୩ଟି ବଲ୍ ଖେଳି ବ୍ରାଡ୍ ଅର୍ଦ୍ଧଶତକ ହାସଲ କରିନେଇଥିଲେ। ଏହା ଇଂଲଣ୍ଡ ପାଇଁ ଯୁଗ୍ମ ତୃତୀୟ ଦ୍ରୁତ ଟେଷ୍ଟ ଅର୍ଦ୍ଧଶତକ ସାବ୍ୟସ୍ତ ହୋଇଛି। ଶେଷରେ ଜେମ୍ସ ଆଣ୍ଡରସନ ୧୧ ରନ କରି ହୋଲ୍ଡରଙ୍କ ଶିକାର ହୋଇଥିଲେ। ଡୋମିନିକ ବେସ୍ ୧୮ ରନ କରି ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର

- ଇଂଲଣ୍ଡ ପ୍ରଥମ ଇନିଂସ- ୧୧୧.୫ ଓଭରରେ ୩୬୯/ଅଲଆଉଟ (ପୋପ୍-୯୧, ବଟଲର-୬୭, ବ୍ରଡ୍-୬୨,ବର୍ନ୍ସ-୫୭, ରୋଚ୍- ୪/୭୨, ଗାବ୍ରିଏଲ- ୨/ ୭୭, ଚେଜ୍- ୨/ ୩୬)।
- ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ- ୧୧୪/୬ (ଜନ୍ କ୍ୟାମ୍ପବେଲ୍-୩୨, ଜର୍ମେନ ବ୍ଲାକ୍‌ଉଡ୍-୨୬, ଆଣ୍ଡରସନ- ୨/୧୭ , ବ୍ରଡ୍-୨/୧୭)

ନବମ ଉଇକେଟରେ ବ୍ରଡ୍ ଓ ବେସ୍ ମୂଲ୍ୟବାନ ୭୬ ରନ ଯୋଗ କରିଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ରୋଚ୍ ସର୍ବାଧିକ ୪, ଗାବ୍ରିଏଲ୍ ଓ ଚେଜ୍ ୨ଟି ଲେଖାଏ, ହୋଲ୍ଡର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ପ୍ରଥମ ଦିନରେ ଓପନର ରୋରି ବର୍ନ୍ସ ୫୭ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ପୂର୍ବରୁ ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ ଓ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇଥିଲା। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜ ୧-୧ରେ ସମାନସ୍ତରରେ ପହଞ୍ଚିଥିଲା। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ବିଜୟୀ ହେଲେ ଇଂଲଣ୍ଡ ୧୯୮୮ପରେ ପ୍ରଥମଥର ପାଇଁ ଇଂଲଣ୍ଡ ମାଟିରେ ଟେଷ୍ଟ ସିରିଜ ଜିତିବ।

## ଜାଭି ହର୍ନାଣ୍ଡିଙ୍କୁ କରୋନା

**ନୂଆଦିଲ୍ଲୀ,୨୫।୭:** ପୂର୍ବତନ ସ୍ପେନ୍ ଓ ବାର୍ସିଲୋନ ମିଡ୍‌ଫିଲ୍ଡର ତଥା ଅଲ-ସାଦ୍ କୋଚ୍ ଜାଭି ହର୍ନାଣ୍ଡିଜ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ଶନିବାର ସେ କରୋନା ପଜିଟିଭ୍ ବୋଲି ନିଜେ ସୂଚନା ଦେଇଛନ୍ତି। ତେବେ ତାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳିନାହିଁ। ଗତ ଜୁଲାଇ ୫ ତାରିଖରେ କାତାର କ୍ଲବ ଅଲ-ସାଦ୍ ସହ କୋଚ୍ ହିସାବରେ ତାଙ୍କ ଚୁକ୍ତିର ନବୀକରଣ କରିଛନ୍ତି। ଏବେ ସେ ସେଲ୍ଫ ଆଇସୋଲେଶନରେ ରହିବେ। କୋଭିଡ୍-୧୯ ମହାମାରୀ କାରଣରୁ କାତାର ଷ୍ଟାର୍ସ ଲିଗ୍ (କ୍ୟୁଏସ୍ଏଲ୍) ମାର୍ଚ୍ଚରେ ସସ୍‌ପେଣ୍ଡ ହୋଇଥିଲା। ଦୀର୍ଘଦିନ ପରେ ତାଙ୍କ ଦଳ ଶନିବାର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି। ସୁସ୍ଥ ଥିଲେ ମଧ୍ୟ ସେଲ୍ଫ ଆଇସୋଲେଶନରେ ରହିବି ଓ ପ୍ରତ୍ୟାବର୍ତ୍ତନ ମ୍ୟାଚ୍‌ରେ



ଦାୟିତ୍ୱ ନେବିନାହିଁ ବୋଲି ସେ କହିଛନ୍ତି। ପଏଣ୍ଟ ତାଲିକାରେ ଅଲ୍-ସାଦ୍ ତୃତୀୟ ସ୍ଥାନରେ ରହିଛି। ଶନିବାର ଏହି କ୍ଲବ ଅଲ୍-ଖୋର୍‌କୁ ଭେଟିବ। ଲିଗ୍‌ରେ ଆହୁରି ୫ ରାଉଣ୍ଡ ମ୍ୟାଚ୍ ବାକି ରହିଛି। ୪୦ ବର୍ଷୀୟ ହର୍ନାଣ୍ଡିଜ ସ୍ପେନ୍ ତରଫରୁ ପ୍ରତିନିଧିତ୍ୱ କରି ୧୩୩ଟି ମ୍ୟାଚ୍ ଖେଳି ୧୩ଟି ଗୋଲ ସ୍କୋର କରିଛନ୍ତି।

## ପେନାଲ୍ଟିର ସମ୍ମୁଖୀନ ହୋଇପାରନ୍ତି ଗୋଲାର୍ଟ

**ବେଜିଂ, ୨୫।୭ (ଏପି)**

ହିବେଇ ଚାଇନା ଫର୍ଚୁନ ତରଫରୁ ଖେଳୁଥିବା ଜଣେ ବ୍ରାଜିଲିଆନ ଷ୍ଟ୍ରାଇକର ରିକାର୍ଡୋ ଗୋଲାର୍ଟ ଭାଇରସ୍ ପେନାଲ୍ଟିର ସମ୍ମୁଖୀନ ହୋଇପାରନ୍ତି। ବିନା ମାସ୍କରେ ସେ ତାଙ୍କ ସମର୍ଥକଙ୍କ ସହିତ ଫଟୋ ଉଠାଇଥିବା ଅଭିଯୋଗ ହୋଇଛି। ୨୯ ବର୍ଷୀୟ ଗୋଲାର୍ଟ ପୂର୍ବରୁ ଇଟାଲୀରେ ଖେଳୁଥିଲେ। ସିଜନ ଆରମ୍ଭ ଏକ ମ୍ୟାଚ ପାଇଁ ପ୍ରସ୍ତୁତି ଲାଗି ସେ ବର୍ତ୍ତମାନ ପୂର୍ବାଞ୍ଚଳ ସହର ସୁଝୋଠାରେ ଅଛନ୍ତି। ବିନା ମାସ୍କରେ ସେ ଶୁକ୍ରବାର ଫଟୋ ଉଠାଇଥିଲେ। ଗୋଲାର୍ଟଙ୍କୁ ସସ୍‌ପେଣ୍ଡ



କରା ନ ଯାଇ ଜରିମାନା ଓ ଚେତାବନୀ ଦିଆଯାଇପାରେ ବୋଲି ଶୁଣାଯାଉଛି।

## ଅଳ୍ପ ଦର୍ଶକରେ ଅଷ୍ଟ୍ରେଲିଆନ ଓପନ୍

**ମେଲବୋର୍ନ,୨୫।୭(ଏପି)**

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ୍ ଆୟୋଜନ ନେଇ ଏବେଠାରୁ ଆୟୋଜକମାନେ ଯୋଜନା ସ୍ଥିର କଲେଣି। ଏହି ଟୁର୍ନାମେଣ୍ଟର ଆଗାମୀ ୨୦୨୧ ସଂସ୍କରଣ ଅଳ୍ପ ଦର୍ଶକଙ୍କ ଗହଣରେ ଓ ସମ୍ପୂର୍ଣ୍ଣ ଜୈବ ସୁରକ୍ଷିତ ପରିବେଶରେ ଖେଳାଯିବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଟେନିସ୍ ଅଷ୍ଟ୍ରେଲିଆ ମୁଖ୍ୟ କ୍ରେଗ୍ ଟିଲେ ଏବେ ୟୁଏସ୍ ଓପନ୍ ଓ ବିଳମ୍ବିତ ଫ୍ରେଞ୍ଚ୍ ଓପନ୍ କିପରି ଆୟୋଜନ ହେବ ତାହା ଉପରେ ଲକ୍ଷ୍ୟ ରଖିଛନ୍ତି।

ଜାନୁୟାରୀରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟ କିପରି ଆୟୋଜନ ହେବ ସେ ନେଇ ଯୋଜନା ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ସାମାଜିକ ଦୂରତ୍ୱ ନିୟମକୁ ଦୃଷ୍ଟିରେ ରଖି ଷ୍ଟାଡିୟମରେ ସିଟ୍ ସଂଖ୍ୟା କମାଯିବ। ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରାଯିବ ଓ ଏଥିପାଇଁ ବିଦେଶୀ ଦର୍ଶକଙ୍କୁ ଆସିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଗତବର୍ଷ ନୋଭାକ ଜୋକୋଭିଚ୍ ଓ ସାଫିଆ କେନିନ୍ ଯଥାକ୍ରମେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଟ୍ରଫି ହାସଲ କରିବାର ୬ ସପ୍ତାହ ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମାର୍ଚ୍ଚ ୧୨ ପର୍ଯ୍ୟନ୍ତ କରୋନ ଭାଇରସ୍‌କୁ ମହାମାରୀ ଘୋଷଣା କରି ନ ଥିଲା।

ଏଥର ମେଲବୋର୍ନ ପାର୍କରେ ଦର୍ଶକ ସଂଖ୍ୟା ପ୍ରାୟ ଅଧା ହେବ। ଆଷ୍ଟ୍ରେଲିଆରେ ପହଞ୍ଚିବା ପରେ ବିଦେଶୀ ଖେଳାଳିମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ପଡିବ। ଏହାପରେ ସେମାନଙ୍କର କୋଭିଡ୍-୧୯ ଟେଷ୍ଟ ହେବ। ଖେଳାଳିମାନେ ଜୈବ ସୁରକ୍ଷିତ ହୋଟେଲରେ ରହିବେ ଓ ଭେନ୍ୟୁକୁ ସୁରକ୍ଷିତ ଭାବେ ଯିବା ଆସିବା କରିବେ ବୋଲି କୁହାଯାଇଛି। ଚଳିତ ସପ୍ତାହରେ ଆମେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଇଛୁ ବୋଲି ଟିଲେ କହିଛନ୍ତି। ଟେନିସ ଅଷ୍ଟ୍ରେଲିଆ ଫୁଲ୍ ଟାଇମ୍ ଟୁର୍ନାମେଣ୍ଟର ଷ୍ଟାଫ୍ ସଂଖ୍ୟା ୪୫୦କୁ କମାଇଛି। ଆସନ୍ତା ଜାନୁୟାରୀ ୧୮ ତାରିଖର ଆରମ୍ଭ ହେବାକୁ ଥିବା ଅଷ୍ଟ୍ରେଲିଆନ ଓପନ୍‌ରେ ଖେଳାଳି, ସପୋର୍ଟ ଷ୍ଟାଫ୍‌ଙ୍କ ସହ ମୋଟ ୨,୫୦୦ ଲୋକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ଯଦି ପରସ୍ଥିତିରେ ଉନ୍ନତି ହୁଏ ଓ ୟୁଏସ୍ ଓପନ, ଫ୍ରେଞ୍ଚ୍ ଓପନ ଭଲରେ ଆୟୋଜନ ହୁଏ ତେବେ ଖେଳାଳିମାନେ ଆତ୍ମବିଶ୍ୱାସ ଲାଭ କରିବେ ବୋଲି ଟିଲେ ଆଶା ବ୍ୟକ୍ତ କରିଛନ୍ତି।

ଏହି ମହାମାରୀ କାରଣରୁ ୱିମ୍ବେଲଡନ ଟେନିସ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି। ସେହିପରି ଫ୍ରେଞ୍ଚ୍ ଓପନ୍‌କୁ ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସେହିପରି ୟୁଏସ୍ ଓପନ ଅଗଷ୍ଟ ୩୧ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୧୩ ତାରିଖରେ ଶେଷ ହେବ।

## କ୍ରିକେଟ ନିୟମାବଳୀର ହିନ୍ଦୀ ଅନୁବାଦ

**ଇନ୍ଦୋର, ୨୫।୭ (ପି.ଟି.):** କ୍ରିକେଟ ନିୟମାବଳୀର ହିନ୍ଦୀ ଅନୁବାଦ କରିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପୂର୍ବତନ ଅମ୍ପାୟର ରାଜୀବ ରିସୋଦକର। ମର୍ଯ୍ୟାଦାପୂର୍ଣ୍ଣ ମେରିଲ୍‌ବୋନ୍ କ୍ରିକେଟ କ୍ଲବ(ଏମ୍‌ସିସି)ର ୱେବସାଇଟ୍‌ରେ ଏହାର ଅପ୍‌ଲୋଡ୍ କରାଯାଇଛି। ଏମ୍‌ସିସି ହେଉଛି କ୍ରିକେଟ ଆଇନର ସଂରକ୍ଷକ। ମଧ୍ୟପ୍ରଦେଶ କ୍ରିକେଟ ଆସୋସିଏଶନ (ଏମ୍‌ପିସିଏ) ପାଇଁ ଏହା ଗର୍ବର ବିଷୟ ବୋଲି ଏହାର ସମ୍ପାଦକ ସଞ୍ଜୀବ ରାଓ ପ୍ରକାଶ କରିଛନ୍ତି। ୫୮ ବର୍ଷୀୟ ରିସୋଦକର ୧୯୯୭ରୁ ୨୦୧୬ ପର୍ଯ୍ୟନ୍ତ ବିସିସିଆଇ ସମ୍ପାଦକ ଭାବେ କାର୍ଯ୍ୟ କରି ଆସିଛନ୍ତି। ବର୍ତ୍ତମାନ ସେ ବିସିସିଆଇର ଲେଭଲ-୩ ଅମ୍ପାୟର ଏଜୁକେଟର। ଦୁଇ ଦଶନ୍ଧି ଧରି ସେ ଅନେକ ଅମ୍ପାୟରଙ୍କୁ ଟ୍ରେନିଂ ଦେଇ ସାରିଛନ୍ତି। କ୍ରିକେଟ ନିୟମାବଳୀ ଇଂଲିଶ ଭାଷାରେ ଲେଖା ହୋଇଛି। ବିସିସିଆଇର ପ୍ରସ୍ତାବ କ୍ରମେ ସେ ତାହାର ହିନ୍ଦୀ ଅନୁବାଦ କରିଛନ୍ତି। ଏହାଦ୍ୱାରା କ୍ରିକେଟ ପାଗଳ ଦେଶରେ ଅନେକ ଲୋକ ଖେଳର ନିୟମ ସମ୍ପର୍କରେ ଜାଣିପାରିବେ ବୋଲି ରିସୋଦକର କହିଛନ୍ତି। ହିନ୍ଦୀ ଭାଷୀ ଅମ୍ପାୟରମାନେ ମଧ୍ୟ ଏହାଦ୍ୱାରା ଉପକୃତ ହେବେ, ଯେଉଁମାନଙ୍କ ପକ୍ଷେ ଇଂଲିଶ ବୁଝିବା କଷ୍ଟକର ହୋଇଥାଏ। ଅନୁବାଦ କରିବା ଲାଗି ତାଙ୍କୁ ୧ ମାସ ପାଖାପାଖି ସମୟ ଲାଗିଥିଲା। ଲର୍ଡ୍ସସ୍ଥିତ ଏମ୍‌ସିସିର ପ୍ରତିଷ୍ଠା ୧୭୮୭ରେ ହୋଇଥିଲା। ଏହି କ୍ଲବ କ୍ରିକେଟ ଖେଳର ଆଇନ ପ୍ରଣେତା ଭାବେ କାର୍ଯ୍ୟକରିଆସୁଛି।

## ହରିୟାଣାରେ ହେବ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

**ନୂଆଦିଲ୍ଲୀ, ୨୫।୭ (ପି.ଟି.):** ୨୦୨୧ରେ ଟୋକିଓ ଅଲିମ୍ପିକ୍ସ ଶେଷ ହେବା ପରେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୪ର୍ଥ ସଂସ୍କରଣ ହରିୟାଣାରେ ହେବ। ରାଜ୍ୟ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ଓ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଶନିବାର ମିଳିତ ଭାବେ ଏକ ଭିଡିଓ କନଫରେନ୍ସ ଜରିଆରେ ଘୋଷଣା କରିଛନ୍ତି। ଗେମ୍ସ ପଞ୍ଚକୁଲାଠାରେ ଆୟୋଜନ ହେବ। ସାଧାରଣତଃ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପ୍ରତିବର୍ଷ ଜାନୁୟାରୀରେ ହୋଇଥାଏ। କରୋନା ମହାମାରୀ ଯୋଗୁ ଏଥର ତାହାକୁ ଘୁଞ୍ଚାଇ ଦିଆଯାଇଛି ବୋଲି ରିଜିଜୁ କହିଛନ୍ତି। ତେବେ ଏଥର ଗେମ୍ସ ଆୟୋଜନ ବେଳକୁ ମହାମାରୀର ପ୍ରଭାବ ହ୍ରାସ ପାଇଥିବ। ଏହା ପୂରା ମାତ୍ରାରେ ହେବ ଏବଂ ଏଥିରେ ସମସ୍ତ ରାଜ୍ୟରୁ ୧୦,୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗ ଦେବେ ବୋଲି କ୍ରୀଡ଼ାମନ୍ତ୍ରୀ ଆଶା ପ୍ରକାଶ କରି କହିଛନ୍ତି। ସୂଚନାଯୋଗ୍ୟ, ହରିୟାଣା ଏପର୍ଯ୍ୟନ୍ତ ସମସ୍ତ ତିନୋଟି ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ସଫଳତାର ସହିତ ଆୟୋଜନ କରିସାରିଛି। ଏହି ରାଜ୍ୟ ୨୦୧୯ ଓ ୨୦୨୦ ସଂସ୍କରଣରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ୨୦୧୯ରେ ହରିୟାଣା ୧୫୯ ପଦକ ଏବଂ ୨୦୨୦ରେ ୨୦୦ ପଦକ ଲାଭ କରିଥିଲା। ୨୦୧୮ରେ ଏହି ରାଜ୍ୟ ୧୦୨ ପଦକ (୩୮ ସ୍ୱର୍ଣ୍ଣ, ୨୬ ରୌପ୍ୟ ଓ ୩୮ ବ୍ରୋଞ୍ଜ) ସହ ପୋଡିୟମ ଫିନିଶ କରିଥିଲା।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ